RNI No.ODIODI/2010/33031
୧୬ ବର୍ଷ Volume- 16
ISSUE -286 ସଂଖ୍ୟା-୨୮୬
ଭୁବନେଶ୍ୱର, ଶୁକ୍ରବାର ୩୦ ଜାନୁଆରୀ ୨୦୨୬
Bhubaneswar, Friday 30 January, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN

# ମନ୍ଥନ

www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



## ଇକୋନୋମିକ୍ ସର୍ଭେ ୨୦୨୬

# ୯.୨ କୋଟି କରଦାତା ଏବଂ ୭.୪% ବିକାଶ ହାର

ନୂଆଦିଲ୍ଲୀ,୨୯।୧: ଆରମ୍ଭ ହୋଇଛି ସଂସଦର ବଜେଟ ଅଧିବେଶନ। ଆଜି ସଂସଦରେ ଉପସ୍ଥାପିତ ହୋଇଛି ଅର୍ଥନୈତିକ ସର୍ଭେ ରିପୋର୍ଟ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୫-୨୬ର ଆର୍ଥିକ ସର୍ବେକ୍ଷଣ ରିପୋର୍ଟ ଉପସ୍ଥାପନ କରିଛନ୍ତି । କେନ୍ଦ୍ରୀୟ ବଜେଟ ଉପସ୍ଥାପନ ପୂର୍ବରୁ ସରକାର ଅର୍ଥବ୍ୟବସ୍ଥାକୁ ନେଇ ଏହି ଆର୍ଥିକ ଆକଳନ ଉପସ୍ଥାପନ କରିଛନ୍ତି। ଏହା ପରେ ମଧ୍ୟାହ୍ନରେ ମୁଖ୍ୟ ଆର୍ଥିକ ପରାମର୍ଶଦାତା(ସିଇଏ) ଭି.ଅନନ୍ତ ନାଗେଶ୍ୱରନ୍ ପ୍ରେସ କନଫରେନ୍ସରେ କହିଛନ୍ତି,ଯେଉଁଥିରେ ସେ ଆର୍ଥିକ ସର୍ବୋକ୍ଷଣର ପ୍ରତିଟି ଦିଗକୁ ବିସ୍ତାର ଭାବରେ କହିଛନ୍ତି। ସେ କହିଛନ୍ତି, ଭାରତର ଆର୍ଥିକ ବିକାଶର ବେଗ ଦୃତ ହୋଇଛି। ଦରଦାମ୍ ବୃଦ୍ଧିରେ ମଧ୍ୟ ହ୍ରାସ ଘଟିଛି। ସେ କହିଛନ୍ତି, ଏହି ସଂଖ୍ୟା କହୁଛି ଘରୋଇ ଆବଶ୍ୟକତା ମଜବୁତ ରହିଛି ଓ ଆର୍ଥିକ ବର୍ଷ ୨୦୨୬ ପର୍ଯ୍ୟନ୍ତ ଦାମ୍ ଖୁବ୍ କମ୍ ହୋଇଯିବ।

ଆର୍ଥିକ ସର୍ବେକ୍ଷଣ ଉପରେ ଏକ ବିସ୍ତୃତ ପ୍ରସ୍ତୁତି ଦେଇ ସିଇଓ କହିଛନ୍ତି ବାସ୍ତବି ଜିଡିପି ବୃଦ୍ଧି ଲଗାତାର ବଢିବାରେ ଲାଗିଛି। ଏହା ଦ୍ୱାଦଶରୁ ୨୦ ତମ ଆର୍ଥିକ ବର୍ଷ ବେଳେ ହାରାହାରି ୬.୪% ଥିଲା,ଯାହାକି ୨୫ ତମ ଆର୍ଥିକ ବର୍ଷରେ ବଢି ୬.୫%ହୋଇଯାଇଛି। ୨୬ ତମ ଆର୍ଥିକ ବର୍ଷରେ ଏହା ଆହୁରି ଦୃତ ହୋଇ ୭.୪% ପର୍ଯ୍ୟନ୍ତ ପହଁଞ୍ଚିବାର ଅନୁମାନ କରାଯାଉଛି।

ସିଇଏ କହିଛନ୍ତି ଯେ ଏହି ଅଭିବୃଦ୍ଧି ସୁଦୃଢ଼ ଘରୋଇ ମୌଳିକ ତତ୍ତ୍ୱ ଦ୍ୱାରା ସମର୍ଥିତ, ଯେଉଁଥିରେ ବ୍ୟବହାର (ବ୍ୟୟ) ଏବଂ ନିବେଶ ଅନ୍ତର୍ଭୁକ୍ତ। 'ବ୍ୟକ୍ତିଗତ ବ୍ୟବହାର ଖର୍ଚ୍ଚ (ପିଏଫ୍ସିଇ) ଅଭିବୃଦ୍ଧି ଦୃଢ଼ ରହିଛି, ଦ୍ୱାଦଶରୁ




୨୦ତମ ଆର୍ଥିକ ବର୍ଷ ) ରେ ୬.୮% ରୁ ୨୫ତମ ଆର୍ଥିକ ବର୍ଷରେ ୭.୨% କୁ ବୃଦ୍ଧି ପାଇଛି, ଏବଂ ୨୬ ତମ ଆର୍ଥିକ ବର୍ଷ (ଋଣ୨୬) ରେ ଏହା ସାମାନ୍ୟ ୭.୦% କୁ ହ୍ରାସ ପାଇବ। ନିବେଶ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଇଛି। ଗ୍ରସ୍ ଫିକ୍ସ କ୍ୟାପିଟାଲ ଫର୍ମେସନ୍ (ଜିଏଫସିଏଫ) ର ଅଭିବୃଦ୍ଧି ଦ୍ୱାଦଶରୁ ୨୦ ତମ ଆର୍ଥିକ ବର୍ଷରେ ୬.୩% ରୁ ୨୫ ତମ ଆର୍ଥିକ ବର୍ଷ ରେ ୭.୧% କୁ ବୃଦ୍ଧି ପାଇଛି, ଏବଂ ୨୬ତମ ଆର୍ଥିକ ବର୍ଷରେ ୭.୮% ରେ ପହଞ୍ଚିବ। ଏହା ଲଗାତାର ପୁଞ୍ଜି ନିର୍ମାଣକୁ ଦର୍ଶାଉଛି।'ମୁଦ୍ରାସ୍ଫୀତିକୁ ନେଇ ସିଇଏ ନାଗେଶ୍ୱରନ୍ ଜୋର ଦେଇ କହିଛନ୍ତି ଯେ ଦାମର ଚାପ ଯଥେଷ୍ଟ ହ୍ରାସ ପାଇଛି।ସେ କହିଛନ୍ତି ଯେ ମୁଖ୍ୟ ସିପିଆଇ (ଉପଭୋକ୍ତା ମୂଲ୍ୟ ସୂଚକାଙ୍କ) ମୁଦ୍ରାସ୍ଫୀତି ଆର୍ଥିକ ବର୍ଷ ୨୦୨୩ରେ ୬.୭% ରୁ ଆର୍ଥିକ ବର୍ଷ ୨୦୨୪ ରେ ୫.୪% କୁ ହ୍ରାସ ପାଇଛି।ଏହା ଆହୁରି ହ୍ରାସ ପାଇ ଆର୍ଥିକ ବର୍ଷ ୨୦୨୫ରେ ୪.୭% ଏବଂ ଆର୍ଥିକ ବର୍ଷ ୨୦୨୬ ରେ ୧.୭% କୁ ହ୍ରାସ ପାଇଛି (ଡିସେମ୍ବର ସୁଦ୍ଧା)। ମୂଳ ମୁଦ୍ରାସ୍ଫୀତି (ସୁନା ଏବଂ ରୂପା ବ୍ୟତୀତ) ମଧ୍ୟ ହ୍ରାସ ପାଇଛି, ଆର୍ଥିକ ବର୍ଷ ୨୦୨୩ ରେ ୬.୧% ରୁ ହ୍ରାସ ପାଇଁ ଆର୍ଥିକ ବର୍ଷ ୨୦୨୫ ରେ ୩.୦% ହୋଇଯାଇଛି। ଆର୍ଥିକ ବର୍ଷ ୨୦୨୬ରେ ଟିକିଏ ବୃଦ୍ଧି ପାଇ (ଡିସେମ୍ବର ପର୍ଯ୍ୟନ୍ତ) ଅଳ୍ପ ବଢି ୨.୯% ହୋଇଯାଇଛି।

ସିଇଏ ଆହୁରି କହିଛନ୍ତି ଯେ ଗତ କିଛି ବର୍ଷ ଧରି ଆର୍ଥିକ ନିଅଣ୍ଟ (ସରକାରୀ ଖର୍ଚ୍ଚ ଏବଂ ରାଜସ୍ୱ ମଧ୍ୟରେ ପାର୍ଥକ୍ୟ) ଜିଡିପିର ପ୍ରତିଶତ ଭାବରେ ଆର୍ଥିକ ନିଅଣ୍ଟ ନିରନ୍ତର ହ୍ରାସ ପାଉଛି। ୨୦୨୧ ଆର୍ଥିକ ବର୍ଷରେ ୯.୨% ରେ ପହଞ୍ଚିବା ପରେ, ୨୦୨୨ ଆର୍ଥିକ ବର୍ଷରେ ଆର୍ଥିକ ନିଅଣ୍ଟ ୬.୭%, ୨୦୨୩ ଆର୍ଥିକ ବର୍ଷରେ ୬.୫% ଏବଂ ୨୪ତମ ଆର୍ଥିକ ବର୍ଷରେ ୫.୫% କୁ ହ୍ରାସ ପାଇଛି। - ଆର୍ଥିକ ବର୍ଷ ୨୦୨୫ରେ ଏହା ୪.୮% ହେବ ବୋଲି ଆକଳନ କରାଯାଇଛି ଏବଂ ୨୬ତମ ଆର୍ଥିକ ବର୍ଷ (୨୬) ପାଇଁ ବଜେଟ୍ (ବିଇ)ରେ ଏହାକୁ ଆହୁରି ହ୍ରାସ କରି ୪.୪% କୁ ହ୍ରାସ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେ କହିଛନ୍ତି ଯେ ପ୍ରାଥମିକ ନିଅଣ୍ଟ ମଧ୍ୟ ସ୍ଥିର ଭାବରେ ହ୍ରାସ ପାଇଛି, ଯାହା ଉନ୍ନତ ଆର୍ଥିକ ଶୃଙ୍ଖଳାକୁ ପ୍ରତିଫଳିତ କରେ। କର ଆଦାୟ ମଧ୍ୟ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି। କରଦାତାଙ୍କ ସଂଖ୍ୟା ୨୦୨୨ ଆର୍ଥିକ ବର୍ଷରେ ୬.୯ କୋଟି ଥିଲା,ଯାହାକି ଆର୍ଥିକ ବର୍ଷ ୨୦୨୫ ରେ ବଢିକି ୯.୨ କୋଟି ହୋଇଯାଇଛି। ଏହା ଖୁବ୍ ଭଲ ଅର୍ଥବ୍ୟବସ୍ଥାର ଔପଚାରିକରଣକୁ ଦର୍ଶାଉଛି।

## ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ବନ୍ଦ ରହିବ ଶିମିଳିପାଳ

ମୟୁରଭଞ୍ଜ,୨୯।୧: ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତ ପାଇଁ ମୟୁରଭଞ୍ଜ ଜିଲ୍ଲା ଶିମିଳିପାଳ ଅଭୟାରଣ୍ୟରେ କଟକଣା ଜାରି କରାଯାଇଛି । ରାଷ୍ଟ୍ରପତି ୬ ଦିନିଆ ଓଡ଼ିଶା ଗସ୍ତରେ ଶିମିଳିପାଳ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ଆସନ୍ତା ଫେବ୍ରୁଆରୀ ୪ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ଶିମିଳିପାଳର ବିଭିନ୍ନ ମାର୍ଗ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ । ଭାରତର ମାନ୍ୟବର ରାଷ୍ଟ୍ରପତିଙ୍କ ଶିମିଳିପାଳ ଗସ୍ତ ପାଇଁ ପର୍ଯ୍ୟଟକଙ୍କ ପାଇଁ କାଳିକାପ୍ରସାଦ ଦ୍ୱାର ଓ ଗୁଡଗୁଡିଆ ପର୍ଯ୍ୟଟନ କ୍ଷେତ୍ର ଆସନ୍ତା ୪ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ । ଫେବ୍ରୁଆରୀ ୫ରେ କେନ୍ଦ୍ରୀୟ ଜୋନ୍ (ଗୁଡଗୁଡିଆ)ରେ ଅପରାହ୍ନ ସଫାରି ଏବଂ ୬ ଫେବ୍ରୁଆରୀରେ ସକାଳ ସଫାରି ବନ୍ଦ ରହିବ । ଏ ନେଇ ଶିମିଳିପାଳ କ୍ଷେତ୍ରନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

## ଡାହାଣୀ ସନ୍ଦେହରେ ମାଆକୁ ହତ୍ୟା କଲା ପୁଅ

ବୈଶିଙ୍ଗା,୨୯।୧(ନି.ପ୍ର.): ଅନ୍ଧବିଶ୍ୱାସର ସାଂଘାତିକ ଦୃଶ୍ୟ। ଡାହାଣୀ ସନ୍ଦେହରେ ନିଜ ମାଆକୁ କଟୁରୀରେ ହାଣି ହତ୍ୟା କଲା ଜହ୍ଲାଦ ପୁଅ। ଏଭଳି ଅଭାବନୀୟ ଘଟଣା ଘଟିଛି ମୟୂରଭଞ୍ଜଜିଲ୍ଲା ବେତନଟୀ ଥାନା ଅଧୀନ କଲରାଫୁଲିଆ ଗ୍ରାମରେ । ଅଭିଯୁକ୍ତ ଚୈତନ୍ୟ ସିଂଙ୍କ ପୁଅ ତପନ ସିଂ(୩୩) ଗୁରୁବାର ସକାଳୁ ନିଜ ମା ରାଇମାଣି ସିଂ (୬୦)ଙ୍କୁ କଟୁରୀରେ ହାଣି ନିର୍ମମ ହତ୍ୟା କରିଛି । ଅଭିଯୁକ୍ତକୁ ପୁଲିସ ଗିରଫ କରିଛି। ସୂଚନା ଅନୁଯାୟୀ, କିଛି ଦିନ ପୂର୍ବରୁ ମରୋଡ଼ା ବ୍ଲକ୍ ବେତନଟୀ ଥାନା ଅନ୍ତର୍ଗତ କଲ୍ଲାଫୁଲିଆ ଗାଁର ତପନର ସ୍ତ୍ରୀ ଗୁରୁବାରୀଙ୍କ ଗର୍ଭରେ ଥିବା ପିଲା କୌଣସି କାରଣରୁ ନଷ୍ଟ ହୋଇଯାଇଥିଲା।ଶିଶୁ ମୃତ୍ୟୁର କାରଣ ମାଆର ଡାହାଣୀ ପ୍ରକୃତି ପାଇଁ ବୋଲି ଭାବି ନେଇଥିଲା ତପନ । ଏହି କାରଣରୁ ଏହି ଘଟଣା ଘଟିଛି।

## ପଞ୍ଚଭୂତରେ ବିଲୀନ ହେଲେ ଅଜିତ୍

ମୁମ୍ବାଇ,୨୯।୧: ମହାରାଷ୍ଟ୍ରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଏବଂ ଏନସିପି ମୁଖ୍ୟ ଅଜିତ ପଓ୍ୱାରଙ୍କ ଶେଷକୃତ୍ୟ ବାରାମତିରେ ସମ୍ପର୍ଣ୍ଣ ହୋଇଛି । ରାଜ୍ୟର ସର୍ବୋଚ୍ଚ ସମ୍ମାନ ସହିତ ତାଙ୍କ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଛି । ବିଭିନ୍ନ ରାଜନୈତିକ ନେତା, ପରିବାର ସଦସ୍ୟ ଏବଂ ହଜାର ହଜାର ସମର୍ଥକ ତାଙ୍କୁ ଶେଷ ବିଦାୟ ଦେବା ପାଇଁ ଏକାଠି ହୋଇଥିଲେ । ଜାତୀୟ ପତାକାରେ ପଓ୍ୱାରଙ୍କ ପାର୍ଥିବ ଶରୀରକୁ ଘୋଡ଼ାଇ ଶେଷକୃତ୍ୟ ପାଇଁ ତାଙ୍କ ଜନ୍ମସ୍ଥାନ କାଟେଓ୍ୱାଡିରୁ ବାରାମତିକୁ ଅଣାଯାଇଥିଲା । ତାଙ୍କ ପୁଅ ପାର୍ଥ ପଓ୍ୱାର ଏବଂ ଜୟ ପଓ୍ୱାର ପାର୍ଥିବ ଶରୀରରେ ମୁଖାଗ୍ନି ଦେଇଥିଲେ । ଅଜିତ୍ଙ୍କ ଶେଷ ଦର୍ଶନ ପାଇଁ ବରିଷ୍ଠ ନେତା ଏବଂ ଦଳୀୟ କର୍ମୀ ସହିତ ଯୋଗ ଦେଇଥିଲେ ।

## ରାଜ୍ୟସଭା ଆସନ ନେଇ ଟଣାଓଟରା

ଭୁବନେଶ୍ୱର,୨୯।୧: : ରାଜ୍ୟସଭା ନିର୍ବାଚନରେ ବିଜୁ ଜନତା ଦଳ ଦୁଇଟି ଆସନ ହିଁ ନେବ। ଏଭଳି ଦମ୍ଭୋକ୍ତି କରିଛନ୍ତି ବିଜେଡ଼ି ବିଧାୟକ ଶାରଦା ପ୍ରସନ୍ନ ଜେନା । ଏହା ସହିତ ଶାରଦା ବିଜେପି ଉପରେ ଖୁବ୍ ବର୍ଷିଛନ୍ତି।

ଶାରଦା ବିଜେପି ଉପରେ ବର୍ଷିଛନ୍ତି । ସେ କହିଛନ୍ତି ବିଜେଡ଼ିର ସଂଗଠନ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସଙ୍ଗଠିତ ରହିଛି । ବିଜେପି ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି କରିବା ସ୍ୱାଭାବିକ । କାରଣ ସେ ତାଙ୍କର କୌଣସି ନିର୍ବାଚନ ପ୍ରସ୍ତୁତି ପୂରଣ କରିପାରିଲେ ନାହିଁ । ତେଣୁ ଲୋକଙ୍କୁ ଭୁଆଁ ବୁଲାଇବାକୁ ନାଟକ କରୁଛନ୍ତି, ସେ ବାବଦରେ ପ୍ରସ୍ତୁତି କରୁଛନ୍ତି, ସେଥିରେ ବ୍ୟସ୍ତ ବିବ୍ରତ ହେବାର ନାହିଁ । କିନ୍ତୁ ବିଜେଡ଼ି ନିର୍ବାଚନ ପାଇଁ ସବୁବେଳେ ପ୍ରସ୍ତୁତ ଅଛି । ବିଜେଡ଼ି ତୃଣମୂଳ ସ୍ତରରୁ ତାର ପ୍ରସ୍ତୁତି କରିଛି ।

ସେହିପରି ରାଜ୍ୟସଭା ନିର୍ବାଚନକୁ ନେଇ ଶାରଦା କହିଛନ୍ତି ଯେ ରାଜ୍ୟସଭା ନିର୍ବାଚନରେ ସଂଖ୍ୟା ଗରିଷ୍ଠତା ଦୃଷ୍ଟିରୁ ବିଜେପି ଦୁଇଟି ଆସନ ନେବ । ଆଉ ଗୋଟିଏ ଆସନ ବିଜେଡ଼ି ଜିତିବା ସୁନିଶ୍ଚିତ । କିନ୍ତୁ ଆହୁରି ଗୋଟିଏ ଆସନ ବିଜେଡ଼ି ହିଁ ନେବ ବୋଲି ଦମ୍ଭର ସହ ସେ କହିଛନ୍ତି । ଏଥିପାଇଁ ନବୀନ ପଟ୍ଟନାୟକ ରଣନୀତି ପ୍ରସ୍ତୁତି କରିସାରିଛନ୍ତି । ସମୟ ଆସିଲେ କାର୍ଯ୍ୟରେ ଲାଗିବ । ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇ ନାହିଁ ତେଣୁ ରଣନୀତି ପ୍ରକାଶ କରାଯିବ ନାହିଁ । ସେପଟେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁ କହିଛନ୍ତି ଯେ ବିଜେଡ଼ି ଓ କଂଗ୍ରେସ ଯଦି ମିଶିକି ଆସନ ନେବେ କେହି କିଛି କରିପାରିବେ ନାହିଁ । ଚତୁର୍ଥ ସିଟ୍ ପାଇଁ ଯିଏ ଅଙ୍କ କଷି ସଂଖ୍ୟା ବଢ଼ାଇ ପାରିବ ସେ ଆସନ ନେବ । ବିଜେପିର ଶୀର୍ଷ ନେତୃତ୍ୱ ଅଛନ୍ତି, ଏହା ଉପରେ ଆଲୋଚନା କରୁଛନ୍ତି। ବିଜେପି ମଧ୍ୟ ଚତୁର୍ଥ ଆସନ ନେବା ଅସମ୍ଭବ ନୁହେଁ।

## ୟୁଜିସିର ନୂତନ ନିୟମ ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୯।୧: ୟୁଜିସିର ନୂଆ ନିୟମ ବିରୋଧରେ ସାରା ଦେଶରେ ବିରୋଧ ଜାରି ରହିଛି। ଗୁରୁବାର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧକ୍ଷତାରେ ଗଠିତ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ଛାତ୍ରଙ୍କ ଭିତରେ ଭେଦଭାବ ସହ ଜଡିତ ୟୁଜିସି ଇକ୍ୱିଟି ରୁଲ୍ସର ନୂଆ ରେଗୁଲେସନକୁ ଚ୍ୟାଲେଞ୍ଜ ଦେଉଥିବା ଜନସ୍ୱାର୍ଥ (ପିଆଇଏଲ) ଉପରେ ଶୁଣାଣି କରିଛନ୍ତି। କୋର୍ଟ ଏହି ମାମଲାରେ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି ଓ ସଲିସିଟର ଜେନେରାଲଙ୍କୁ କହିଛନ୍ତି ସେମାନେ ନିଜର ପକ୍ଷର ରଖନ୍ତୁ ତଥା କମିଟି ଗଠନ ଉପରେ ବିଚାର କରନ୍ତୁ। ସେପର୍ଯ୍ୟନ୍ତ, ୨୦୧୨ ର ପୁରୁଣା ୟୁଜିସି ନିୟମାବଳୀ କାର୍ଯ୍ୟକାରୀ ହେବ। କୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରି ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୯ ତାରିଖକୁ ଧାର୍ଯ୍ୟ କରିଛନ୍ତି।




ଶୁଣାଣି ବେଳେ ନ୍ୟାୟମୂର୍ତ୍ତି ଜୟମାଲ୍ୟ ବାଗଚ୍ଚୀ କହିଛନ୍ତି, ସମ୍ବିଧାନର ଧାରା ୧୫(୪)ରାଜ୍ୟକୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପାଇଁ ବିଶେଷ ଆଇନ ତିଆରି କରିବାର ଅଧିକାର ଦେଇଥାଏ।ତେବେ ସେ ଏହା ମଧ୍ୟ କହିଛନ୍ତି ଯେ, ଆବେଦନକାରୀଙ୍କ ଚିନ୍ତା ବୁଝିପାରୁଛନ୍ତି କିଭଳି ପ୍ରଗତିଶୀଳ ଆଇନରେ ପ୍ରତିଗାମୀ ଆଭିମୁଖ୍ୟ କାହିଁକି ଗ୍ରହଣ କରାଯିବା ଦରକାର। ନ୍ୟାୟମୂର୍ତ୍ତି ବାଗଚ୍ଚି ଉଦାହରଣ ଦେଇ କହିଛନ୍ତି ତାଙ୍କୁ ଆଶା ରହିଛି ଭାରତ-ଆମେରିକା ଭଳି ସ୍ଥିତି ଆଡକୁ ଯିବନି, ଯେଉଁଠି କେବେ ଶ୍ୱେତ ଏବଂ ଅଶ୍ୱେତ ଛାତ୍ରଙ୍କ ପାଇଁ ଅଲଗା ଅଲଗା ସ୍କୁଲ ଥିଲା। ଏହା ଉପରେ ପ୍ରଧାନ ବିଚାରପତି ଟିପ୍ପଣୀ ଦେଇ କହିଛନ୍ତି, ଏଭଳି ପରିସ୍ଥିତିର ଦୂରୁପଯୋଗ କରିହେବ।

ଆବେଦନକାରୀଙ୍କ ଓକିଲ ଯୁକ୍ତି ଦେଇଥିଲେ ଯେ କିଛି ରାଜନୈତିକ ନେତାଙ୍କ ବୟାନ, ଯେଉଁଥିରେ ସାଧାରଣ ବର୍ଗର ଛାତ୍ରଛାତ୍ରୀମାନଙ୍କୁ ଫି ଦେବାକୁ ପଡିବ, ତାହା ଆହୁରି ଚିନ୍ତାର କାରଣ ହୋଇଛି। ଶୁଣାଣି ସମୟରେ, ଓକିଲ କହିଥିଲେ ଯେ ନିୟମର ଧାରା ୩ଉ ର ପରିଭାଷାକୁ ଚ୍ୟାଲେଞ୍ଜ କରାଯାଇଛି କାରଣ ଏହା ଜାତିଭିତ୍ତିକ ଭେଦଭାବକୁ ପ୍ରୋତ୍ସାହିତ କରେ। ବରିଷ୍ଠ ଓକିଲ ବିଷ୍ଣୁ ଶଙ୍କର ଜୈନ ଯୁକ୍ତି ଦେଇଥିଲେ ଯେ ଏହି ବ୍ୟବସ୍ଥା ସମ୍ବିଧାନର ଧାରା ୧୪ ଏବଂ ୧୯କୁ ଉଲ୍ଲଂଘନ କରେ। ସେ ଯୁକ୍ତି କରିଥିଲେ ଯେ ଶିକ୍ଷା କ୍ଷେତ୍ରରେ ଏପରି ଭେଦଭାବ ସମାଜରେ ବିଭାଜନକୁ ଆହୁରି ଗଭୀର କରିବ।ପ୍ରଧାନ ବିଚାରପତି ଆଶ୍ଚର୍ଯ୍ୟ ପ୍ରକାଶ କରି ପଚାରିଲେ ଯେ ସାଧାରଣ ବର୍ଗ ଏହି ନିୟମ ପରିସରଭୁକ୍ତ ନୁହେଁ କି ? ଉତ୍ତରରେ, ଓକିଲ ସ୍ପଷ୍ଟ ଭାବରେ କହିଥିଲେ ଯେ ସାଧାରଣ ବର୍ଗର ଛାତ୍ରମାନଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ। ସିଜେଆଇ ସୂର୍ଯ୍ୟକାନ୍ତ କହିଛନ୍ତି, ସଲିସିଟର ଜେନେରାଲ ଦୟାକରି ଏହି ଘଟଣାର ତଦନ୍ତ କରିବା ପାଇଁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଏକ କମିଟି ଗଠନ କରିବା ବିଷୟରେ ବିଚାର କରନ୍ତୁ ଯାହା ଦ୍ୱାରା ସମାଜ କୌଣସି ବୈଷମ୍ୟ ବିନା ଏକାଠି ବିକାଶ କରିପାରିବ। ଆମର ସ୍ୱାଧୀନତାର ୭୫ ବର୍ଷରୁ ଅଧିକ ବିତିଗଲାଣି, ତଥାପି ଆମେ ଏବେ ବି ଜାତିଗତ ବୈଷମ୍ୟ ସହିତ ସଂଘର୍ଷ କରୁଛୁ। ଆନ୍ତଃଜାତୀୟ ବିବାହ ହେଉଛି ଏବଂ ଛାତ୍ରମାନେ ବିଶ୍ୱବିଦ୍ୟାଳୟରେ ଏକାଠି ପାଠ ପଢ଼ନ୍ତି ଏବଂ ରହନ୍ତି। ତଥାପି ଆମେ ଏବେ ବି ଜାତିଗତ ବୈଷମ୍ୟ ସହିତ ସଂଘର୍ଷ କରୁଛୁ।'

## ଆତ୍ମବିଶ୍ୱାସୀ ଭାରତ, ବିଶ୍ୱ ପାଇଁ ଆଶାର କିରଣ : ମୋଦୀ

ନୂଆଦିଲ୍ଲୀ,୨୯।୧(ନି.ପ୍ର.): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବଜେଟ ଅଧିବେଶନ ପୂର୍ବରୁ ଗଣମାଧ୍ୟମକୁ ସମ୍ବୋଧିତ କରି କହିଛନ୍ତି ଯେ ଭାରତ ବିଶ୍ୱରେ ଦୃଷ୍ଟିକେନ୍ଦ୍ର ଭାବରେ ଉଭା ହୋଇଛି । ସେ କହିଛନ୍ତି ଯେ ଏହି ତ୍ରୈମାସିକର ଆରମ୍ଭରେ, ଭାରତ ଏବଂ ୟୁରୋପୀୟ ସଂଘ ଏକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫଟିଏ) ସ୍ୱାକ୍ଷର କରିଛନ୍ତି । ଯାହାକୁ ସେ ଭାରତୀୟ ଯୁବପିଢ଼ିଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଏବଂ ଆଗାମୀ ପ୍ରତିଶ୍ରୁତିପୂର୍ଣ୍ଣ ଦିଗକୁ ପ୍ରତିଫଳିତ କରୁଥିବା ବର୍ଣ୍ଣନା କରିଛନ୍ତି।

ସେ ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମାକୁ ଗୁରୁତ୍ୱାରୋପ କରି ଏହାକୁ "ମହତ୍ୱାକାଂକ୍ଷୀ ଭାରତ,ଯୁବପିଢ଼ି ଏବଂ ଆତ୍ମନିର୍ଭର ଭାରତ ପାଇଁ ମୁକ୍ତ ବାଣିଜ୍ୟ ବୋଲି ଅଭିହିତ କରିଥିଲେ। ଭାରତୀୟ ନିର୍ମାତାମାନେ ଏହି ସୁଯୋଗକୁ ସେମାନଙ୍କର କ୍ଷମତାକୁ ସୁଦୃଢ଼ କରିବା ପାଇଁ ବ୍ୟବହାର କରିବେ ଏବଂ ରଞ୍ଜଇ ଏକ ଆତ୍ମବିଶ୍ୱାସୀ, ପ୍ରତିଯୋଗିତାମୂଳକ ଓ ଉତ୍ପାଦକ ଭାରତ ଆଡ଼କୁ ଏକ ପ୍ରମୁଖ ପଦକ୍ଷେପ ବୋଲି ସେ କହିଥିଲେ । କେନ୍ଦ୍ର ବଜେଟ୍କୁ ନେଇ କହିଛନ୍ତି ଯେ,ଦେଶର ଧ୍ୟାନ ବଜେଟ୍ ପ୍ରତି ରହିବା ସ୍ୱାଭାବିକ । କିନ୍ତୁ ଏହି ସରକାରଙ୍କ ପରିଚୟ ସଂସ୍କାର, କାର୍ଯ୍ୟଦକ୍ଷତା ଏବଂ ରୂପାନ୍ତର ହୋଇଛି । ଏବେ, ଆମେ ସଂସ୍କାର ଏକ୍ସପ୍ରେସ ଉପରେ ଦ୍ରୁତ ଗତିରେ କାର୍ଯ୍ୟ ଆରମ୍ଭ କରିଛୁ । ଏହି 'ସଂସ୍କାର ଏକ୍ସପ୍ରେସ'କୁ ତ୍ୱରାନ୍ୱିତ କରିବାରେ ସମସ୍ତ ସାଂସଦଙ୍କ ସକାରାତ୍ମକ ଅବଦାନ ପାଇଁ ମୁଁ ସେମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରୁଛି । ଫଳସ୍ୱରୂପ, ସଂସ୍କାର ଏକ୍ସପ୍ରେସ ଗତି ହାସଲ କରୁଛି ।ସରକାରଙ୍କ ନିଷ୍ପତ୍ତିକୁ ମାନବ-କୈନ୍ଦ୍ରିକ କହି ସେ କହିଛନ୍ତି, ଦେଶ ଦୀର୍ଘକାଳୀନ ସମସ୍ୟାରୁ ବାହାରକୁ ଆସୁଛି ।



ଆତ୍ମବିଶ୍ୱାସର ସହିତ ଦୀର୍ଘକାଳୀନ ସମାଧାନର ପଥରେ ଚାଲୁଛି । ଆମର ସମସ୍ତ ନିଷ୍ପତ୍ତିରେ, ଦେଶର ପ୍ରଗତି ହେଉଛି । କିନ୍ତୁ ଆମର ସମସ୍ତ ନିଷ୍ପତ୍ତି ମାନବ-କୈନ୍ଦ୍ରିକ, ଆମର ଭୂମିକା ଏବଂ ଯୋଜନାଗୁଡ଼ିକ ମାନବ-କୈନ୍ଦ୍ରିକ । ଆମେ ପ୍ରଯୁକ୍ତିବିଦ୍ୟା ବିରୁଦ୍ଧରେ ପ୍ରତିଦ୍ୱନ୍ଦ୍ୱିତା କରିବୁ, ଆମେ ପ୍ରଯୁକ୍ତିବିଦ୍ୟା ସହିତ ଖାପ ଖୁଆଇବୁ, ଆମେ ପ୍ରଯୁକ୍ତିର କ୍ଷମତାକୁ ଗ୍ରହଣ କରିବୁ । କିନ୍ତୁ ଏହା ସହିତ, ଆମେ ମାନବ-କୈନ୍ଦ୍ରିକ ବ୍ୟବସ୍ଥାକୁ ଦୁର୍ବଳ କରିବୁ ନାହିଁ। ସମ୍ବେଦନଶୀଳତାର ଗୁରୁତ୍ୱକୁ ବୁଝି, ପ୍ରଯୁକ୍ତିବିଦ୍ୟା ସହିତ ସହଭାଗୀତାରେ, ଆମେ ଆଗକୁ ବଢ଼ିବୁ।

୨୧ଶ ଶତାବ୍ଦୀର ଏକ ଚତୁର୍ଥାଂଶ ସମୟ ବିତିବା ଉପରେ ପ୍ରତିଫଳିତ କରି ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ଆଗାମୀ ୨୫ ବର୍ଷର ଗୁରୁତ୍ୱ ଉପରେ ଜୋର ଦେଇଥିଲେ ମୋଦୀ । ଏଡାସହ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ମଧ୍ୟ ପ୍ରଶଂସା କରିଥିଲେ । ସେ କହିଥିଲେ ୨୧ଶ ଶତାବ୍ଦୀର ଏକ ଚତୁର୍ଥାଂଶ ଚାଲିଗଲାଣି । ଏହା ପରବର୍ତ୍ତୀ ତ୍ରୈମାସିକର ଆରମ୍ଭ । ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ହାସଲ କରିବା ପାଇଁ, ଏହି ୨୫ ବର୍ଷର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଆରମ୍ଭ ହୋଇଛି । ଶତାବ୍ଦୀର ଏହି ଦ୍ୱିତୀୟ ତ୍ରୈମାସିକର ପ୍ରଥମ ବଜେଟ୍ ଉପସ୍ଥାପନ ହେବାକୁ ଯାଉଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ହେଉଛନ୍ତି ଦେଶର ପ୍ରଥମ ମହିଳା ଅର୍ଥମନ୍ତ୍ରୀ ଯିଏ ଲଗାତାର ୯ମ ଥର ପାଇଁ ସଂସଦରେ ବଜେଟ୍ ଉପସ୍ଥାପନ କରୁଛନ୍ତି । ଏହା ଦେଶର ସଂସଦୀୟ ଇତିହାସରେ ଏକ ଗର୍ବର ମୁହୂର୍ତ୍ତ ଭାବରେ ପଞ୍ଜିକୃତ ବୋଲି ସେ କହିଛନ୍ତି ।

## ମୃତଶରୀର ନେବା ପାଇଁ ଆରମ୍ଭ ହେବ ୧୦୯

ପାରଳାଖେମୁଣ୍ଡି,୨୯।୧(ନି.ପ୍ର.): ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଂ ଗୁରୁବାର ଦିନ ଗଜପତି ଜିଲ୍ଲାକୁ ଦିନିକିଆ ଗସ୍ତ କରିଛନ୍ତି। ଏହି ଅବସରରେ ସେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ସମ୍ପର୍କରେ ସମୀକ୍ଷା କରି ସନ୍ତୋଷ ବ୍ୟକ୍ତ କରିବା ସହ ଏନେଇ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଆହୁରି ଅଧିକ ତତ୍ପର ହେବାକୁ ପରାମର୍ଶ ଦେଇଛନ୍ତି।

ମନ୍ତ୍ରୀ ଶ୍ରୀ ମହାଲିଂ ପରେ ସାମ୍ବାଦିକଙ୍କୁ ସମ୍ବୋଧିତ କରିବା ସମୟରେ ଜିଲ୍ଲାରେ ଡାକ୍ତର ଓ ପାରାମେଡିକାଲ ଷ୍ଟାଫର ଘୋର ଅଭାବ ସହ ମହାପ୍ରୟାଣ ଗାଡ଼ି ନମିଳିବାରୁ ବାଇକ ଓ କାନ୍ଧରେ ବୋହି ମୃତ ଶରୀର ନିଆଯାଉଥିବା ସମ୍ପର୍କରେ ଉତ୍ତର ରଖି ସ୍ୱୀକାର କରିଥିଲେ। ରାଜ୍ୟରେ ଡାକ୍ତର ଓ ପାରାମେଡିକାଲ ଷ୍ଟାଫର ଅଭାବ ରହିଛି। ଆଗାମୀ ଦିନରେ ଏହାର ପୂରଣ ପାଇଁ ବ୍ୟବସ୍ଥା କରାଯିବ। ଏଥିପାଇଁ ସରକାର ନୂତନ ଭାବେ ସବୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୫ରୁ ୬ ଜଣ ପିଜି ଡିପ୍ଲୋମା ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିୟୋଜିତ କରିବାକୁ ଯୋଜନା କରୁଛନ୍ତି। ଫଳରେ ପିଏଚ୍‌ସି ଓ ସିଏଚ୍‌ସି ସ୍ତରରେ ସ୍ପେସିଆଲିଷ୍ଟ ଡାକ୍ତରଙ୍କ ଅଭାବ ଦୂର ହୋଇ ପାରିବ।

ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ମହାପ୍ରୟାଣ ପରିବର୍ତ୍ତେ ଖୁବ୍ ଶୀଘ୍ର ଆଗାମୀ ଦୁଇ ମାସ ମଧ୍ୟରେ ମୃତଶରୀର ନେବା ପାଇଁ ୧୦୯ ଗାଡ଼ିର ବ୍ୟବସ୍ଥା କରାଯିବ। ଖୁବ୍ ଶୀଘ୍ର ଜିଲ୍ଲାର ସମସ୍ତ ୧୪୯ ଗୋଟି ପଞ୍ଚାୟତରେ ଆୟୁ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା କରିବା ସହ ସ୍ୱତନ୍ତ୍ର କୋଠା ନିର୍ମାଣ କରାଯିବ। ଜିଲ୍ଲାର ୮ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟରୁ ୬ ଟିକୁ ଉନ୍ନିତ କରାଯିବ। ୨୧ଟି ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ମଧ୍ୟ ଉନ୍ନିତ କରାଯିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୩୫୦ ଶଯ୍ୟା ବିଶିଷ୍ଟ କରାଯିବ। ଏହି କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ ଇଂ ରୁପେଶ ପାଣିଗ୍ରାହୀ ଓ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଉପସ୍ଥିତ ରହି ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପାଇଁ ସରକାରଙ୍କ ପକ୍ଷରୁ ଅନୁଦାନ ମଞ୍ଜୁର କରିବାକୁ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ୟୁ ଟର୍ଣ୍ଣ ମାରିଲେ କ୍ୟାପଟେନ ଦିବ୍ୟଶଙ୍କର

ଭୁବନେଶ୍ୱର,୨୯।୧(ନି.ପ୍ର.): ବଲାଙ୍ଗୀର ବିଧାୟକ କଳିକେଶ ସିଂହଦେଓଙ୍କ ସମ୍ପର୍କରେ ଦେଇଥିବା ମନ୍ତବ୍ୟକୁ ନେଇ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ସ୍ପଷ୍ଟୀକରଣ ରଖିଛନ୍ତି। ଦିବ୍ୟଶଙ୍କର କହିଛନ୍ତି , ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଆମର ସର୍ବମାନ୍ୟ ଓ ଅଦ୍ୱିତୀୟ ନେତା । ଓଡିଶାବାସୀ ତାଙ୍କୁ ବହୁତ ଭଲ ପାଇବା ଦେଇଛନ୍ତି ।

ସେ କହିଛନ୍ତି ଯେ,ବିଧାୟକ ହିସାବରେ ଅନେକ ଜାଗାକୁ ଅତିଥି ହିସାବରେ ଆମେ ଯାଇଥାଉ । ବଲାଙ୍ଗୀରର ଏକ ଫୁଟବଲ ଟୁର୍ନାମେଣ୍ଟକୁ ଅତିଥି ଭାବରେ ଯାଇଥିଲି। ସ୍ଥାନୀୟ ବିଧାୟକ କଳିକେଶ ସିଂହଦେଓଙ୍କୁ ପ୍ରଶଂସା କରି ମଞ୍ଚ ଓ ମଞ୍ଚ ତଳେ ବାଇଟ୍ ଦେବା ସମୟରେ ଉଲ୍ଲେଖ କରିଥିଲି ଯେ, କଳିକେଶ ଜଣେ ଜାତୀୟ ସ୍ତରର ରାଇଫଲ ସ୍ୟୁଟର ଏବଂ ଜାତୀୟ ରାଇଫଲ ଆସୋସିଏସନର ସଭାପତି । ସେ ଜଣେ ଭଲ ପୂର୍ବତନ ସାଂସଦ, ବର୍ତ୍ତମାନର ଯୁବ ବିଧାୟକ । ସେ ଜଣେ ଭଲ ସ୍ପୋର୍ଟ୍ସ ମ୍ୟାନ । ତେଣୁ ଆଗାମୀ ଯୁବ ପିଢ଼ି ତାଙ୍କୁ ଜଣେ ରୋଲ ମଡେଲ ଭାବରେ ଗ୍ରହଣ କରି ଆଗକୁ ବଢ଼ିପାରିବେ ବୋଲି ମତାମତ ଦେଇଥିଲି । ରାଜ୍ୟ ସ୍ତରରେ ଯୁବକମାନଙ୍କ ନେତୃତ୍ୱ ନେବା ପାଇଁ ତାଙ୍କର ଯଥେଷ୍ଟ ଦକ୍ଷତା ରହିଛି ବୋଲି ପ୍ରଶଂସା କରିବା ସହିତ ତାଙ୍କ ଜେଜେବାପା ମଧ୍ୟ ମୁଖ୍ୟମନ୍ତ୍ରୀ ଥିଲେ ବୋଲି ଉଲ୍ଲେଖ କରିଥିଲି ।

ବଲାଙ୍ଗୀରରେ ଦେଇଥିବା ମୋ ବାଇଟ୍ ଓ ଅଭିଭାଷଣକୁ କିଛି ଗଣମାଧ୍ୟମ କଟ୍ ପେଷ୍ଟ କରି ଉପସ୍ଥାପନା କରୁଛନ୍ତି । ତେଣୁ ଏ ସମ୍ପର୍କରେ ସମ୍ପୂର୍ଣ୍ଣ ରୂପରେ ମୁଁ କହିବାକୁ ଚାହେଁ ଯେ ଓଡିଶାର ସର୍ବମାନ୍ୟ ନେତା ଏବଂ ମୋର ନେତା ହେଉଛନ୍ତି ନବୀନ ପଟ୍ଟନାୟକ । ସେ ଅଦ୍ୱିତୀୟ ଏବଂ ତାଙ୍କର ମାର୍ଗଦର୍ଶନରେ ଆମେ ସମସ୍ତେ ବିଧାୟକ, ସାଂସଦ , ନେତୃମଣ୍ଡଳୀ ତଥା ସମସ୍ତ ଦଳୀୟ କର୍ମକର୍ତ୍ତା କାମ କରୁଛୁ । ବିଜୁ ଜନତା ଦଳର ନେତା ନବୀନ ପଟ୍ଟନାୟକଙ୍କର ନେତୃତ୍ୱରେ ଓଡିଶା ବାସୀଙ୍କ ସେବା ଆଗକୁ ବି ଜାରି ରହିଥିବ ।ବର୍ତ୍ତମାନ ସାମ୍ପ୍ରତିକ ସ୍ଥିତିରେ ଚାଷୀ ଅନେକେ ଅସୁବିଧାର ସମ୍ମୁଖୀନ ହୋଉଛନ୍ତି । ମଣ୍ଡିରୁ ଧାନ ଉଠିପାରୁ ନାହିଁ । ମହିଳା ଓ ଯୁବକଙ୍କୁ ଆଜି ରାଜ୍ୟରେ ନିଯୁକ୍ତିର ସୁଯୋଗ ନାହିଁ । ଏହାବ୍ୟତୀତ ଅନେକେ କ୍ଷେତ୍ରରେ ଏ ସରକାର ବିଫଳ ହୋଇଛି । ତେଣୁ ତୃଣମୂଳ ସ୍ତରରେ ଜନ ଆକ୍ରୋଶ ଦିନକୁଦିନ ବଢିବାରେ ଲାଗିଛି । ଲୋକ ମନସ୍ଥ କଲେଣି ଆଗାମୀ ପଞ୍ଚାୟତ ନିର୍ବାଚନରେ ଜନମତ ବିଜେଡି ସପକ୍ଷରେ ଯିବା ସହ ୨୦୨୯ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରି ବିଜେପି ସରକାରକୁ ଜବାବ ଦେବେ ।କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷ ଆମେ ଯାହା କହିଲେ ବି ଅନ୍ୟ ପ୍ରକାରରେ ଉପସ୍ଥାପନା କରିବାକୁ ପ୍ରଚେଷ୍ଟା କରୁଛନ୍ତି । ଏଣୁ ସେମାନେ ଏଥିରୁ କ୍ଷାନ୍ତ ରହିବାକୁ ଅନୁରୋଧ କରୁଛି ବୋଲି କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର କହିଛନ୍ତି।



ବିଜୁ ଜନତା ଦଳର ମଙ୍ଗୁଆଳକୁ ନେଇ ଏବେ ଧିରେ ଧିରେ ଦଳୀୟ ନେତାଙ୍କ ମଧ୍ୟରେ ବୟାନବାଜି ଆରମ୍ଭ ହୋଇଗଲାଣି । କଳିକେଶ ନାରାୟଣ ସିଂହଦେଓଙ୍କ ସପକ୍ଷରେ ଧିରେ ଧିରେ ମତ ବଢ଼ିବାରେ ଲାଗିଛି । ପ୍ରଥମେ ବିଧାୟକ ଦିବ୍ୟଶଙ୍କର ମିଶ୍ର କଳିକେଶଙ୍କୁ ସମର୍ଥନ କରିଥିବାବେଳେ ଏବେ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ମଧ୍ୟ ସମାନ କଥା କହିଛନ୍ତି ।

ଗତକାଲି ବଲାଙ୍ଗିରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଦେବେଶ ଆଚାର୍ଯ୍ୟ ନେତୃତ୍ୱ କଳିକେଶ ନିଅନ୍ତୁ ବୋଲି ଇସାରା ଦେଇଛନ୍ତି । କ୍ରୀଡାଠାରୁ ଆରମ୍ଭ କରି ରାଜନୈତିକ କ୍ଷେତ୍ରରେ ଦକ୍ଷତା ରହିଛି । ପଶ୍ଚିମ ଓଡିଶା ଏବଂ ଓଡିଶାବାସୀ ଆଶା କରୁଛନ୍ତି କି ସେ ନେତୃତ୍ୱ ନିଅନ୍ତୁ । ଦଳକୁ ସଂଗଠିତ କରିବାକୁ ତାଙ୍କ ଭଳିଆ ନେତା ଆଗକୁ ଆସିବା କଥା । ତାଙ୍କର ଦୀର୍ଘଦିନର ଅଭିଜ୍ଞତା ମଧ୍ୟ ରହିଛି । ସେ ସାଂସଦ ହୋଇଥିବା ସହିତ ୨ ଥର ବିଧାୟକ ହେବାର ଅଭିଜ୍ଞତା ରହିଛି। ରାଜେନ୍ଦ୍ର ନାରାୟଣ ସିଂଦେଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଥିଲେ । କଳିକେଶଙ୍କ ବାପା ଅନଙ୍ଗଉଦୟ ବରିଷ୍ଠ ନେତା । ତେଣୁ କଳିକେଶଙ୍କୁ ନେଇ ଆମର ଅନେକ ଆଶା ଆକାଂକ୍ଷା ରହିଛି।

ନିକଟରେ ଦିବ୍ୟଶଙ୍କର ମିଶ୍ର ମଧ୍ୟ ସମାନ କଥା କହିଥିଲେ । ସେ କହିଥିଲେ ଯେ ଦକ୍ଷତା ଓ ଯୋଗ୍ୟତା ଦୃଷ୍ଟିରୁ ନେତୃତ୍ୱ ପାଇଁ କଳିକେଶ ହିଁ ରାଜ୍ୟ ନେତୃତ୍ୱ ପାଇଁ ଫିଟ୍ । ତାଙ୍କୁ ଦାୟିତ୍ୱ ଦେଲେ ଭଲ ହେବ । ତାଙ୍କ ପରିବାରର ରାଜେନ୍ଦ୍ର ନାରାୟଣ ସିଂହଦେଓ ବି ଦିନେ ରାଜ୍ୟ ରାଜନୀତିରେ ନିଜର ପତିଆରା ରଖି ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ଆଗାମୀ ଦିନରେ ଆମେ କଳିକେଶ ସିଂଦେଓଙ୍କୁ ଲିଡର କରି ଠିଆ କରିବା ଯେମିତି ରାଜ୍ୟ ତାଙ୍କୁ ଗ୍ରହଣ କରିବ । କଳିକେଶଙ୍କ ପାଖେ ଯୋଗ୍ୟତା ଅଛି ଦକ୍ଷତା ଅଛି।

ଦିବ୍ୟ ଶଙ୍କରଙ୍କ ବୟାନକୁ ବିଧାୟକ ଅରୁଣ ସାହୁ ଅସ୍ୱୀକାର କରିଥିଲେ । ଅରୁଣ କହିଥିଲେ ଯେ ଆମ ସଭାପତି ସକ୍ଷମ, ତେଣୁ ଏଠି ଉତ୍ତରାଧିକାରୀ ଚର୍ଚ୍ଚା ଆସିଲା କେଉଁଠୁ ।



# ବିଧାୟକଙ୍କ ଦ୍ଵାରା ନୂତନ ପ୍ରାଣୀଧନ ସହାୟକ କେନ୍ଦ୍ର ଓ ସମବାୟ ସମିତି ଗୃହ ଉଦ୍‌ଘାଟନ

ରଘୁନାଥପୁର, ୨୯।୧:(ମନ୍ଥନ)ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଢୁଆ ସ୍ଥିତ ନୂତନ ସମବାୟ ସମିତି ଗୃହ ଓ ପ୍ରାଣୀଧନ ସହାୟକ କେନ୍ଦ୍ରକୁ ଆଜି ତିର୍ତ୍ତୋଲ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ ଆନୁଷ୍ଠାନିକ ଭାବେ ଫିତା କାଟି ଉଦଘାଟନ କରିଥିଲେ । ଏଥିରେ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ଜିଲ୍ଲା ପରିଷଦ ସଦସ୍ୟା ରୀନାରାଣୀ ମଲ୍ଲିକ, ଇତିଶ୍ରୀ ମଲ୍ଲିକ, ସ୍ଥାନୀୟ ସରପଞ୍ଚ କିଶୋର ବେହେରା, ତଅାଁରା ସରପଂଚ ବଟକୃଷ୍ଣ ନାୟକ, ସମିତି ସଭ୍ୟ ବିଶ୍ୱଜିତ ଦାଶ, କୋଅପରେଟିଭ ବ୍ୟାଙ୍କ ରଘୁନାଥପୁର ଶାଖା ପରିଚାଳକ ଅଜୟ କୁମାର ପରିଡ଼ା, ସମିତି ସଭାପତି ପ୍ରଦିପ୍ତ



କୁମାର ମହାନ୍ତି,ସମିତି ସଂପାଦକ ଜଗନ୍ନାଥ ସ୍ୱାଇଁ, ଏଡିଓ ସଂଧାରାଣୀ ସ୍ୱାଇଁ ଙ୍କ ସମେତ ସମସ୍ତ କ୍ରୟ କମିଟିର ମେମ୍ବର ଜୁବ ସମାଜ ସେବୀ ରାଜେଶ ମିଶ୍ର ସଦସ୍ୟମାନେ ଉପସ୍ଥିତ ରହିଥିଲେ । ଏହି ଅବସରରେ କ୍ରୟ କମିଟି ଚାଷୀଙ୍କୁ ସମିତି ପକ୍ଷରୁ ଅତିଥି ମାନଙ୍କ ଦ୍ୱାରା ଉତ୍ତରୀୟ, ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବିଧାୟକଙ୍କ ଦ୍ଵାରା ନୂତନ ପ୍ରାଣୀଧନ ସହାୟକ କେନ୍ଦ୍ର ଓ ସମବାୟ ସମିତି ଗୃହ ଉଦ୍‌ଘାଟନ

ରଘୁନାଥପୁର,୨୯।୧:(ମନ୍ଥନ)ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଢୁଆ ସ୍ଥିତ ନୂତନ ସମବାୟ ସମିତି ଗୃହ ଓ ପ୍ରାଣୀଧନ ସହାୟକ କେନ୍ଦ୍ରକୁ ଆଜି ତିର୍ତ୍ତୋଲ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ ଆନୁଷ୍ଠାନିକ ଭାବେ ଫିତା କାଟି ଉଦଘାଟନ କରିଥିଲେ । ଏଥିରେ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ଜିଲ୍ଲା ପରିଷଦ ସଦସ୍ୟା ରୀନାରାଣୀ ମଲ୍ଲିକ, ଇତିଶ୍ରୀ ମଲ୍ଲିକ, ସ୍ଥାନୀୟ ସରପଞ୍ଚ କିଶୋର ବେହେରା, ତଅାଁରା ସରପଂଚ ବଟକୃଷ୍ଣ ନାୟକ, ସମିତି ସଭ୍ୟ



ବିଶ୍ୱଜିତ ଦାଶ, କୋଅପରେଟିଭ ବ୍ୟାଙ୍କ ରଘୁନାଥପୁର ଶାଖା ପରିଚାଳକ ଅଜୟ କୁମାର ପରିଡ଼ା, ସମିତି ସଭାପତି ପ୍ରଦିପ୍ତ କୁମାର ମହାନ୍ତି,ସମିତି ସଂପାଦକ ଜଗନ୍ନାଥ ସ୍ୱାଇଁ, ଏଡିଓ ସଂଧାରାଣୀ ସ୍ୱାଇଁ ଙ୍କ ସମେତ ସମସ୍ତ କ୍ରୟ କମିଟିର ମେମ୍ବର ଜୁବ ସମାଜ ସେବୀ ରାଜେଶ ମିଶ୍ର ସଦସ୍ୟମାନେ ଉପସ୍ଥିତ ରହିଥିଲେ । ଏହି ଅବସରରେ କ୍ରୟ କମିଟି ଚାଷୀଙ୍କୁ ସମିତି ପକ୍ଷରୁ ଅତିଥି ମାନଙ୍କ ଦ୍ୱାରା ଉତ୍ତରୀୟ, ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଅବକାରୀ ବିଭାଗ ପଞ୍ଝାରେ ୨ ନିଶାବେପାରୀ

ଜଗତସିଂହପୁର,୨୯।୧:(ମନ୍ଥନ)ସିଂହପୁର ଗ୍ରାମର ହେରୋଇନ ଓ ଗୋଟିଏ ମୋଟରସାଇକେଲ ସହ କେଜିଏ ରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ । ମହିଳାଙ୍କ ସମେତ ଦୁଇ ଗିରଫ । ୨୮ ତାରିଖ ବୁଧବାର ଦିନ ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ଚଢାଉ କରି ଦୁଇ ଜଣ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ବିଭାଗ। ଜଗତସିଂହପୁର ଥାନା ଅନ୍ତର୍ଗତ ସିଂହାରପୁର ଗ୍ରାମରେ ଦୀର୍ଘ ଦିନ ହେବ ବ୍ରାଉନସୁଗାର କାରବାର ଲୁଚିଛପାରେ ଚାଲୁଥିବାର ଏକ ଅଭିଯୋଗକୁ ଭିତ୍ତି କରି ଜଗତସିଂହପୁର ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ଇନ୍ସପେକ୍ଟର ବନ୍ଦନା ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ ନୂଆପୋଲ ଛକ ନିକଟରେ ଜଗି ରହିଥିଲେ । ଅଭିଯୁକ୍ତ ଜଣଙ୍କ ଗ୍ରାହକଙ୍କୁ ହେରୋଇନ ବିକ୍ରି କରିବା ପାଇଁ ଆସିଥିବା ବେଳେ ପୂର୍ବରୁ ଛକି ରହିଥିବା ଟିମ୍ ତାଙ୍କୁ କାବୁ କରିନେଇଥିଲେ । ଯାଞ୍ଚ ପରେ ତାଙ୍କ ନିକଟରୁ ୨୭ ଗ୍ରାମର ବେଆଇନ ହେରୋଇନ, ଏକ ହିରୋ ସ୍ପ୍ଲେଣ୍ଡର



ମଟରସାଇକେଲ ଏବଂ ଏକ ଆଣ୍ଡ୍ରଏଡ ଫୋନ ଜବତ କରାଯାଇଥିଲା । ଯାହାର ଆନୁମାନିକ ମୂଲ୍ୟ ୩,୨୦,୦୦୦ ଟଙ୍କା ହେବୟ ଗିରଫ ଅଭିଯୁକ୍ତ ଜଣକ ହେଲେ ସିଂହାରପୁର ଗ୍ରାମର ଅଶୋକ ସିଂଙ୍କ ପୁଅ ଜିତେନ୍ଦ୍ର ସିଂ(୩୮) । ସେହିପରି ଅନ୍ୟ ଏକ ଘଟଣାକ୍ରମ ତିର୍ତ୍ତୋଲ ତହସିଲଦାର ଶ୍ରୀ ମହେଶ୍ୱର ବେହେରାଙ୍କ ଉପସ୍ଥିତ ରେ ତିର୍ତ୍ତୋଲ ଅବକାରୀ ଥାନାର ସବ୍-ଇନ୍ସପେକ୍ଟର ସ୍ମିତା ପଟ୍ଟନାୟକଙ୍କ ନେତୃତ୍ୱରର ଅନ୍ୟ ଏକ ଟିମ ତିର୍ତ୍ତୋଲ ଥାନା ଅନ୍ତର୍ଗତ ରଥିପୁର ଛକରେ ଚଢାଉ କରି ୧ କେଜି ୨୦୦ ଗ୍ରାମର ଗଞ୍ଜେଇ ଜବତ କରିବା ସହ ଗଞ୍ଜେଇ ବ୍ୟବସାୟରେ ଜଡିତ ଥିବା ବାଇଁଗୋଳ ଗ୍ରାମର ପଦ୍ମନାଭ ମହାନ୍ତିଙ୍କ ପତ୍ନୀ ରୁନୁ ମହାନ୍ତି(୪୨) ଙ୍କୁ ଗିରଫ କରିଛ । ଜବତ ଗଞ୍ଜେଇ ର ଆନୁମାନିକ ମୂଲ୍ୟ ୧୨,୦୦୦ ଟଙ୍କା ହେବ । ଆଜିର ଏହି ଚଢାଉ ରେ ଜଗତସିଂହପୁର ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ର ଏ ଏସ୍ ଆଇ ସନ୍ତୋଷ ନାୟକ, ଏ ଏସ୍ ଆଇ ପିନାକୀ ରଞ୍ଜନ ରାଉତରାୟ, କନଷ୍ଟେବଳ ସବିତା ନାୟକ, ବିଶ୍ୱରଞ୍ଜନ ସ୍ୱାଇଁ, ସୁକାନ୍ତ ମାଝୀ ଏବଂ ତିର୍ତ୍ତୋଲ ଅବକାରୀ ଥାନାର କନଷ୍ଟେବଳ ସୁମନ୍ତ ମହନ୍ତ, କଲ୍ୟାଣୀ ସେଠୀ ପ୍ରମୁଖ ସାମିଲ ଥିଲେ । ଗିରଫ ଦୁଇ ଅଭିଯୁକ୍ତଙ୍କୁ ଦୁଇଟି ଅଲଗା ଅଲଗା ମାମଲାରେ କୋର୍ଟ ଚାଲାଣ କରାଯାଇଥିବାବେଳେ ଅଭିଯୁକ୍ତ ଦ୍ୱୟଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି । ନାର୍କୋଟିକ୍ସ ବ୍ୟବସାୟ ବିରୋଧରେ ଚଢାଉ କୁ ଅଧିକ ତୀବ୍ରତର କରାଯିବ ସହ ଶୂନ୍ୟସହନଶୀଳ ନୀତିରେ ସମସ୍ତ ଅଭିଯୁକ୍ତଙ୍କୁ ଦମନ କରିବା ପାଇଁ ଆଗାମୀ ଦିନରେ ଅବକାରୀ ବିଭାଗ ତାର ପ୍ରୟାସ ଜାରି ରଖିବ ବୋଲି ଅବକାରୀ ଅଧିକ୍ଷିକା ଶ୍ରୀମତି ଅନିତା ପ୍ରଧାନ ପ୍ରକାଶ କରିଛନ୍ତି ।

## ବିଶ୍ୱଶାନ୍ତି ଗାୟତ୍ରୀ ଯଜ୍ଞରେ ଯୋଗଦେଲେ ମନ୍ତ୍ରୀ

ମୋରଡ଼ା,୨୯।୧:(ମନ୍ଥନ)ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ନିର୍ବାଚନ ମଣ୍ଡଳୀ କୁଜିଡ଼ିହି ପଞ୍ଚାୟତ ବାଦଡା ଠାରେ ସପ୍ତମ ବାର୍ଷିକ ବିଶ୍ୱଶାନ୍ତି ଗାୟତ୍ରୀ ଯଜ୍ଞରେ ଯୋଗଦେଲେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର । ସମଗ୍ର ବିଶ୍ୱ ଯେଭଳି ଶାନ୍ତିରେ ରହିବ, ଧାରା ପୃଷ୍ଠରେ ଜୀବଜଗତ କିଭଳି ଭଲ ଭାବରେ ଶାନ୍ତି ପୂର୍ଣ୍ଣ ଭାବରେ ଜିବନ ଜାପନ କରିବେ ମା ଗାୟତ୍ରୀଙ୍କ ମହା ଯଜ୍ଞରେ ବସି ପ୍ରାର୍ଥନା କରିଥିଲେ ମନ୍ତ୍ରୀୟ ଯଜ୍ଞ ସରିଲା ପରେ ବହୁ ଜନସାଧାରଣ ମନ୍ତ୍ରୀଙ୍କୁ ଭେଟି ନିଜର ଦୁଃଖ ଶୁଣେଇବା ପାଇଁ ଅପେକ୍ଷା କରିଥିଲେ । ମନ୍ତ୍ରୀ ଲୋକଙ୍କ ପାଖକୁ ଯାଇ ଗୋଟି ଗୋଟି କରି ସମସ୍ତଙ୍କ ଦୁଃଖ ଶୁଣିଥିଲେ ଏବଂ ପ୍ରତିଶ୍ରୁତି ଦେଇଥିଲେ ଖୁବ୍ ଶୀଘ୍ର ସମସ୍ୟାର ସମାଧାନ ହେବୟ ସର୍ବ ଶେଷରେ ମା ଗାୟତ୍ରିଙ୍କ ପ୍ରସାଦ ସାଧାରଣ ଲୋକଙ୍କ ପରି ଲାଇନରେ ଛିଡା ହୋଇ ପ୍ରସାଦ ସେବନ କରୁଥିଲେ ଏଭଳି ମନ୍ତ୍ରୀଙ୍କ ସାଧାରଣ ଜିବନ ଜାପନକୁ ଲୋକେ ପ୍ରଶଂସା କରୁଥିଲେ । ପୂର୍ବରୁ ନେତା ମନ୍ତ୍ରୀଙ୍କ ଦେଖା ମିଳୁନଥିଲା କିନ୍ତୁ ବର୍ତ୍ତମାନ ସରକାରଙ୍କ କ୍ୟାବିନେଟ ମନ୍ତ୍ରୀ କୋକଙ୍କ ପାଖକୁ ଯାଇ ଲୋକଙ୍କ ଦୁଃଖ ଶୁଣୁଛନ୍ତି । ଯାହାକୁ ନେଇ ଲୋକଙ୍କ ମନରେ ନୂଆ ଆଶା ସଂଚାର ହୋଇଛି ।

# ଗୋପାଳପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକୋତ୍ସବ

ଜଗତସିଂହପୁର,୨୯।୧:(ମନ୍ଥନ)ରଘୁନାଥପୁର ବ୍ଲକ ଗୋପାଳପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସିଆରସିସି ସୁକାନ୍ତ କୁମାର ଦ୍ୱିବେଦୀଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୋମଳମତି ଛାତ୍ରାଛାତ୍ରଙ୍କୁ ଶିକ୍ଷଣୀୟ ଉପଦେଶ ପ୍ରଦାନ କରିବା ସହ ଶିକ୍ଷକମାନେ ପିଲାଙ୍କ ପଥପ୍ରଦର୍ଶକ ସାଜନ୍ତୁ ବୋଲି ମତବ୍ୟକ୍ତ କରିଥିଲେ । ଏଥିରେ ରେଭେନସା ବିଶ୍ୱ ବିଦ୍ୟାଳୟର ପୂର୍ବତନ ଡିନ ପ୍ରଫେସର ଗୌରାଙ୍ଗ ଚରଣ ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଶିକ୍ଷାର୍ଥୀଙ୍କ ମାନସିକତାକୁ ପଢି ସେମାନଙ୍କୁ ସଠିକ ଢଙ୍ଗରେ ଗଢିବା ଉଭୟ ଶିକ୍ଷକ ଓ ମାତାପିତାଙ୍କ ଗୁରୁଦାୟିତ୍ୱ ବୋଲି ପ୍ରଫେସର ନନ୍ଦ ବକ୍ତବ୍ୟ ରଖିଥିଲେ ୟଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ନଳିନୀପ୍ରଭା ମୁଦୁଲି,ବରିଷ୍ଠ ସିନେ କଳାକାର ବୀରେନ ମିଶ୍ର,ଏବିଇଓ ଆଶୁତୋଷ



ବାନାର୍ଜୀ,ପିନାକୀ ବିଶ୍ୱାସ,ରତନ ସିହ୍ନା , ବିଦ୍ୟାଳୟ ପରିଚାଳନା କମିଟି ସଭାପତି କେଦାରନାଥ ସାହୁ ଓ ପଞ୍ଚସଖା ଶିକ୍ଷା ସେତୁ ସଭାପତି ଭାସ୍କର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଶିକ୍ଷାଭିତ୍ତିକ ଦିଗଦର୍ଶନ ଦେଇଥିଲେ । ଏହି ଅବସରରେ କ୍ରୀଡା ଓ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ୯୦ ଜଣ ପ୍ରତିଯୋଗୀଙ୍କୁ ଅତିଥିଙ୍କ ପକ୍ଷରୁ ମେଡାଲ ଓ ମାନପତ୍ର ଦିଆଯାଇ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ଜୟପ୍ରକାଶ ପଣ୍ଡା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଓ ପ୍ରଧାନଶିକ୍ଷୟତ୍ରୀ ସୁଜାତା ମହାନ୍ତି ବାର୍ଷିକ ବିବରଣୀ ପଠନ କରିଥିଲେ । ଶିକ୍ଷୟତ୍ରୀ ପୁଷ୍ପାଞ୍ଜଳି ସ୍ୱାଇଁ ଧନ୍ୟବାଦ ଦେଇଥିଲେ । ପରେ ଶିକ୍ଷୟତ୍ରୀ ଦୀପ୍ତି ମଲ୍ଲିକ୍,ସୁଶ୍ରିସଂଗିତା ଦାସ,କବିତା ରାଉତରାୟ ଓ ପ୍ରଭାତିପ୍ରୀୟା ବିଶ୍ୱାଳଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ର ,ଅଭିଭାବକ ଓ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଉଦ୍ଧାର ହେଲା ଐତିହାସିକ ଗାଦିବ୍ରହ୍ମଙ୍କ ମାଘ ବୁଡ଼

ଅସ୍ତରଙ୍ଗ,୨୯।୧:(ମନ୍ଥନ)ଅନେକ ମଠ ମନ୍ଦିର ସଂସ୍କୃତି କୁ ନେଇ ସାରା ବିଶ୍ୱ ରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଆମ ରାଜ୍ୟ, ଗଙ୍ଗା ଙ୍କ ଠୁ ସହସ୍ର ବର୍ଷ ପୁରୁଣା ପବିତ୍ର ପ୍ରାଚୀ ନଦୀ, କାକଟପୁର ଅସ୍ତରଙ୍ଗ ଦେଇ ପ୍ରବାହିତ ହୋଇ ବଙ୍ଗୋପସାଗର ରେ ମିଶିଛି ଆଉ ଏହାରି କୂଳ ରେ ଅଛି ଅନେକ ଐତିହାସିକ ମନ୍ଦିର ମଠ । କୁହାଯାଏ ଜଗନ୍ନାଥ ଙ୍କ ପଞ୍ଚସଖା ଅଚ୍ୟୁତ, ଅନନ୍ତ, ଯଶବନ୍ତ, ଜଗନ୍ନାଥ ଓ ବଳରାମ ଦାସ ପୁରୀ ଠୁ ବୈଷ୍ଣବ ଲୀଳା ପ୍ରଚାର କରିବାକୁ ପ୍ରାଚୀ ନଦୀ ତୀରେ ତୀରେ ଅନେକ ସ୍ଥାନ ରେ ବିଶ୍ରାମ କରି ଲୀଳା ରଚନା କରିଥିଲେ । ଆଉ ଆଜିବି ଆଳସାହି ଗ୍ରାମ ରେ ଗାଦିବ୍ରହ୍ମ ପିଠ ଯାହା ସହ ସହ ବର୍ଷ ପୁରୁଣା ଆଉ ଏହି ପୀଠ ରେ ଅଚ୍ୟୁତନନ୍ଦ ଦାସ ତାଙ୍କର ଲୀଳା କରିଥିଲେ । ଆଉ ସେହି ପ୍ରାଚୀନ ସମୟ ରୁ ଗାଦି ବ୍ରହ୍ମ ଙ୍କ ନାମ ରେ ବଟ ବୃକ୍ଷ ମୂଳ ରେ ପୂଜା ପାଇ ଆସୁଛନ୍ତି ଗୋସେଇଁ, ପବିତ୍ର ମାଘ ସପ୍ତମୀ ରେ ଏଠି ହଜାର ହଜାର ସଂଖ୍ୟା ରେ ଶ୍ରଦ୍ଧାଳୁ ବୁଡ଼ ପକାଇ ନିଜ ରେ ମନସ୍କାମନା ପୂର୍ଣ୍ଣ କରନ୍ତି କିନ୍ତୁ କାଳ କ୍ରମେ ଏହି ଐତିହାସିକ ପୀଠ ରେ ଏହି କାର୍ଯ୍ୟକ୍ରମ ବନ୍ଦ ହୋଇଗଲା ମାତ୍ର ଚଳିତ ବର୍ଷ ଉଦୀୟମାନ ବ୍ୟକ୍ତି ମାନଙ୍କ ପ୍ରଚେଷ୍ଟା ରେ ଏହି ମାଘ ବୁଡ଼ କୁ ଉଦ୍ଧାର କରାଯାଇଛି ।ଅନେକ ସନାତନ ଧର୍ମୀ, ଜଗନ୍ନାଥ ପ୍ରେମୀ



ଙ୍କର ଭିଡ଼ ଜମିଛି, ଚଳିତ ବର୍ଷ ଏହି ଗାଦି ମଠ ରେ ଶୋଭା ପାଉଛି । ଜଗନ୍ନାଥ ଙ୍କ ବିଭିନ୍ନ ବେଶ, ବାର ମାସ ରେ ମହାପ୍ରଭୁ ଙ୍କ ବିଶେଷ ବେଶ ଏଠି ଏକାଥରେ ଦର୍ଶକ ମାନେ ଦର୍ଶନ କରି ଆତ୍ମତୃପ୍ତି ଲାଭ କରୁଛନ୍ତି । ବିଶ୍ୱାସ ଅଛି ନିସନ୍ତାନ ମାନେ ଏଠି ପୂଜା କଲେ କୋଳ ରେ ସନ୍ତାନ ପ୍ରାପ୍ତି କରନ୍ତି, ଯିଏ ଯେଉଁଦୁରାରୋଗ୍ୟ ରେ ପଡେ ଗାଦି ଗୋସେଇଁଙ୍କ ବିଭୁତି ରେ ଆରୋଗ୍ୟ ହୁଏ, ମାଲି ମକୋଦ୍ଦମା ରେ ନ୍ୟାୟ ପାଇଁ ଏଠି ମଧ୍ୟ ମାନସିକ କରାଯାଏ । ମିନା ବଜାର ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ନିଜକୁ ସାମିଲ କରିଛନ୍ତି ହଜାର ହଜାର ଦର୍ଶକ, ଘୃତହୁତି, ଭାଗବତ ପାଠ, ଗୀତା ପାଠ ରେ ଗାଦି ବ୍ରହ୍ମ ଙ୍କର ଚାଲିଛି ପୂଜା ପାଠ, ଅଭିଜ୍ଞ ପଣ୍ଡିତ ମଣ୍ଡଳୀ ଙ୍କ ମନ୍ତ୍ରଧ୍ୱନି ରେ ପ୍ରକମ୍ପିତ ହେଉଛି ।ସମଗ୍ର ଅଞ୍ଚଳ, ଆଧାତ୍ମିକ ପରିବେଶ ଭିତରେ ଚାଲିଛି ମାଘ ସପ୍ତମୀ ବୁଡ଼, ଆବାହକ ଅରୁଣ ବିଶ୍ୱାଳ ଙ୍କ ସମେତ ଆୟୋଜନ କମିଟି ର ପୀତବାସ ବିଶ୍ୱାଳ, ରାଧୁଆ ବିଶ୍ୱାଳ, ପ୍ରଶାନ୍ତ ଭୋଳ, ପ୍ରଦେଶ ବରାଳ ଓ ଅନ୍ୟ ମୁଖିଆ। ବ୍ୟକ୍ତି ବିଶେଷ ସମସ୍ତ କାର୍ଯ୍ୟ କୁ ଶାନ୍ତି ଶୃଙ୍ଖଳା ରେ ପରିଚାଳିତ କରୁଛନ୍ତି ।

## ଦ୍ୱିତୀୟ ଭଞ୍ଜ ଗୋଲୋକ ଚନ୍ଦ୍ର ପ୍ରଧାନଙ୍କ ୧୩୦ତମ ଜୟନ୍ତୀ ପାଳିତ

ମାହାଙ୍ଗା,୨୯।୧:(ମନ୍ଥନ)ମାହାଙ୍ଗା ବ୍ଲକ ଗୋପାଳପୁର ପଂଚାୟତର ଗୋପାଳପୁର ଠାରେ ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦ ଦୁଲାରପୁର,ଗୋପାଳପୁ,ମାହାଙ୍ଗା,କଟକ ଆନୁକୂଲ୍ୟରେ ଦ୍ୱିତୀୟ ଭଞ୍ଜ ଗୋଲୋକ ଚନ୍ଦ୍ର ପ୍ରଧାନଙ୍କ ୧୩୦ତମ ଜନ୍ମ ଉତ୍ସବ ଓ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ କବିତା ପାଠୋତ୍ସବ ସଂସଦର ଉପସଭାପତି ଡଃ ଏକାଦଶୀ ପ୍ରଧାନଙ୍କ ସଭାପତିତ୍ୱ କରିଥିଲେ । ବରେଣ୍ୟ ଅତିଥି ଭାବେ ଡଃ ପ୍ରସନ୍ନ କୁମାର ନାଥଶର୍ମା, ସମୀକ୍ଷକ ଭାବେ ପ୍ରାଧ୍ୟାପକ ବିରୁପାକ୍ଷ ରାୟ, ସମ୍ମାନୀତ ବକ୍ତାଭାବେ ପ୍ରବାଚକ ଶରତ ଚନ୍ଦ୍ର ରଥ,ସମ୍ମାନୀତ ଅତିଥିଭାବେ ଶାରଦାପ୍ରସାଦ ମିଶ୍ର ଯୋଗଦେଇ କବିତାର ବିଭିନ୍ନ ଦିଗ ସଂପର୍କରେ ଆଲୋକପାତ କରିବା ସହ ଦ୍ୱିତୀୟ ଭଞ୍ଜଙ୍କର କାବ୍ୟକୃତୀ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଶିଶୁ ସାହିତ୍ୟିକ ମହେନ୍ଦ୍ର କୁମାର ଘଡେଇ, ସ୍ତମ୍ଭକାର ବିବେକାନନ୍ଦ ଦାସ, କବୟିତ୍ରୀ ଗୀତାଞ୍ଜଳୀ କରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ସର୍ବଶ୍ରୀ ପିତାମ୍ବର ସ୍ୱାଇଁ, ବିଷ୍ଣୁପ୍ରିୟା ସ୍ୱାଇଁ, ଚୌଧୁରୀ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ତାରାପ୍ରସାଦ ମହାପାତ୍ର, ଶରତ ଚନ୍ଦ୍ର ମିଶ୍ର, ପ୍ରଫୁଲ୍ଲ କୁମାର ସିଂ, କବି ସୌରଭ ବଳରାମ ଓଝା, ସତ୍ୟାନନ୍ଦ ଦାଶ, ପୁରୁଷୋତ୍ତମ ପୃଷ୍ଟି, ରଶ୍ମିରଂଜନ ରାୟ, ମନୋଜ ପ୍ରଧାନ, ସଦାଶିବ ପଣ୍ଡା, କରିନା ପରୱିନ୍, ପ୍ରତିଭା ଦାସ, ଅର୍ସଦ ଖାଁ, ସୟଦ ଆଲେନ୍ ନବି, ବିଜୟ କୁଅଁର, କଳ୍ପନା ମହାନ୍ତି, ବିକ୍ରମ କେଶରୀ ନାଥ, ସୁଶାନ୍ତ ନାୟକ, ଧନେଶ୍ୱର ପ୍ରଧାନ, ଜୟନ୍ତୀ ସାହୁ, ନିରଞ୍ଜନ ସାହୁଙ୍କ ସମେତ ବହୁ କବି ଓ କବୟିତ୍ରୀ ନିଜର ସ୍ୱରଚିତ କବିତାପାଠ କରିଥିଲେ। ପ୍ରାରମ୍ଭରେ ଶିଶୁ ସାହିତ୍ୟିକ ପ୍ରଫୁଲ୍ଲ କୁମାର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରାଜକିଶୋର ମିଶ୍ର, କଲ୍ଲୋଳ ଚନ୍ଦ୍ର ମହାନ୍ତି, ଇଂ. ସରୋଜ ସାମଲ, ମାନସ ପ୍ରଧାନ. ଇଂ ଚିନ୍ମୟ ଜେନା, ଦେବଜାନୀ ଜେନା, ମାନସ ମହାନ୍ତି, ବିଚିତ୍ରାନନ୍ଦ ବିଶ୍ୱାଳ ସହଯୋଗ କରିଥିଲା ବେଳେ ଦିବାକର ପାଣ୍ଡେଙ୍କ ସଂଯୋଜନାରେ ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା ଶେଷରେ ଦିଲ୍ଲିପ କୁମାର ଗ୍ରାହାଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ମାହାଙ୍ଗା ଓ ଆଖପାଖ ଅଂଚଳର ବହୁ କବି ,ସାହିତ୍ୟିକ ଓ ଲେଖକମାନେ ଯୋଗଦେଇଥିଲେ।

## ବନ୍ତଳା କୃଷି ଉତ୍କର୍ଷ କେନ୍ଦ୍ରରେ ୭୭ତମ ସାଧାରଣତ ତନ୍ତ୍ର ଦିବସ ପାଳିତ

ମାହାଙ୍ଗା, ୨୯।୧:(ମନ୍ଥନ)ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋପାଳପୁର ପଂଚାୟତରେ ବନ୍ତଳାସ୍ଥିତ ଶରତ କର ଓ ଅନିମା କର ଫାଉଣ୍ଡେସନ ଦ୍ୱାରା ପରିଚାଳିତ କୃଷି ଉତ୍କର୍ଷ କେନ୍ଦ୍ର ପରିସରରେ ୭୭ତମ ଜନରାଜ୍ୟ ଦିବସ ପାଳିତ ହୋଇଯାଇଛି । ଫାଉଣ୍ଡେସନର ଅଧ୍ୟକ୍ଷ ତଥା ପୂର୍ବତନ ଆୟକର କମିଶନର ଶୋଭନ କର ଜାତୀୟ ପତାକା ଉତ୍ତୋଳନ କରି ମତ ଦେଇଥିଲେ ଯେ ଆମ ଦେଶ ଭାରତ ବର୍ଷରେ ଗଣତନ୍ତ୍ର ଶାସନ ବ୍ୟବସ୍ଥାର ସମ୍ବିଧାନ ୧୯୫୦ ମସିହା ଜାନୁୟାରୀ ୨୬ ତାରିଖରୁ ବିଧିବଦ୍ଧ ଭାବେ ପ୍ରଚଳିତ ହୋଇଥିଲା । ସମଗ୍ର ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତର ସମ୍ବିଧାନ ନାଗରିକଙ୍କ ଅଧିକାର ଓ ସୁରକ୍ଷା ପାଇଁ ଯେତିକି ଗୁରୁତ୍ୱ ବହନ କରେ ତତୋଧିକ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସଚେତନ ରହିବା ପ୍ରତ୍ୟେକ ନାଗରିକଙ୍କର ଧେୟ ହେବା ଉଚିତ୍ । କୃଷି ଉତ୍କର୍ଷ କେନ୍ଦ୍ରର କର୍ମକର୍ତ୍ତା, କର୍ମଚାରୀଙ୍କ ସମେତ ଶରତ କର ଓ ଅନିମା କର ଫାଉଣ୍ଡେସନ ତଥା ଶରତପ୍ରେମୀ ପରିବାରର ବହୁ ସଦସ୍ୟ, ସ୍ଥାନୀୟ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ବିଭିନ୍ନ ଗ୍ରାମରୁ ଶତାଧିକ ବୟୋଜ୍ୟେଷ୍ଠ ମୁରବୀ, ବୁଦ୍ଧିଜୀବୀ ,ଛାତ୍ର ଓ ମହିଳାମାନେ ଯୋଗଦେଇ ଜାତୀୟ ସଂଗୀତ ଗାନ କରିବା ସହ ବିଭିନ୍ନ ସ୍ଲୋଗାନ ମାଧ୍ୟରେ ଦେଶମାତୃକା ତଥା ପୂର୍ବଶୂରୀମାନଙ୍କ ଜୟଧ୍ୱନୀ କରିଥିଲେ ।

# କୁଷ୍ଠ ରୋଗ ନିର୍ମୂଳନ ପାଇଁ ଜିଲ୍ଲା ସଂଯୋଜନା କମିଟି ବୈଠକ

ଯାଜପୁର,୨୯।୧:(ମନ୍ଥନ) ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ କୁଷ୍ଠ ନିରାକରଣ ପାଇଁ ଜିଲ୍ଲା ସଂଯୋଜନା କମିଟି ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ମୁଖ୍ୟ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଜିଲ୍ଲାର ଡାକ୍ତରମାନେ ଉପସ୍ଥିତ ଥିଲେ। କୁଷ୍ଠ ରୋଗ ନିରାକରଣ ପାଇଁ ତୃଣମୂଳ ସ୍ତରରେ ତଥା ଗ୍ରାମାଂଚଳରେ ଜନ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବା ନେଇ ଆଲୋଚନା ହୋଇଥିଲା। କୁଷ୍ଠ ରୋଗୀଙ୍କୁ ଘୃଣା ନକରି ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ଆପଣାଇବା ପାଇଁ ଲୋକଙ୍କୁ ଉତ୍ସାହିତ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ କହିଥିଲେ। କୁଷ୍ଠ ରୋଗର ପ୍ରାକ୍ ଚିହ୍ନଟ ପ୍ରକ୍ରିୟାକୁ ବ୍ୟାପକ କରିବା ଉପରେ ଅତିରିକ୍ତ ମୁଖ୍ୟ ଜନ ସ୍ୱାସ୍ଥ୍ୟ ଅଧିକାରୀ ଗୁରୁତ୍ୱ ଦେଇଥିଲେ। କୁଷ୍ଠ ରୋଗ ସମ୍ବନ୍ଧୀୟ ଭ୍ରାନ୍ତ ଧାରଣା ଓ ଭେଦଭାବ ଦୂର କରିବା ପାଇଁ ଚଳିତ ବର୍ଷ ୩୦ ଜାନୁଆରୀ ରୁ ୧୩ ଫେବୃଆରୀ ଯାଏଁ ସ୍ପର୍ଶ କୁଷ୍ଠ ରୋଗ ସଚେତନତା ଅଭିଯାନ ଆୟୋଜିତ ହେବ। ଏହି ଅଭିଯାନରେ କୁଷ୍ଠ ରୋଗ ସମ୍ପର୍କିତ ଜିଲ୍ଲାପାଳଙ୍କ ସଚେତନତା ବାର୍ତ୍ତା ଗ୍ରାମାଂଚଳରେ ପହଂଚିବା ସହ ଗ୍ରାମ ସଭା ମାଧ୍ୟମରେ କୁଷ୍ଠ ରୋଗୀଙ୍କ ଭେଦଭାବ ଦୂର କରିବା ପାଇଁ ପ୍ରୟାସ କରାଯିବ। ଏହାସହ କୁଷ୍ଠ ରୋଗାକ୍ରାନ୍ତ ରୋଗୀ, ଆଶା ଓ ଏଏନଏମ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ଜାତୀୟ କୁଷ୍ଠ ରୋଗ ଦୂରୀକରଣ ପ୍ରୋଗ୍ରାମ ଅଧୀନରେ ଜିଲ୍ଲାରେ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଏହାସହ ମହାତ୍ମା ଗାନ୍ଧୀଙ୍କ ଶହୀଦ ଦିବସ ଜାନୁଆରୀ ୩୦ କୁ ଜାତୀୟ ଆଂଟି-ଲେପ୍ରୋସି ଦିବସ ଭାବେ ପାଳନ କରାଯିବ। ଏହି ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଡାକ୍ତରମାନେ କୁଷ୍ଠ ରୋଗ ନିରାକରଣ ଓ ଭେଦଭାବ ଦୂର କରିବା ପାଇଁ ଶପଥ ପାଠ କରିଥିଲେ।



## ବାଲିପଡାଠାରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ

ମାହାଙ୍ଗା,୨୯।୧:(ମନ୍ଥନ)ମାହାଙ୍ଗା ବ୍ଲକର ନାହାଙ୍ଗ ପଂଚାୟତ ଅନ୍ତର୍ଗତ ପଂଚାୟତ ଶ୍ରୀଧର କୁଅଁର ଉଚ୍ଚ ବିଦ୍ୟାଳୟ ଓ ଶ୍ରୀଧର କୁଅଁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରାଣପ୍ରତିଷ୍ଠାତା,ସମାଜସେବୀ ତଥା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଯୋଗେଶ ଚନ୍ଦ୍ର କୁଅଁର ଜାତୀୟପତାକା ଉତ୍ତୋଳନ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ଦେଶସେବାରେ ବ୍ରତୀ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ସାମଲ, ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ସାହାନିଆଜ ବେଗମ୍, ସରପଂଚଙ୍କ ପ୍ରତିନିଧି ଦେବରଂଜନ ମହାନ୍ତି, ସମିତିସଭ୍ୟ ଦିଲ୍ଲିପ କୁମାର ସାମଲ, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ମୋହନ ଚରଣ ସିଂ, ଓ୍ୱାର୍ଡ ସଭ୍ୟଙ୍କ ସମେତ ବିଦ୍ୟାଳୟ ସମୂହର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଣଶିକ୍ଷକର୍ମଚାରୀ, ଅଙ୍ଗନୱାଡି କର୍ମୀ ଓ ଛାତ୍ର ଛାତ୍ରୀମାନେ ଉପସ୍ଥିତ ରହି ଜାତୀୟ ସଂଗୀତ ଗାନ କରିବା ସହିତ ଭାରତର ମହାନ୍ ସ୍ୱାଧୀନତା ସଂଗ୍ରାମୀମାନଙ୍କର ସ୍ମୃତି ଚାରଣ କରିଥିଲେ।

## ପ୍ରଚେଷ୍ଟା ତରଫରୁ ସାଧାରଣତନ୍ତ୍ର ଦିବସ ପାଳିତ

ମାହାଙ୍ଗା, ୨୯।୧:(ମନ୍ଥନ)ଧାରଣତନ୍ତ୍ର ଦିବସ ଉପଲକ୍ଷେ ସ୍ୱେଚ୍ଛାସେବୀ ସଂଗଠନ 'ପ୍ରଚେଷ୍ଟା' ତରଫରୁ ଭୁବନେଶ୍ୱରସ୍ଥିତ ରାମ ମନ୍ଦିର ଓ କଳିଙ୍ଗ ହସପିଟାଲ ଛକ ନିକଟସ୍ଥ ଜଗନ୍ନାଥ ମନ୍ଦିର ପରିସରରେ ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ଗରିବ ଓ ଅସହାୟ ବ୍ୟକ୍ତିମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯିବା ସହ ଜଗତର ମଙ୍ଗଳକାମନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଚିନ୍ମୟ ମହାନା, ଅବିନାଶ ବେହେରା, ଶୁଭରଂଜନ ବିଧାର, ଆଶିଷ ସାହୁ,ମାନସ ରଂଜନ ନାୟକ, ଅଞ୍ଜୁ ମାହାନା, ଗୋଲାପ ସାହୁ, ପ୍ଲିଣ୍ଟନ ଦିଗଲ୍, ଆଦିତ୍ୟ ମହାପାତ୍ର, ଦୀପକ ଗୌଡ,ପ୍ରଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅନୁଷ୍ଠାନର ସଭାପତି ଜୟନ୍ତ ଦାସଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଗାନ୍ଧିଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରଚେଷ୍ଟା ଅନୁଷ୍ଠାନର ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ରହିଥିଲେ ।

## ଅନ୍ଧବିଶ୍ୱାସର କରୁଣ ଚିତ୍ର,ଡାହାଣୀ ସନ୍ଦେହରେ ନିଜ ମାଙ୍କୁ ହାଣି ହତ୍ୟା କଲା ଜହ୍ଲାଦ ପୁଅ

ମୋରଡ଼ା,୨୯।୧:(ମନ୍ଥନ)ଅନ୍ଧବିଶ୍ୱାସର କରୁଣ ଚିତ୍ରୟ ଡାହାଣୀ ସନ୍ଦେହରେ ନିଜ ଜନ୍ମ ଦାତ୍ରୀ ମାଆ। କୁ କଟୁରୀରେ ହାଣି ହତ୍ୟା କଲା ଜହ୍ଲାଦ ପୁଅୟ । ଏଭଳି ଅଭାବନୀୟ ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ ବେତନଟୀ ଥାନା ଅନ୍ତର୍ଗତ କଲରାଫୁଲିଆ। ଗାଁରେ । ସ୍ତ୍ରୀ ଗର୍ଭରେ ପିଲା ନଷ୍ଟ ହୋଇଯିବାର କାରଣ ମାଆ। ବୋଲି ଭାବି ଜନ୍ମକଲା ମାକୁ ହାଣୀ ହତ୍ୟା କଲା ପୁଅ । ଅଭିଯୁକ୍ତ ପୁଅ ତପନ ସିଂକୁ ଗିରଫ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି ପୋଲିସ । ମା ରାଇମଣୀ ସିଂ ୬୦ବର୍ଷ ବୃଦ୍ଧାଙ୍କୁ ବହୁ ଦିନରୁ ପୁଅ ତପନ ସନ୍ଦେହ କରି ଆସୁଥିଲା ଆଜି ସକାଳେ ନିଶାସକ୍ତ ଅବସ୍ଥାର ଘରେ କେହି ଥିବା ସମୟରେ ମା ସହିତ ଝଗଡା ଲାଗି ରାଗରେ ଏକ କଟୁରି ଚୋଟରେ ବାର ବାର ହାଣି ହତ୍ୟା କଲା ପୁଅୟ ମା ର ଚିତ୍କାର ଶୁଣି ପାଖ ଲୋକ ଦୌଡ଼ି ଆସି ଦେଖିଲା ବେଳକୁ ରକ୍ତ ଜୁଡୁବୁଡୁ ଅବସ୍ଥାର ତଳେ ପଡ଼ି ଛଟପଟ ହେଉଛନ୍ତି ୬୦ବର୍ଷ ର ବୃଦ୍ଧା ରାଇମଣୀ । ଘଟଣା ସ୍ଥଳରେ ବେତନଟୀ ପୋଲିସ ପହଞ୍ଚି ଜହ୍ଲାଦ ପୁଅ ତପନକୁ ଗିରୋଫ କରି ଅଧିକ ତଦନ୍ତ ଆରମ୍ଭ କରିଛି ।

## ସବୁଜ ପରିବେଶ ଆଇନର ଖୁଲମଖୁଲା ଉଲଘଂନ

ବଳଙ୍ଗା,୨୯।୧:(ମନ୍ଥନ)ବଳଙ୍ଗା ଥାନା ଅଞ୍ଚଳରେ ବେଆଇନ ଭାବେ ନଦୀବାଲି ପରିବହନ ଓ ଚୋରାଚାଲାଣ ରେ ଲିପ୍ତ ଥାଇ ଜିଲ୍ଲା ଖଣିବିଭାଗ କନିଷ୍ଠ ଅଧିକାରୀଙ୍କ ଦ୍ୱାରା ଧରାପଡି ଜୋରିମାନାକୁ ପିଠ ନକରି ଖସିବୁଲୁଥିବା ୨ଜଣ ହାଇୱା ମାଲିକଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବଳଙ୍ଗା ପୋଲିସକୁ ଅଭିଯୋଗ ପତ୍ର ଦିଆଯାଇଛି । ଗତ ୨ ସପ୍ତାହ ତଳେ ପୁରୀର ଉପ-ଜିଲ୍ଲାପାଳ ଓ ଜିଲ୍ଲା ଖଣିବିଭାଗ କନିଷ୍ଠ ଅଧିକାରୀ ବଳଙ୍ଗା ଥାନା ଅଞ୍ଚଳରେ ଚଢଉ କରି ବେଆଇନ ଭାବେ ବାଲି ପରିବହନ କରୁଥିବା ୨ ଗୋଟି ହାଇୱା ଟ୍ରକ୍‌କୁ ଜବତ କରି ବଳଙ୍ଗା ପୋଲିସକୁ ହସ୍ତାନ୍ତର କରିଥିଲେ । ତେବେ ଚଢଉ ବେଳେ ଚାଳକ ମାନେ ଖସି ପଳାଇଥିଲେ । ଖଣିବିଭାଗ ପକ୍ଷରୁ ଏହି ୨ଟି ହାଇୱା ଉପରେ ୭ଲକ୍ଷ ଟଙ୍କାର ଉର୍ଦ୍ଧ୍ୱ ଜୋରିମାନା କରାଯାଇ ତୁରନ୍ତ ପୈଠ ନିମନ୍ତେ ମାଲିକମାନଙ୍କୁ ନିର୍ଦ୍ଦେଶ ଜାରିହୋଇଥିଲା । ତେବେ ଜୋରିମାନା ପିଠ କରିବାତ ଦୂରର କଥା ମାଲିକମାନେ ଧରାଛୁଆଁ ନଦେଇ ବୁଲୁଛନ୍ତି । ଯାହାକି ଅତ୍ୟନ୍ତ ଧର୍ତବ୍ୟ ଓ ସବୁଜ ପରିବେଶ ଆଇନର ଉଲ୍ଲଘଂନ ବୋଲି ଖଣିବିଭାଗ କନିଷ୍ଠ ଅଧିକାରୀ ବିଜୟ କୁମାର ବେହେରା ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ।ଏଥି ସହ ଗାଡି ସିଜର ଲିଷ୍ଟ,ଜୋରିମାନା ଅନାଦାୟ ବିବରଣୀ ,ଜବତ ହାଇୱାର ଆର.ସି କପି ଓ ମାଲିକଙ୍କ ଆଧାର କାର୍ଡ ପୋଲିସଙ୍କୁ ପ୍ରଦାନ କରାଯାଇଛି । ଜିଲ୍ଲା ଖଣିବିଭାଗର ଏତାଦୃଶ୍ୟ ଦୃଢ କାର୍ଯ୍ୟାନୁଷ୍ଠାନ ପରିପ୍ରେକ୍ଷୀରେ ବଳଙ୍ଗା ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅଭିଯୋଗରେ ଦର୍ଶାଯାଇଛି ।

## ଗଣତନ୍ତ୍ର ଦିବସରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ସାଇକେଲ ରାଲି

ଯାଜପୁର,୨୯।୧:(ମନ୍ଥନ) ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଯାଜପୁର ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ୭୭ତମ ଗଣତନ୍ତ୍ର ଦିବସରେ "ବାଲ୍ୟ ବିବାହ ମୁକ୍ତ ଭାରତ" ଉପଲକ୍ଷେ ଏକ ସାଇକେଲ ରାଲି ଅନୁଷ୍ଠିତ ହୋଇଅଛି । ଏହି ରାଲି ସିଭିଲ କୋର୍ଟ ପରିସରରୁ ବାହାରି ନରସିଂହ ଚୌଧୁରୀ ସ୍ୱଂୟ ଶାସିତ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ଏଥିରେ ନରସିଂହ ଚୌଧୁରୀ ସ୍ୱଂୟ ଶାସିତ ମହାବିଦ୍ୟାଳୟ, ବିରଜା ମହିଳା ବିଦ୍ୟାଳୟ, ବିରଜା ଆଇନ ମହାବିଦ୍ୟାଳୟର ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସର ଛାତ୍ରଛାତ୍ରୀମାନେ ତଥା ବିଭିନ୍ନ ଆଶା ଓ ଅଙ୍ଗନୱାଡି କର୍ମୀ ତଥା ସିଭିଲ କୋର୍ଟର କର୍ମଚାରୀମାନେ ଭାଗ ନେଇଥିଲେ। ଏହି ରାଲିକୁ ଜିଲ୍ଲା ଓ ଦୌରାଜଜ ଅମୃତ ରଞ୍ଜନ ନନ୍ଦ ଏବଂ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ମିଳିତ ଭାବେ ଉଦଘାଟନ କରିଥିଲେ। ଏହି ଶୋଭାଯାତ୍ରାରେ ସିଭିଲ କୋର୍ଟ ଯାଜପୁରର ସମସ୍ତ ବିଚାରପତି, ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଉପସ୍ଥିତ ଥିଲେ। ଏହି ରାଲି ମାଧ୍ୟମରେ ବାଲ୍ୟ ବିବାହ ମୁକ୍ତ ପୋର୍ଟାଲ ଶିଶୁ ସୁରକ୍ଷା ହେଲ୍ପ ଲାଇନ୍ ନମ୍ବର ୧୦୯୮ ଏବଂ ନାଲସା ନ୍ୟାସନାଲ ହେଲ୍ପ ଲାଇନ୍ ୧୫୧୦୦ ପ୍ରଚାର କରାଯାଇଥିଲା । ଏହି ଆନୁକୂଲ୍ୟରେ ଷ୍ଟୁଡେଂଟ ଲିଗାଲ ଲିଟରେଚର କ୍ଲବ, ଯାଜପୁର ମ୍ୟୁନିସିପାଲିଟି ସରକାରୀ ବିଦ୍ୟାଳୟର ସଦସ୍ୟ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଏକ ପଥ ପ୍ରାନ୍ତ ନାଟକ "ବାଲ୍ୟ ବିବାହ ମୁକ୍ତ ଭାରତ" ପରିବେଷଣ କରାଯାଇଥିଲା। ଏହି ଶୋଭା ଯାତ୍ରାରେ ପ୍ରଶାସନ ତରଫରୁ ଏକ ସଚେତନତା ରଥ ପରିକ୍ରମଣ ହୋଇଥିଲା।



# ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଯାଜପୁର,୨୯।୧:(ମନ୍ଥନ)ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ପ୍ରକୋଷ୍ଠରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ଶିବାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ଜିଲ୍ଲାର ସମସ୍ତ ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରୀ, ଜିଲ୍ଲା ସ୍ତରୀୟ ବିଭିନ୍ନ ଅଧିକାରୀଗଣ, ଅଧ୍ୟାପିକା, ନରସିଂହ ସ୍ୱୟଂଶାସିତ ମହାବିଦ୍ୟାଳୟ, ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ଅଧ୍ୟକ୍ଷ, ସରକାରୀ ବହୁମୁଖୀ ଅନୁଷ୍ଠାନର ଅଧ୍ୟାପକ ଇତ୍ୟାଦି ଯୋଗଦାନ କରି ଏହି ନିଯୁକ୍ତି ମେଳାକୁ ସଫଳ କରିବା ଉଦ୍ଦେଶ୍ୟରେ ସେମାନଙ୍କର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ଆସନ୍ତା ଫେବୃଆରୀ ୨୭ ତାରିଖରେ ନରସିଂହ ଚୌଧୁରୀ (ସ୍ୱୟଂଶାସିତ) ମହାବିଦ୍ୟାଳୟ ପରିସରରେ ଏହି ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହେବା ପାଇଁ ବୈଠକ ରେ ନିଷ୍ପତି ନିଆଯାଇଅଛି । ଏହି ନିଯୁକ୍ତି ମେଳାରେ ବିଭିନ୍ନ ପ୍ରତିଷ୍ଠିତ ବେସରକାରୀ ସଂସ୍ଥାର ନିଯୁକ୍ତିଦାତାଙ୍କ ସମେତ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ସହ ଅନୁବନ୍ଧିତ ଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥାର ଅଧିକାରୀମାନଙ୍କୁ ଯୋଗଦେବା ପାଇଁ ନିଷ୍ପତି ହୋଇଛି । ଜିଲ୍ଲାର ସମସ୍ତ ବ୍ଲକର ନିଯୁକ୍ତି ଆଶାୟୀ ଯୁବକ ଯୁବତୀମାନେ ଯେଭଳି ବହୁଳ ସଂଖ୍ୟାରେ ଏହି ବୃହତ ନିଯୁକ୍ତି ମେଳାର ଅଂଶ ଗ୍ରହଣ କରି ସୁଯୋଗ ନେଇପାରିବେ ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ଏବଂ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ନିଯୁକ୍ତି ମେଳା ସମ୍ବନ୍ଧରେ ଗ୍ରାମାଞ୍ଚଳରେ ରହୁଥିବା ନିଯୁକ୍ତି ଆଶାୟୀ ଯୁବକ ଯୁବତୀମାନେ ଯେଭଳି ବ୍ୟାପକ ଭାବେ ସଚେତନ ହୋଇ ଏହାର ସୁଯୋଗ ନେଇପାରିବେ ସେଥି ପାଇଁ ବ୍ଲକର କାର୍ଯ୍ୟକର୍ତ୍ତାମାନଙ୍କ ଜରିଆରେ ପ୍ରଚାର ପ୍ରସାର ପାଇଁ ବୈଠକରେ ଆଲୋଚନା ହୋଇଥିଲା । ଏହାସହ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟ, ଶିଳ୍ପ ତାଲିମ୍ କେନ୍ଦ୍ର ଏବଂ ଡିପ୍ଲୋମା ପାଠ୍ୟକ୍ରମ ଥିବା ଅନୁଷ୍ଠାନଗୁଡ଼ିକର ଛାତ୍ରଛାତ୍ରୀମାନଙ୍କୁ ଏହି ନିଯୁକ୍ତି ମେଳାରେ ଅଂଶଗ୍ରହଣ ପାଇଁ ସୂଚନା ପ୍ରଦାନ ନିମନ୍ତେ ନିଷ୍ପତି ହୋଇଅଛି । ଯାଜପୁର ଜିଲ୍ଲାରେ କାର୍ଯ୍ୟ କରୁଥିବା ବିଭିନ୍ନ ବୃହତ୍ କଂପାନୀଗୁଡ଼ିକୁ ମଧ୍ୟ ଅଂଶ ଗ୍ରହଣ କରିବା ପାଇଁ ନିଷ୍ପତି ନିଆଯାଇଅଛି । ନିଯୁକ୍ତି ମେଳା ସମୟରେ ଆଇନ ଶୃଙ୍ଖଳା ପାଇଁ ପୋଲିସ ଫୋର୍ସ ମୂତୟନ, ସ୍ୱାସ୍ଥ୍ୟ ସେବା ପାଇଁ ମେଡିକାଲ୍ ଟିମ୍ ଓ ଆମ୍ବୁଲାନ୍ସ ଯୋଗାଇଦେବାକୁ ଆଲୋଚନା ହୋଇଥିଲା । ସେହି ଭଳି ଅଗ୍ନି ନିର୍ବାପକ ସୁରକ୍ଷା ପାଇଁ ସଂପୃକ୍ତ ବିଭାଗର କର୍ମଚାରୀମାନେ ମୂତୟନ ରହିବେ। ନିଯୁକ୍ତି ମେଳା ସମୟରେ ପାନୀୟ ଜଳ ଯୋଗାଣ ସହ ପରିମଳ ଓ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ନିଷ୍ପତି ହୋଇଛି। ନରସିଂହ ଚୌଧୁରୀ (ସ୍ୱୟଂଶାସିତ) ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ଛାତ୍ର ଛାତ୍ରୀ ଏହି ନିଯୁକ୍ତି ମେଳାରେ ସହଯୋଗ କରିବେ । ଏହି ବୈଠକ ଶେଷରେ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ଶ୍ରୀ ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



# ଅନୁଗୋଳ ବିଜେପିରେ ମିଶ୍ରଣ ପର୍ବ

ଅନୁଗୋଳ,୨୯।୧:(ମନ୍ଥନ) ଅନୁଗୋଳ ବିଜେପି ଶାଖାର ମିଶ୍ରପଡା ସ୍ଥିତ କାର୍ଯ୍ୟାଳୟ ଠାରେ ଭାରତର ଯଶସ୍ୱୀମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ ବିକାଶମୂଳକ କାର୍ଯ୍ୟ, ଓଡିଶାର ସୁପୁତ୍ର ମାନ୍ୟବର କେନ୍ଦ୍ରଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ, ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝି ଓ ଅନୁଗୋଳ ର ମାନ୍ୟବର ବିଧାୟକ ଶ୍ରୀଯୁକ୍ତି ପ୍ରତାପ ଚନ୍ଦ୍ର ପ୍ରଧାନ (ନିଲୁ ଭାଇ) ଙ୍କ ବଳିଷ୍ଠ ନେତୃତ୍ୱ, ନୀତି ଆଦର୍ଶ ଓ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ଓ ଆସ୍ଥା ପ୍ରକଟ କରି ନିଲୁ ଭାଇ ଙ୍କ ଉପସ୍ଥିତିରେବିଜେଡି ଛାଡି ଭାରତୀୟ ଜନତା ପାର୍ଟି (ବିଜେପି) ରେ ଯୋଗଦାନ କରିଛନ୍ତି । ଏହି ମିଶ୍ରଣ ପର୍ବରେ ଅନୁଗୁଳ ବିଧାନସଭା ନିର୍ବାଚନମଣ୍ଡଳୀବଅଁରପାଳ ଗ୍ରାମ ପଞ୍ଚାୟତ ର ସରପଞ୍ଚ ବିଜେଡି ନେତ୍ରୀ ଶ୍ରୀମତୀ ଅନୁସୂୟା ଗଡନାୟକ, ବିଜେଡି ଛାତ୍ର ଜନତା ଦଳର ଜିଲ୍ଲା ସମ୍ପାଦକ ପ୍ରତାପରାଉତ, ବିଜେଡ଼ି ସମର୍ଥିତ ୱାର୍ଡ ମେମ୍ବର ଶ୍ରୀ ମନୋଜ କୁମାର ସାହୁ, ଶ୍ରୀ କାର୍ତ୍ତିକ ଗୋଛାୟତ,ଶ୍ରୀମତି କମଳୀନୀ ନାଏକ, ବିଜେଡ଼ି ନେତା ଶ୍ରୀଶ୍ୟାମଘନ ନାଏକ, ପ୍ରଶାନ୍ତ ନାଏକ, ଯୋଗେଶ୍ୱର ନାଏକ, ପ୍ରଶାନ୍ତ ରାଉତ, ସୁବ୍ରତ ସାହୁ, ଶିବାନନ୍ଦ ଦାସ, ବିଶ୍ୱନାଥ ନାଏକ, କାଳିଆ। ସାହୁ,ମନୋଜ ସାହୁ, ରକି ବେହେରା, ପ୍ରକାଶ ରାଉତ, ଶ୍ରୀମତୀ ଅନୁପମା ରାଉତ, ରଞ୍ଜିତା ବେହେରା,ବିକାଶ ଗୋଛାୟତ, ଶୁଭଙ୍କର ଗୋଛାୟତଓ ସୁଶିଲ ଗୋଛାୟତ ଯୋଗୋଦାନ କରିଥିଲେ । ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ନେତା ଶ୍ରୀ ଦିଲୀପ ରାଉତ, ବିଜେପିବଅଁରପାଳ ମଣ୍ଡଳର ସଭାପତି ଶ୍ରୀ ସୁବ୍ରତ ସାହୁ, ବଅଁରପାଳ ଗ୍ରାମ ପଞ୍ଚାୟତ ର ବିଜେପି ସଭାପତି ଶ୍ରୀ ଅନାମ ସାହୁ, ବିଜେପି ନେତା ଶ୍ରୀକୁମର ନାଏକ, ଶ୍ରୀ ବୀରେନ ନାଏକ ମଧ୍ୟ ଉପସ୍ଥିତ ଥିଲେ । ଶ୍ରୀଯୁକ୍ତ ପ୍ରଧାନ ସମସ୍ତଙ୍କୁ ଦଳର ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତକରିବାସହ ବିଜେପିରେ ଯୋଗଦାନ ଦେବା ଫଳରେ ବଅଁରପାଳ ଗ୍ରାମ ପଞ୍ଚାୟତ ରେ ଦଳ ର ସଂଗଠନ ଆହୁରି ସୁଦୃଢ଼ ହେବ ବୋଲି ଆଶା ଓବିଶ୍ୱାସ ପ୍ରକଟ କରିଥିଲେ ।



# ସଫଳତାର ପ୍ରଦର୍ଶନ ପ୍ରଜ୍ଞାପନ ମେଢ

ପୁରୀ,୨୯।୧:(ମନ୍ଥନ)ସାଧାରଣ ଲୋକଙ୍କୁ ମୌଳିକ ସୁବିଧା ସୁଯୋଗ ପ୍ରଦାନ ଓ ବିକାଶ ସରକାରଙ୍କ ଲକ୍ଷ୍ୟ। ସେଥିପାଇଁ ବିବିଧ ଯୋଜନା ପ୍ରଣୟନ କରାଯାଏ । ଏହି ଯୋଜନା ଗୁଡିକ ସମ୍ପର୍କରେ ଲୋକ ମାନଙ୍କୁ ସଚେତନ କରାଇବା ଓ ତାହାର ସୁଫଳ ପ୍ରଦାନ କରିବା ଏକ ପ୍ରକ୍ରିୟା । ଏହି ପ୍ରୟାସ ର ରୂପାୟନ ଓ ସଫଳତାର ପ୍ରଦର୍ଶନ ହେଉଛି ପ୍ରଜ୍ଞାପନ ମେଢ । ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ପରାମର୍ଶ କ୍ରମେ ଚଳିତ ସାଧାରଣତନ୍ତ୍ର ଦିବସ ଅବସରରେ ବିଭିନ୍ନ ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ,ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ,ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ପୁରୀ ପୌର ପାଳିକା,କୃଷି ଓ କୃଷକ ସଶକ୍ତିକରଣ ବିଭାଗ ସେମାନଙ୍କ ବିଭାଗର ସଫଳତା କୁ ପ୍ରଜ୍ଞାପନ ମେଢ ଆକାର ରେ ସୁନ୍ଦର ଭାବେ ସଜାଇ ପ୍ରଦର୍ଶନ କରାଇଥିଲେ । ଏହି ସଜ୍ଜିତ ପ୍ରଜ୍ଞାପନ ମେଢ ଗୁଡିକ ତାଳବଣିଆ। ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଆୟୋଜିତ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପରେଡରେ ଅଂଶ ଗ୍ରହଣ କରିଥିଲେ । ସାଧାରଣତନ୍ତ୍ର ଦିବସର ମୁଖ୍ୟ ଅତିଥି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପ୍ରଜ୍ଞାପନ ମେଢ ଗୁଡିକୁ ଦେଖି ଖୁସି ବ୍ୟକ୍ତ କରିଥିଲେ । କନ୍ୟା ସୁରକ୍ଷା ଓ ବାଲ୍ୟ ବିବାହ କୁ ବନ୍ଦ ଲକ୍ଷ୍ୟ ରେ ବାଳିକା ମାନଙ୍କ ଦ୍ୱାରା ଏକ ସାଇକେଲ ଶୋଭାଯାତ୍ରା ମଧ୍ୟ ପରେଡ ପଡିଆରେ ପ୍ରଦର୍ଶନ କରାଯାଇଥିଲା ।

# ବାଲ୍ୟ ବିବାହ ମୁକ୍ତ ଓଡ଼ିଶା ଗଠନ ପାଇଁ ସାଇକେଲ ଶୋଭାଯାତ୍ରା

ଅନୁଗୋଳ,୨୯।୧:(ମନ୍ଥନ), ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ, କଟକ ତଥା ଜିଲ୍ଲା ଓ ଦୌରା ଜଜତଥା ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳର ଅଧ୍ୟକ୍ଷ ଶ୍ରୀଯୁକ୍ତ ଦାମୋଦର ରଥଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନଓ ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳର ମିଳିତ ସହଯୋଗରେ ବାଲ୍ୟ ବିବାହ ମୁକ୍ତି ଓଡ଼ିଶା ଗଠନ ପାଇଁଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ କରାଯାଇଥିଲା। ସମାଜ ରେ ନାରୀ ଓ ପୁରୁଷ ସମସ୍ତଙ୍କର ସମାନ ଅଧିକାର ରହିଛି ଓ ନାରୀ ମାନେ କୌଣସି ଗୁଣ ରେ କମ୍‌ନୁହନ୍ତି । ସେମାନଙ୍କୁ ସମ୍ମାନର ସହିତ ବଞ୍ଚିବାକୁ ଦେବା ଉଚିତ୍ୟ ବାଲ୍ୟ ବିବାହ ଆମ ସମାଜ ର ଏକ କଳଙ୍କ । ଏହାକୁରୋକିବା ଆମର ଦାୟିତ୍ୱ ଏହି ଉପଲକ୍ଷେ, ଅନୁଗୋଳ କୋର୍ଟ ପରିସରରୁ ଏକ ସାଇକେଲ ଶୋଭାଯାତ୍ରା କୁ




ଜିଲ୍ଲାଆଇନସେବା ପ୍ରାଧିକରଣ, ଅନୁଗୋଳ ଅଧ୍ୟକ୍ଷଙ୍କର ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ତଥା ଭିଜିଲାନ୍ସ ଜଜ୍‌ରାଜଲକ୍ଷ୍ମୀ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏଥିରେ ଅନୁଗୋଳ ଅଦାଲତର ସମସ୍ତ ବିଚାରପତିଓ କର୍ମଚାରୀଗଣ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଅନୁଗୋଳର କର୍ମଚାରୀଗଣ ଓ ପାରା ଲିଗାଲ ଭଲ୍ୟୁଣ୍ଟର ଗଣସାମିଲ ହୋଇଥିଲେ । ଏହି ସାଇକେଲ ଶୋଭାଯାତ୍ରା ଅନୁଗୋଳ କୋର୍ଟ ପରିସର ରୁ ବାହାରି ସହର ପରିକ୍ରମା କରିବାଲ୍ୟ ବିବାହ ମୁକ୍ତି ଓଡ଼ିଶା ଗଠନ କରିବାକୁ ଜନସାଧାରଣ ଙ୍କୁ ସଚେତନ କରିଥିଲେ ।

# କୃଷ୍ଣସାର ମୃଗ ଗଣନା କାର୍ଯ୍ୟକ୍ରମ

ବୁଗୁଡ଼ା,୨୯।୧:(ମନ୍ଥନ) ଦକ୍ଷିଣ ଘୁମୁସର ବନଖଣ୍ଡ ଅନ୍ତର୍ଗତ ବୁଗୁଡା ବନାଞ୍ଚଳର ବିଭିନ୍ନ ସ୍ଥାନରେ ବନ ବିଭାଗ ପକ୍ଷରୁ କୃଷ୍ଣସାର ମୃଗ ଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ବନ୍ୟପ୍ରାଣୀ ଜୀବବିଜ୍ଞାନୀ ରାଜେଶ୍ୱରୀ ଗୌଡ, ସୁରେଶ ଚନ୍ଦ୍ର ସ୍ୱାଇଁ, ପ୍ରକୃତି ବନ୍ଧୁ ପୁରସ୍କୃତ ଦ୍ୱିତିକୃଷ୍ଣ ଲେଙ୍କା, ବନ୍ୟପ୍ରାଣୀ ଗବେଷକ ଉଦୟ କୁମାର ଦାସ, ଅବସରପ୍ରାପ୍ତ ବନ କର୍ମଚାରୀ ଗଙ୍ଗାଧର ବିଷୋୟୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ମିଶ୍ର , କୃଷ୍ଣସାର ମୃଗ କମିଟି ସଦସ୍ୟ ରାମଚନ୍ଦ୍ର ଭୂୟାଁ, ପ୍ରାଣୀ ବିଜ୍ଞାନ ବିଭାଗୀୟ ସହକାରୀ ପ୍ରଫେସର ଚିତ୍ରସେନ ସେଠୀ, ଅବସରପ୍ରାପ୍ତ



ରେଞ୍ଜର ଅନୁପମ ବାନାର୍ଜୀ ପ୍ରମୁଖ ଯୋଗ ଦେଇଥିଲେ । ଉକ୍ତ ଗଣନା କାର୍ଯ୍ୟକ୍ରମ ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲାୟ ପ୍ରଥମ ପର୍ଯ୍ୟାୟ ସକାଳ ଛଅଟାରୁ ନଅଟା ଏବଂ ଦ୍ୱିତୀୟ ପର୍ଯ୍ୟାୟ ଅପରାହ୍ନ ଚାରିଟାରୁ ଛଅଟା ପର୍ଯ୍ୟନ୍ତ ରହିଥିଲା । ଏହି ଗଣନା କାର୍ଯ୍ୟ ନିମନ୍ତେ ବନପାଳ, ବନରକ୍ଷୀ, ସ୍କାର୍ଡ ଓ ଅନ୍ୟମାନଙ୍କୁ ନେଇ ଗଠିତ ୨୭ଟି ୟୁନିଟରେ ୮୦ ଜଣ ସାମିଲ ଥିଲେ । ଗତବର୍ଷ କୃଷ୍ଣସାର ମୃଗ ଗଣନାରେ ଅଣ୍ଡିରା ୫୩୨, ମାଈ ୧୬୨୩ ଓ ଛୁଆ ୬୦୯ ହିସାବରେ ମୋଟ ୨୭୬୪ ହୋଇଥିଲା ବେଳେ ଏବର୍ଷ କୃଷ୍ଣସାର ମୃଗଙ୍କ ସଂଖ୍ୟା ବୃଦ୍ଧି ନିଶ୍ଚିତ ବୋଲି ବନ ବିଭାଗ ପକ୍ଷରୁ ଆକଳନ କରାଯାଇଛି ।

# କୁଚିଣ୍ଡା ରେ ଜାତୀୟ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

କୁଚିଣ୍ଡା,୨୯।୧:(ମନ୍ଥନ)ସମ୍ବଲପୁର ଜିଲ୍ଲା କୁଚିଣ୍ଡା ରେ ଜାତୀୟ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସମ୍ବଲପୁର ଆରଟିଓ ଏବଂ କୁଚିଣ୍ଡା ହୋପସ୍କୋପ ଡ୍ରାଇଭିଂ ସ୍କୁଲ ପକ୍ଷରୁ ଆୟୋଜିତ ହୋଇଯାଇଛି ।ସମ୍ବଲପୁର ପରିବହନ ବିଭାଗ ଆଡିସନାଲ ଆରଟିଓ କାହ୍ନୁ ଚରଣ ବାନରା ଙ୍କ ଅଧକ୍ଷତା ହୋଇଥିବା କାର୍ଯ୍ୟକ୍ରମ ରେ ସ୍ଥାନୀୟ ବିଧାୟକ ତଥା ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗଦେଇ ସବୁଜ ପତାକା ଦେଖାଇ କାର୍ଯ୍ୟକ୍ରମ କୁ ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ,ହୋପ ସ୍କୋପ ଡ୍ରାଇଭିଂ ସ୍କୁଲ ଅଧକ୍ଷ ମନୋରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଜାତୀୟ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଭାରତରେ ସଡ଼କ ଦୁର୍ଘଟଣା ହ୍ରାସ କରିବା ଏବଂ ସଡ଼କରେ ସୁରକ୍ଷା ବୃଦ୍ଧି କରିବା ପାଇଁ



ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ । ଜାତୀୟ ସଡ଼କ ସୁରକ୍ଷା ସପ୍ତାହ: ସାଧାରଣତଃ ଜାନୁଆରୀ ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ବିଶେଷ ଭାବେ ସଚେତନତା କାର୍ଯ୍ୟକ୍ରମ ଚାଲିଥାଏ । ଏହି ଉଦ୍ଦେଶ୍ୟରେ ସଡ଼କ ନିୟମ ମାନିବା, ହେଲମେଟ୍,ସିଟ୍ ବେଲ୍ଟ ବ୍ୟବହାର,ଗତି ନିୟନ୍ତ୍ରଣ, ମଦ୍ୟପାନ ବିନା ଡ୍ରାଇଭିଂ,ଡ୍ରାଇଭିଂ ସମୟରେ ମୋବାଇଲ ବ୍ୟବହାର ନ କରିବା ଆଦି ବିଷୟରେ ଜନସାଧାରଣଙ୍କୁ ସ୍ଲୋଗାନ ମାଧ୍ୟମରେ ସଚେତନତା ବାର୍ତ୍ତା ଦେଇଥିଲେ । ଏଥିରେ କୁଚିଣ୍ଡା ର ବିଭିନ୍ନ ସ୍କୁଲ କଲେଜ ର ଛାତ୍ର ଛାତ୍ରୀ ମାନେ ଶହ ଶହ ସଂଖ୍ୟା ରେ ଯୋଗଦେଇ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ସହର ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରିଥିଲେ ଓଏହି ପରିପ୍ରେକ୍ଷିରେ ପ୍ରୋଗ୍ରାମ କୋଡିନେଟର ମମତା ମାଝୀ, ଅର୍ଚ୍ଚନା ବେହେରା, ସୁଶ୍ରୀ ସଂଗୀତ ସ୍ୱାଇଁ, ସମ୍ବଲପୁର ପରିବହନ ବିଭାଗ ଓ ହୋପ୍ ସ୍କୋପ୍ ଡ୍ରାଇଭିଂ ସ୍କୁଲ କର୍ମଚାରୀ ସମେତ ସ୍ଥାନୀୟ ସ୍କୁଲ କଲେଜ ର ଶିକ୍ଷକ, ଅଧ୍ୟାପକ ମାନେ ସାମିଲ ହୋଇଥିଲେ ।

## ମିଳିତ ନିଶା ନିବାରଣ ଅଭିଯାନ ପକ୍ଷରୁ ନେତୁଆ ଗ୍ରାମରେ ନିଶାକୁ ନା ସଚେତନତା କାର୍ଯ୍ୟକ୍ରମ

ଜଳେଶ୍ୱର,୨୯।୧:(ମନ୍ଥନ)ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନେତୁଆ। ଗ୍ରାମରେ ପଞ୍ଚାୟତ ଅଫିସ ସମ୍ମୁଖରେ ନିଶାକୁ ନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସମାଜସେବୀ ସାବିତ୍ରୀ ଜେନା ସଭାପତିତ୍ୱ କରିଥିଲେୟମୁଖ୍ୟ ଅତିଥି ଭାବରେ ମନା ଜଳେଶ୍ୱର ଶାଖାର ସଭାପତି ଦିଲ୍ଲୀପ କୁମାର ଗିରି , ମୁଖ୍ୟ ବକ୍ତା ଭାବରେ ସମ୍ପାଦକ ଡ.ଅଜିତ କୁମାର ମହାନ୍ତି, ସମ୍ମାନୀତ ଅତିଥି ଭାବରେ ଶୈଳବାଳା ପ୍ରଧାନ, ସାବିତ୍ରୀ ଜେନା (ଖ) ଓ ସାବିତ୍ରୀ ଜେନା (ଗ) ପ୍ରମୁଖ ଯୋଗ ଦେଇ ନିଶା ନିବାରଣ ସମ୍ପର୍କରେ ଆଲୋଚନା କରିଥିଲେ । ନିଶା ନିବାରଣ ଉଦ୍ଦେଶ୍ୟରେ ବକ୍ତା ମାନେ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀ, ବୁଦ୍ଧିଜୀବୀ, ଗ୍ରାମ ବାସୀ, ସଚେତନ ନାଗରିକ ମାନେ ଉପସ୍ଥିତ ଥିଲେୟ ନିଶା ନିବାରଣ ସମ୍ପର୍କରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶେଷରେ ସଫଳ ପ୍ରତିଯୋଗୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।ଶେଷରେ ପାର୍ଥ ପ୍ରତିମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦ୍ରାପଡାରେ ବିଶାଳ ହିନ୍ଦୁ ସମ୍ମିଳନୀ

କେନ୍ଦ୍ରାପଡ଼ା,୨୯।୧:(ମନ୍ଥନ)ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତ ବାର୍ଷିକ ଅବସରରେ କେନ୍ଦ୍ରାପଡ଼ାର ନିଳିକଣା ସ୍ଥିତ ଚେମା ଦାସ ମଠ ପଡିଆରେ ତିନି ଦିନ ଧରି ସମଗ୍ର ହିନ୍ଦୁ ସମାଜ ଦ୍ୱାରା ଏକ ଭବ୍ୟ ହିନ୍ଦୁ ସମ୍ମିଳନୀ ଓ ଭାରତ ମାତାଙ୍କ ପୂଜାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରମ ପୂଜ୍ୟ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜାଜୀଙ୍କ କରକମଳରେ ସୋମବାର ଉଦ୍ଘାଟନ ହୋଇ ବୁଧବାର ଅଖିଳ ଭାରତ ଧର୍ମ ଜାଗରଣ କ୍ଷେତ୍ର ପ୍ରମୁଖ ବିନୟ କୁମାର ଭୂୟାଁଙ୍କ ଦ୍ୱାରା ସମାରୋପ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ତଥା ଓଡ଼ିଶା ପ୍ରାନ୍ତର ମହାନ ସାଧୁସନ୍ଥମାନଙ୍କ ସମେତ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବହୁ ବରିଷ୍ଠ ନେତୃମଣ୍ଡଳୀ ମୁଖ୍ୟଅତିଥି ଓ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଶତବାର୍ଷିକ ଅବସରରେ ସମ୍ମିଳନୀରେ ଉପସ୍ଥିତ ଥିବା ଶତାଧିକ ଜନ ସମାବେଶକୁ ନିଜର ଦିବ୍ୟ ବାଣୀ ପ୍ରଦାନ କରିଥିଲେ। ଏଥିସହିତ ଭାରତ ରାଷ୍ଟ୍ର ତଥା ହିନ୍ଦୁ ସମାଜର ଅଭ୍ୟୁଥାନ ନିମିତ୍ତ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପଞ୍ଚ ପରିବର୍ତ୍ତନ ସାମାଜିକ ସମରସତା, ପରିବାର ପ୍ରବୋଧନ, ପର୍ଯ୍ୟାବରଣ, ସ୍ୱଭାବ ଓ ନାଗରିକ କର୍ତ୍ତବ୍ୟକୁ ନିଶ୍ଚିନ୍ତ ଅନୁପାଳନ କରିବାର ଆବଶ୍ୟକତା ରହିଛି ବୋଲି ବକ୍ତବ୍ୟରେ ଦୃଢୋକ୍ତି ପ୍ରକାଶ କରି ସ୍ୱାଧୀନତା ସଂଗ୍ରାମୀ, ବରିଷ୍ଠ ନାଗରିକ, ରାଷ୍ଟ୍ର ସେବକ, ଗୋମାତା ସେବକ, ପରିବେଶବିତ୍ ଓ ହିନ୍ଦୁ ସମାଜରେ ସୁରକ୍ଷା ନିମିତ୍ତ କାର୍ଯ୍ୟ କରି ଉଦାହରଣ ସୃଷ୍ଟି କରିଥିବା ବ୍ୟକ୍ତିତ୍ୱ ମାନଙ୍କୁ ସମ୍ମାନିତ କରିଥିଲେ। ଏହି ସମ୍ମିଳନୀରେ ମୁଖ୍ୟ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥିଲା ସମଗ୍ର ହିନ୍ଦୁ ସମାଜ ଦ୍ୱାରା ନିର୍ମିତ ହୋଇଥିବା ଭାରତ ମାତାଙ୍କ ମୃଣ୍ମୟୀ ପ୍ରତିମୂର୍ତ୍ତି, ଦେଶ ପ୍ରେମ ବିଷୟ ବସ୍ତୁ ଆଧାରିତ କେଳିକୁଞ୍ଜ ଓ ବାଲୁକା ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତ ବାର୍ଷିକ ବାର୍ତ୍ତା । ଦୈନିକ ଶତାଧିକ ଲୋକ ସାମୁହିକ ଭାବେ ଘଣ୍ଟିଘଣ୍ଟ, ଖୋଳମୃଦଙ୍ଗ, ହରିବୋଲ ହୁଳହୁଳି ମାଧ୍ୟମରେ ଭାରତ ମାତାଙ୍କ ଦିବ୍ୟ ଆରତୀ କରି ପୁଷ୍ପାଞ୍ଜଳି ଅର୍ପଣ କରିବା ସହିତ ରାଷ୍ଟ୍ର ଭକ୍ତିରେ ଭାବବିହୋଳ ହୋଇ ଏକ ଆଧାତ୍ମିକ ପରିବେଶ ନିର୍ମାଣ କରି ବିଶ୍ୱ ବିଜୟୀ ସ୍ୱାମୀ ବିବେକାନନ୍ଦଙ୍କ ସ୍ୱପ୍ନକୁ ସାକାର କରିଥିଲେ ଏବଂ ସର୍ବଶେଷରେ ସାମୁହିକ ପ୍ରସାଦ ସେବନ କରି ମା' ଭାରତୀଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ଏଥିସହିତ ଅଗ୍ରଣୀ ନୃତ୍ୟାନୁଷ୍ଠାନର କଳାକାର ମାନଙ୍କ ଦ୍ୱାରା ଦେଶ ଭକ୍ତି ତଥା ହିନ୍ଦୁ ସମାଜର ସୁରକ୍ଷା ଆଧାରିତ କଳା ପ୍ରଦର୍ଶନ ଉପସ୍ଥିତ ଥିବା ଜନସମାଗମର ହୃଦୟ ସ୍ପର୍ଶୀ ହେବା ସହିତ ସଚେତନତା ସୃଷ୍ଟି କରାଇଥିଲା। ଏହି ସମ୍ମିଳନୀରେ ଉପସ୍ଥିତ ବରେଣ୍ୟ ଅତିଥି ମାନଙ୍କ ମଧ୍ୟରେ ରାଧାବଲ୍ଲଭ ମଠର ମହନ୍ତ ରାମକୃଷ୍ଣ ଦାସ ମହାରାଜ, ପ୍ରାନ୍ତ ଧର୍ମ ଜାଗରଣ ମାର୍ଗ ଦର୍ଶକ ମଣ୍ଡଳୀ ସଦସ୍ୟ ତ୍ରୈଲୋକ୍ୟଶ୍ୱର ଭାରତୀ ମହାରାଜ, ସ୍ୱାଧୀ ଶ୍ରୀମା ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ, ଜିଲ୍ଲା କାର୍ଯ୍ୟବାହ ବିନୋଦ ବିହାରୀ ଦାସ, ଜିଲ୍ଲା ପ୍ରଚାରକ ପ୍ରସଞ୍ଜିତ୍ ଦାସ, ପାତଞ୍ଜଳୀ ଯୋଗ ସମିତିର ଯୋଗପ୍ରଶିକ୍ଷକ ବିଭୁତିଭୂଷଣ ଦାସ ପ୍ରମୁଖ ଥିଲେ।

# ସିଏମ୍ ଟ୍ରଫି ପାଇଁ ଫୁଟବଲ ଖେଳାଳି ଚୟନ ଜାନୁୟାରୀ ୩୧ ରେ

ବଲାଙ୍ଗିର,୨୯।୧:(ମନ୍ଥନ)ଆସନ୍ତା ସିଏମ୍ ଟ୍ରଫି ଫୁଟବଲ ନିମନ୍ତେ ଉଭୟ ବାଳକ ଓ ବାଳିକା ବର୍ଗ ପାଇଁ ଆସନ୍ତା ୩୧ ତାରିଖ ଦିନ ସକାଳ ୯ ଘଣ୍ଟା ସମୟରେ ବଲାଙ୍ଗିର ଗାନ୍ଧୀ ଷ୍ଟାଡିୟମ ଠାରେ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହେବ । ଏଥିରେ ଯେଉଁ ଖେଳାଳିମାନେ ପୂର୍ବରୁ ରେଜିଷ୍ଟ୍ରେସନ କରିଛନ୍ତି ସେମାନେ କେବଳ ଭାଗ ନେଇ ପାରିବେ । ଖେଳାଳିମାନେ ତାଙ୍କର ଜନ୍ମ ପ୍ରମାଣ ପତ୍ର, ଆଧାର କାର୍ଡ ଏବଂ ପାସପୋର୍ଟ ଫଟୋ ସଙ୍ଗରେ ଧରି ଆସିବେ । ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା କ୍ରୀଡା ସଂସଦର ଫୁଟବଲ ସଂପାଦକ ଶରତ କୁମାର ନନ୍ଦଙ୍କୁ ମୋବାଇଲ ନଂ.୯୯୩୭୪୮୬୧୯୯ ରେ ଯୋଗାଯୋଗ କରିବାକୁ କ୍ରୀଡା ସଂସଦ ପକ୍ଷରୁ ଅନୁରୋଧ କରାଯାଇଛି ।

# ଶୁଦ୍ଧାନନ୍ଦ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟର ବାର୍ଷିକ କ୍ରୀଡା ଉତ୍ସବ-୨୦୨୬ ଉଦଘାଟିତ

ଫୁଲନଖରା,୨୯।୧:(ମନ୍ଥନ)କଟକ ଜିଲ୍ଲା ଅନ୍ତର୍ଗତ କୁରାଙ୍ଗ ଶାସନ ଗ୍ରାମ ପଞ୍ଚାୟତର ଗଙ୍ଗେଶ୍ୱର ନଛିପୁର ଅଞ୍ଚଳରେ ଅବସ୍ଥିତ ଶୁଦ୍ଧାନନ୍ଦ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟର ବାର୍ଷିକ କ୍ରୀଡା ଉତ୍ସବ-୨୦୨୬ ମହାସମାରୋହରେ ପାଳିତ ହୋଇଯାଇଛି । ୨୯ ତାରିଖ ଦିନ ଆୟୋଜିତ ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ହାଉସିଂ ବୋର୍ଡର ମ୍ୟାନେଜିଂ ଡାଇରେକ୍ଟର ଏବଂ ହାଉସିଂ ଆଣ୍ଡ ଅର୍ବାନ ବିଭାଗର ସ୍ପେଶାଲ ସେକ୍ରେଟାରୀ ଶ୍ରୀଯୁକ୍ତ ଗଙ୍ଗାଧର ନାୟକ ଯୋଗ ଦେଇଥିଲେ । ଅନୁଷ୍ଠାନର ଚେୟାରମ୍ୟାନ ଇଂ. ସୁନିଲ କୁମାର ପଟ୍ଟନାୟକ, ଡିନ ପ୍ରଫେସର ରଞ୍ଜନ କୁମାର ସାହୁ, ବାର୍ଷିକ କ୍ରୀଡାର କୋ-ଅର୍ଡିନେଟର ପବନ ସ୍ୱାଇଁ, ଶୁଦ୍ଧାନନ୍ଦ ସ୍କୁଲ ଅଫ ମ୍ୟାନେଜମେଣ୍ଟର ଅଧ୍ୟକ୍ଷା ଡଃ. ସରିତା ନାୟକ, ଶୁଦ୍ଧାନନ୍ଦ ଇଞ୍ଜିନିୟରିଂ ଆଣ୍ଡ ରିସର୍ଚ୍ଚ ସେଣ୍ଟରର ଅଧ୍ୟକ୍ଷ ଚିତ୍ତରଞ୍ଜନ ପଣ୍ଡାଙ୍କ ସହ ଡଃ. ଦେବସ୍ୱରୂପ ମିଶ୍ର, ପ୍ରଫେସର ଦେବୀଦତ୍ତ ସିଂ, ପ୍ରଫେସର ସିଲିପ୍ସା ଦାସ, ଅରୁଣ କୁମାର ସ୍ୱାଇଁ, ସୁଧାଂଶୁ ନାୟକ ଓ ବିଶ୍ୱରଞ୍ଜନ ଖୁଣ୍ଟିଆ। ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଶ୍ରୀ ନାୟକ ଅନୁଷ୍ଠାନର ଶିକ୍ଷାନୁଷ୍ଠାନିକ ଉନ୍ନତି ଓ ଶିକ୍ଷାର ଗୁଣାତ୍ମକତାକୁ ଉଚ୍ଚ ପ୍ରଶଂସା କରିବା ସହ ପିଲାମାନଙ୍କୁ କ୍ରୀଡା ସହ ଶିକ୍ଷାକୁ ସମନ୍ୱୟ କରି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ । ଉଦଘାଟନୀ ସମାରୋହ ପରେ ମୁଖ୍ୟ ଅତିଥି ଶ୍ରୀ ନାୟକ ଅନୁଷ୍ଠାନର ଅଧ୍ୟକ୍ଷ, ଡିନ ଓ ଛାତ୍ରଛାତ୍ରୀମାନଙ୍କ ସହ କରମର୍ଦ୍ଦନ କରି କ୍ରୀଡା ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ । ବାର୍ଷିକ କ୍ରୀଡା ଉତ୍ସବକୁ ନେଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଓ ଆନନ୍ଦ ପରିଲକ୍ଷିତ ହୋଇଥିଲା ।




# ଶିଶୁ ପତ୍ରିକା ମଠଖାଇ ଉନ୍ମୋଚନ

ବଲାଙ୍ଗିର,୨୯।୧:(ମନ୍ଥନ)-ସିନଖମନ ସ୍ଥିତ ମହନ୍ତ ଗିରିଧାରୀ ଉଚ୍ଚ ବିଦ୍ୟାଳୟରେ ଶିଶୁ ପତ୍ରିକା "ମଠଖାଇ" ର ଉନ୍ମୋଚନ ପ୍ରଧାନ ଶିକ୍ଷକ କେଦାରନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ମୁଖ୍ୟ ଅତିଥି, ଡ.ପ୍ରେମଚନ୍ଦ ମହାନ୍ତି ମୁଖ୍ୟବକ୍ତା, ବିଶିଷ୍ଟ ଆଇନଜିବୀ ଜୟରାମ ମିଶ୍ର ଓ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ଗୀତାଞ୍ଜଳି କୁଅଁର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶିଶୁମାନଙ୍କର ସୃଜନଶୀଳତାର ବିକାଶ ଠିକ୍ ଭାବେ ହୋଇ ପାରିଲେ ଆମେ ଉପଯୁକ୍ତ ଶିଶୁ ସଂହିତା ସୃଷ୍ଟି ରିପାରିବା ବୋଲି ମତବ୍ୟକ୍ତ




କରିଥିଲେ । ମଠଖାର ସଂପାଦକ ମଦନ ମୋହନ ରଥ ମଠଖାଇ ପ୍ରକାଶନର ଉଦ୍ଦେଶ୍ୟ ଜ୍ଞାପନ କରି ସହଯୋଗ କାମନା କରିଥିଲେ। ସଭା ଆରମ୍ଭ ରେ କୃଷ୍ଣଚନ୍ଦ୍ର ମିଶ୍ର ସ୍ୱାଗତ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ସଭାକୁ ପରିଚାଳନା କରିଥିଲେ ଅନୀଲ କୁମାର ସାହୁ। ଉଲ୍ଲେଖଯୋଗ୍ୟ ଯେ, ଏହି ପତ୍ରିକାରେ କେବଳ ଶିଶୁମାନଙ୍କର ଲେଖା ପ୍ରକାଶ ହୋଇଥାଏ । ଦ୍ୱିତୀୟ ପର୍ଯ୍ୟାୟରେ ଅକ୍ଷରର ସଂପାଦକ ହୃଷୀକେଶ ପୁରୋହିତ ଙ୍କ ଅଧ୍ୟକ୍ଷତାରେ ଏବଂ ଖୁସି ତାଣ୍ଡି ଓ ଯଶୋବନ୍ତୀ ସୁନାଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କବିତା ପାଠରେ ଚୁମକି ପଟେଲ, ପୂଜା ପାତ୍ର, ପ୍ରିୟଙ୍କା ପଲତା, ନମିତା ହାତୀ, ଆଲିଶା ତାଣ୍ଡି, ମନିଷା ବାଗ, ଶିଖା ଛତ୍ରିଆ, ଧିରେନ୍ଦ୍ର ନାରାୟଣ ସିଂଦେଓ, ଅଜିତ ମିଶ୍ର, ପ୍ରଦୀପ ନାୟକ ଓ ତରୁଣ ପରିଚ୍ଛା ସ୍ୱରଚିତ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନୀଳାଂଚଳ କୁଅଁର, ରାଜିନ୍ଦ୍ର କୁଅଁର ଓ ହରେରାମ ବାରିକ ସହଯୋଗ କରିଥିଲେ। ଶେଷରେ ଲଲାଟ କେଶରୀ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ମହାତ୍ମାଙ୍କ ଶେଷ ଦିନ ଓ ପରମପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ସତ୍ୟ, ଅହିଂସା, ସର୍ବୋଦୟ ଓ ସତ୍ୟାଗ୍ରହର ମୂର୍ତ୍ତିମନ୍ତ ଚିନ୍ତନ ପ୍ରତୀକ ଥିଲେ ଜାତିର ପିତା ପରମପୂଜ୍ୟ ମହାତ୍ମା ଗାନ୍ଧୀ। ଏହି ସାବରମତୀର ସନ୍ଥ ସମଗ୍ର ବିଶ୍ୱବାସୀଙ୍କ ପାଇଁ ଚିରସ୍ମରଣୀୟ ଓ ପରମ ପୂଜନୀୟ ବ୍ୟକ୍ତିତ୍ୱ। ପୂଜ୍ୟ ଗାନ୍ଧିଜୀଙ୍କ ପାଇଁ ପ୍ରେମିକ କବି ଡକ୍ଟର ମାୟାଧର ମାନସିଂହଙ୍କ ତାଙ୍କ ଗ୍ରନ୍ଥାବଳୀର ପ୍ରଥମ ଖଣ୍ଡରେ ସ୍ଥାନ ଦେଇଥିଲେ, ଯେବେହେ ଆସିବ ଫେରି, ଏ ଧରାରେ ଦେବ ପୁଣି ପଦ, କୁତ୍ସିତ ମାଟିରେ ପୁଣି ପ୍ରବାହିତ କରି ପୁଣ୍ୟ ନଦ, ଧରାମୁଖୁ ପୋଛି ପୋଛି ନେବ ପୁଣି ଯେତେ ଦୈନ୍ୟ, ବ୍ୟାଧି, ଯେତେ ମିଥ୍ୟା, ଯେତେ ପାପ, କୁସଂସ୍କାର, ବର୍ବରତା ଆଦି ଅଗାଧ କରୁଣା ସ୍ୱର୍ଗେ, ଆପଣାରେ କ୍ଷୟି ତିଳେ ତିଳେ, ମାନବ ସେବାରେ କୃଚ୍ଛ୍ର ତପସ୍ୟାର ପବିତ୍ର ସଲିଳେ ଉଜ୍ଜୀବିତ କରି ମୃତ, ଜଡ଼ୀଭୂତ, କଳୁଷିତ ନର, କୋଟି କୋଟି ସ୍ୱାର୍ଥପ୍ରାଣେ ଅଙ୍କୁରାଇ ବୀଜ ପଦାର୍ଥର।

୩୦ ଜାନୁଆରୀକୁ ଭାରତବର୍ଷରେ 'ଶହୀଦ ଦିବସ' ଭାବେ ପାଳନ କରାଯାଏ । ଏହାକୁ 'ସର୍ବୋଦୟ ଦିବସ' ଭାବେ ମଧ୍ୟ ପାଳନ କରାଯାଏ । ୧୯୪୮ ଏହି ଦିନରେ ଜାତିର ପିତା ମହାତ୍ମା ଗାନ୍ଧୀ ବର୍ବର ହତ୍ୟାର ଶିକାର ହୋଇଥିଲେ । ୩୦ ଜାନୁଆରୀ ୧୯୪୮ ସମୟ ଅପରାହ୍ନ ୫ ଘଣ୍ଟା ୧୭ ମିନିଟ୍, ସ୍ଥାନ ନୂଆ ଦିଲ୍ଲୀସ୍ଥିତ ବିରଳା ଭବନ, ମହାତ୍ମା ସନ୍ଧ୍ୟା ପ୍ରାର୍ଥନା ପାଇଁ ବାହାରୁଥିଲେ । ସଙ୍ଗରେ ଥିଲେ ଆଭା ଚଟ୍ଟୋପାଧ୍ୟାୟ, ନନ୍ଦଲାଲ ମେହେଟା, ପ୍ୟାରେଲାଲ ଭି କଲ୍ୟାଣମ୍ ପ୍ରମୁଖ । ହଠାତ୍ ପହଞ୍ଚିଲେ ନାଥୁରାମ ବିନାୟକ ଗଡ଼ସେ । ସେ ବାପୁଙ୍କ ପଥ ରୋକି ପାଦ ଛୁଇଁ ପ୍ରଣାମ କଲେ । ପ୍ରାର୍ଥନା ସମୟ ଗଡ଼ିଯାଉଥିବାରୁ ପ୍ରତିବାଦ କଲେ ଆଭା, ଭାଇ ବାପୁଙ୍କର ବିଳମ୍ବ ହୋଇଗଲାଣି । ତାଙ୍କ ତୁଣ୍ଡରୁ କଥା ପଦକ ନସରୁଣୁ ତାଙ୍କୁ ଠେଲିଦେଇ ସେ ଦିନ ବାପୁଙ୍କ ଛାତିକୁ ଲକ୍ଷ୍ୟ କରି ଗୋଟିଏ ବେରେଟା ଏମ୍ ୩୪ ଅର୍ଦ୍ଧ ସ୍ୱୟଂକ୍ରିୟ ପିସ୍ତଲରୁ ତିନି ତିନିଟି ଗୁଳି ଚଳାଇଥିଲେ ଗଡ଼ସେ । ଘଟନାସ୍ଥଳୀରେ ହେ ରାମ... କହି ଟଳିପଡ଼ିଥିଲେ ଜାତିର ପିତା ମହାତ୍ମା । ତାଙ୍କୁ ଚିକିତ୍ସାଳୟକୁ ନେବା ପରିବର୍ତ୍ତେ ସେହି ବିରଳା ଭବନ ମଧ୍ୟକୁ ଉଠାଇ ନିଆଯାଇଥିଲା । ଅଳ୍ପ କିଛି ସମୟ ମଧ୍ୟରେ ତାଙ୍କର ମୃତ୍ୟୁ ହୋଇଥିଲା । ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଶହୀଦ ଦବିସ ପାଳନର ଲକ୍ଷ୍ୟ । ଏହି ଦିବସରେ ଭାରତର ରାଷ୍ଟ୍ରପତି, ଉପ-ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ ଏବଂ ଭାରତୀୟ ସ୍ଥଳ, ବାୟୁ ଓ ଜଳ ସେନାର ତିନି ମୁଖ୍ୟ ଏକତ୍ର ଦିଲ୍ଲୀ ରାଜଘାଟରେ ଥିବା ମହାତ୍ମାଙ୍କ ସମାଧିରେ ପୁଷ୍ପ ଅର୍ପଣ କରନ୍ତି । ଦିନ ୧୧ଟାରେ ମହାତ୍ମା ତଥା ଅନ୍ୟ ସହୀଦଙ୍କ ସ୍ମୃତିରେ ସମଗ୍ର ଦେଶରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଏ ।

ବିନା ମେଘରେ ବଜ୍ରପାତ ଭଳି ମହାତ୍ମାଜୀଙ୍କର ମୃତ୍ୟୁ ସମ୍ବାଦରେ ପରମପିତା ଓ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଉଦବିଗ୍ନ, ବିଷର୍ଣ୍ଣ ଓ ଭାରାକ୍ରାନ୍ତ ହୋଇପଡ଼ିଲେ। ସ୍ୱତଃବ୍ୟକ୍ତ କଲେ - କି ଯେ କାଣ୍ଡ ଘଟିଲା, ଜାତି, ଧର୍ମ, ବର୍ଣ୍ଣ ଓ ଦଳ ନିର୍ବିଶେଷରେ ସମସ୍ତେ ଅନ୍ତରର ସହିତ ଶ୍ରଦ୍ଧା କରୁଥିବା ଜଣେ ବ୍ୟକ୍ତିଙ୍କୁ ଆଜି ଆଉ ଦେଖିବାକୁ ମିଳିବନାହିଁ। ଭିନ୍ନ ମତାବଲମ୍ବୀ ଲୋକମାନେ ମଧ୍ୟ ମହାତ୍ମାଜୀଙ୍କୁ ଆନ୍ତରିକ ଭାବେ ଶ୍ରଦ୍ଧା କରୁଥିଲେ। ଯେଉଁ କ୍ଷତି ହୋଇଗଲା ତାହାର



ଆଉ ତୁଳନା ନାହିଁ, ଅପୂରଣୀୟ। ମହାତ୍ମାଜୀଙ୍କର ଦେଶ ପ୍ରତି ଏତେ ଅବଦାନ - ଆଉ ତାର କଣ ଏହି ପ୍ରତିଦାନ? ଏହା ଅତ୍ୟନ୍ତ ବେଦନା ଦାୟକ। ଦୁଃଖରେ ମ୍ରିୟମାଣ ହୋଇ ଛଳ ଛଳ ନେତ୍ରରେ ଶ୍ରୀ ଶ୍ରୀ ଠାକୁର ସ୍ୱଗତୋକ୍ତି ପ୍ରକାଶ କରି କହିଲେ - ଯେଉଁମାନେ ମହାତ୍ମାଙ୍କୁ ମୃତ୍ୟୁବିଦ୍ଧ କରିଛନ୍ତି, ସେମାନେ ସତ୍ତାନୁରାଗୀ ସମସ୍ତଙ୍କ ହୃଦୟକୁ ବିଦ୍ଧ କରିଛନ୍ତି, ବିଦୀର୍ଣ୍ଣ କରି ଉଠାଇଛନ୍ତି। ହେ ମହାତାପସ, ତୁମର ଆଶୀର୍ବାଦ ଯେପରି ସମସ୍ତଙ୍କର ଅନ୍ତର୍ନିହିତ ଅମଙ୍ଗଳକୁ ଚିରଦିନ ପାଇଁ ଅବଲୁପ୍ତ କରି ତୋଳୁ। ହେ ଦୟାଲ ପରମପିତଃ ! ମନୁଷ୍ୟର ଏହି ଆବେଦନକୁ ତୁମେ ମଙ୍ଗଳପୂର୍ଣ୍ଣ କରିତୋଳ। (୩୧.୧.୧୯୪୮, ଅପରାହ୍ନ ୩ଘଣ୍ଟା) ମହାତ୍ମାଜୀ ଯାହା ସତ୍ୟ ବୁଝୁଥିଲେ ତାହା ନିଜ ଜୀବନରେ କଠୋର ଭାବରେ ପାଳନ କରୁଥିଲେ। ସମଗ୍ର ପରିବେଶକୁ ସେହି ପଥରେ ଚଳାଇବା ନିମିତ୍ତ ଚେଷ୍ଟା କରୁଥିଲେ। କାୟମନୋବାକ୍ୟରେ ଏକମୁଖୀ ଚଳନର ଫଳ ସ୍ୱରୂପ ତାଙ୍କର ବ୍ୟକ୍ତିତ୍ୱ ଓ ଇଚ୍ଛାଶକ୍ତି ଏତେ ପ୍ରବଳ ହୋଇଥିଲା ଯେ ସମଗ୍ର ଦେଶକୁ ତାଙ୍କ ପରି ଜାଗ୍ରତ କରି ଉଠାଇଥିଲେ। ମହାତ୍ମାଙ୍କର ଆବେଷ୍ଟନୀ ଶକ୍ତ ହୋଇଥିଲେ ଏହିପରି ଭାବରେ ତାଙ୍କର ଜୀବନ ଯାଇ ନଥାନ୍ତା। ମହାତ୍ମାଜୀ ଯେପରି ଭାବରେ ମୃତ୍ୟୁବରଣ କଲେ, ଆମେ ଏତେ ଲୋକ ତାଙ୍କୁ ଭଲ ପାଉ, ଅଥଚ ପୂର୍ବରୁ ସାବଧାନ ପାଇବା ସତ୍ତ୍ୱେ ମଧ୍ୟ ନିଜ ଦାୟିତ୍ୱରେ ତାଙ୍କୁ ରକ୍ଷା କରିବାର ବ୍ୟବସ୍ଥା କଲୁନାହିଁ, ଏହା ଆମର ଭଲ ପାଇବା ପକ୍ଷେ ଘୋର ଅପମାନ ଓ ସନ୍ଦେହଜନକ। ମରନା, ମାରନା, ଯଦିପାର ମୃତ୍ୟୁକୁ ଅବଲୁପ୍ତ କର, ଏହା ହିଁ ପରମପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଆହ୍ୱାନ।

ଜାତିର ଜନକ ଭାବେ ମହାତ୍ମା ଗାନ୍ଧୀ କେବଳ ଭାରତ ନୁହେଁ ସମଗ୍ର ପୃଥିବୀରେ ଏକ ସମ୍ମାନସ୍ପଦ ବ୍ୟକ୍ତିତ୍ୱ, ତାଙ୍କ ଅହିଂସା ନୀତି ଆଜି ପୃଥିବୀରେ ସମସ୍ତ ରାଷ୍ଟ୍ରର ଜାତୀୟ ବାର୍ତ୍ତା ଭାବେ ପ୍ରମାଣ ସିଦ୍ଧ ହୋଇଛି। ସଶସ୍ତ୍ର ଗୋରା ଫଉଜଙ୍କୁ ଜଣେ ଆଣ୍ଠୁ ଲୁଚୁ ନଥିବା ପୋଷାକ ପରିହିତ ବାପୁଜୀ ଭାରତମାତାରୁ ବିତାଡ଼ିତ କରିବାକୁ ସକ୍ଷମ ହୋଇଥିଲେ। ସମଗ୍ର ଭାରତର ଯେଉଁ ଅହିଂସା ନୀତିକୁ ଆଜି ସମଗ୍ର ବିଶ୍ୱ ସମ୍ମାନର ସହିତ ମଥାପାତ କରୁଛି ତାହା ପଛର ଘଟଣାଟି ହେଉଛି ସେହି ମହାନ ନାୟକଙ୍କ କୃତୀ। ପୃଥିବୀରେ ମହାତ୍ମା ଗାନ୍ଧୀ ଏପରି ଜଣେ ବିରଳ ବ୍ୟକ୍ତିତ୍ୱ ଯାହାଙ୍କ ନାମରେ ସାରା ପୃଥିବୀର ବିଭିନ୍ନ ଭାଷାରେ ଅନେକ ଚଳଚ୍ଚିତ୍ର ଓ ପୁସ୍ତକ ମଧ୍ୟ ଲେଖା ହୋଇଛି। କୁହାଯାଏ ଗାନ୍ଧିଜୀଙ୍କ ନାମରେ ଯେ କୌଣସି ପୁସ୍ତକ ତାହା ନିଶ୍ଚିତ ପ୍ରଚୁର ପାଠକୀୟ ଆଦୃତ୍ତ ପାଇଥାଏ। ଆଜିର ଦିନରେ ଆମେ ଜାତିର ପିତାଙ୍କୁ ହରାଇ ଥିଲୁ। ସମଗ୍ର ବିଶ୍ୱ ମଧ୍ୟ ସ୍ତବ୍ଧ ହୋଇଯାଇଥିଲା ସେ ଦିନର ଏହି ଅଭାବନୀୟ ଘଟଣାକୁ ନେଇ। କିନ୍ତୁ ଗାନ୍ଧିଜୀଙ୍କ ଆଦର୍ଶ, ଚିନ୍ତା ଓ ଚେତନା ଯୁଗ ଯୁଗ ପାଇଁ କେବଳ ପ୍ରତିଟି ଭାରତୀୟଙ୍କ ହୃଦୟରେ ନୁହେଁ ସମଗ୍ର ବିଶ୍ୱବାସୀଙ୍କ ହୃଦୟରେ ଚିର ଜାଜ୍ଜ୍ୱଲ୍ୟମାନ ହୋଇ ରହିବ। ନୋବେଲ କମିଟି ଏହିପରି ଜଣେ କୃତୀ ଅମୃତ ପୁରୁଷଙ୍କୁ ଯଥାର୍ଥ ଭାବେ ମୂଲ୍ୟାୟନ କରି 'ନୋବେଲ' ସମ୍ମାନରେ ସମ୍ମାନିତ କରିବା ଉଚିତ। କେବଳ ଜାତିର ଜନକ ଭାବେ ନୁହେଁ ନିଜେ ଜୀବନ ତମାମ ଆଦର୍ଶ ଓ ମୂଲ୍ୟବୋଧକୁ ପାଥେୟ କରିଥିବା ସେହି ପୂଜ୍ୟପ୍ରିୟ ବାପୁଜୀଙ୍କୁ ମୁଁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛି।

**ଅବସର ପ୍ରାପ୍ତ ପ୍ରଫେସର ଓ ପ୍ରତିରତ୍ନିକ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ଦୂରଭାଷ : ୯୪୩୭୦୫୧୯୫୭**

# ନ୍ୟାୟ ପାଇଲାନି ମଣିପୁର ଝିଅ

୨୦୨୩ ମସିହା ମେ' ମାସରୁ ମଣିପୁରରେ ଦୁଇ ପ୍ରଭାବଶାଳୀ ସମ୍ପ୍ରଦାୟ ମୈତ୍ରେଇ ଓ କୁକି ମଧ୍ୟରେ ଲାଗିଥିବା ଜାତିଆଣ ଦଙ୍ଗା ଇତିମଧ୍ୟରେ ଥମିଛି ସତ କିନ୍ତୁ କ୍ଷତ ଶୁଖିନାହିଁ। ରାଜ୍ୟରେ ଏବେ ବି କାଁ ଭାଁ ହିଂସା ବ୍ୟତୀତ ପରିସ୍ଥିତି ପ୍ରାୟତଃ ଶାନ୍ତ ରହିଛି। ହତ୍ୟା, ଦୁଷ୍କର୍ମ, ପୋଡାଜଳାର ବହୁ ଲୋମହର୍ଷଣକାରୀ ଘଟଣାବଳୀର ସ୍ମୃତି ଏବେ ବି ପିଡୀତାଙ୍କ ମନରେ ରହିଛି। ଏହରି ମଧ୍ୟରେ କୁକି ସମ୍ପ୍ରଦାୟର ଜଣେ ଯୁବତୀ ଯେ କି ୨୦୨୩ ଜାତିଆଣ ଦଙ୍ଗା ସମୟରେ ଲୋଭହର୍ଷଣକାରୀ ଯୌନ ନିର୍ଯ୍ୟାତନାର ପ୍ରତୀକାତ୍ମକ ଭାବେ ରହିଥିଲେ, ଶେଷରେ ଜଣେ ହେଲେ ଅପରାଧୀକୁ ଚିହ୍ନଟ କରିନପାରି ହସପିଟାଲରେ ଜୀବନ ଯୁଦ୍ଧରେ ସବୁଦିନ ପାଇଁ ଆଖିବୁଜି ଦେଇଛନ୍ତି। ଯେତେବେଳେ ତାଙ୍କୁ ୧୮ବର୍ଷ ବୟସ ହୋଇଥିଲା, ସେ ଏକ ସଶସ୍ତ୍ର ଗ୍ରୁପ ଦ୍ୱାରା ଅବଦୃତ ଲୋମହର୍ଷଣକାରୀ ବର୍ବରତାର ଶିକାର ହୋଇଥିଲେ। ଅପହରଣକାରୀଙ୍କ କବଳରୁ ମୁମୂର୍ଷୁ ଅବସ୍ଥାରେ ଖସି ଆସି ଗତ ୨୦୨୩ ଜୁଲାଇ ୨୧ତାରିଖରେ କଙ୍ଗପୋକପି ପୋଲିସ ଷ୍ଟେସନରେ ଏକ ଏତଲା ଦାୟର କରିଥିଲେ। ନ୍ୟାୟା ପାଇଁ ଗତ ୩୦ମାସ ଧରି ପ୍ରତ୍ୟେକ କର୍ତ୍ତୃପକ୍ଷଙ୍କୁ ଆକୁଳ ଆବେଦନକରିଥିବା ସତ୍ତ୍ୱେ ସବୁକିଛି ବୃଥା ହୋଇଯାଇଥିଲା। ଶେଷରେ ସେ ଗତ ରବିବାର ଦିନ ଚିକିତ୍ସାଧୀନ ଥିବା ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ବୋଧହୁଏ ମଣିପୁର ଦଙ୍ଗା କାଳରେ ଲୋମହର୍ଷଣକାରୀ ଗଣଦୁଷ୍କର୍ମ ଓ ବର୍ବରତାର ସେ ପ୍ରତୀକ ଥିଲେ ବୋଲି କୁହାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ମଣିପୁର ଜାତିଗତ ଦଙ୍ଗା ହତ୍ୟା, ଦୁଷ୍କର୍ମ, ଅପହରଣ, ଲିଙ୍ଗଗତ ହିଂସା, ପୋଡାଜଳା, ଘରଦ୍ୱାର ଛାଡି ଗଣ ପଳାୟନର ମୂକ ସାକ୍ଷୀ ଏବେ ପାଲଟିଛି। ଉଭୟ ଇମ୍ଫାଲ ଉପତ୍ୟକା ଓ ପାର୍ବତ୍ୟାଂଚଳର ଲୋକମାନଙ୍କ ମନରୁ ହିଂସା ବେଳର ବର୍ବରତା ଲୋକଙ୍କ ମନରୁ ଲିଭି ନାହିଁ। ଏବେ ବି ଦୁଇ ସମ୍ପ୍ରଦାୟ ଲୋକେ ଭୟ ଓ ଆତୁର ମଧ୍ୟରେ କାଳ ଅତିବାହିତ କରୁଥିବା କୁହାଯାଏ। ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋ(ଏନସିଆରବି)ର ରିପୋର୍ଟ ଅନୁଯାୟୀ ଚଳିତ ବର୍ଷ ମଣିପୁରରେ ମହିଳା ବିରୋଧି ହିଂସା ହ୍ରାସ ପାଇ ୨୦୧ ମାମଲା ମଧ୍ୟରେ ସୀମିତ ରହିଛି। ଗତ ବର୍ଷ ରାଜ୍ୟରେ ୨୪୮ଟି ମହିଳା ବିରୋଧି ହିଂସା ଘଟଣା ଘଟିଥିଲା। ଏବେ ବି ଉଭୟ ସମ୍ପ୍ରଦାୟର ବହୁ ପୀଡିତା ଯେଉଁମାନେ ଦଙ୍ଗା ସମୟରେ ବର୍ବରତାର ଶିକାର ହୋଇଥିଲେ, ନ୍ୟାୟା ଅପେକ୍ଷାରେ ଅଛନ୍ତି। ଏହା ନିସନ୍ଦେହ ଯେ, ଦଙ୍ଗା କାଳରେ ଦୁଷ୍କର୍ମ ଦୃବୃତମାନଙ୍କର ଏକ ସୁଚିନ୍ତିତ ସାଧାରଣ ଅସ୍ତ୍ର ଥିଲା। କେବଳ ଏତିକି ନୁହେଁ, ମହିଳା ବିରୋଧି ବର୍ବରତା ଚରମ ପର୍ଯ୍ୟାୟରେ ପହଁଚିଥିବା କହିବା କହିଲେ ଅତିରଂଜିତ ହେବ ନାହିଁ। ମଣିପୁରରେ ଦୁଇଜଣ ମହିଳାଙ୍କୁ ସମ୍ପୂର୍ଣ୍ଣ ନିବସ୍ତ୍ର କରି ରାସ୍ତାରେ ଦୁର୍ବୃତମାନେ ଚଲାଇ ନେବା ଘଟଣା ମଧ୍ୟ ଘଟିଥିଲା, ଯାହାକି ସଭ୍ୟ ସମାଜ ପାଇଁ ଏକ କଳଙ୍କିତ ଅଧ୍ୟାୟ ଭାବେ ରହିଯାଇଛି ବୋଲି କହିଲେ ଭୁଲ ହୋଇନପାରେ। କହିବା ବାହୁଲ୍ୟ ଯେ, ମଣିପୁରର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏନ ବିରେନ ସିଂହ ଏବଂ ପୋଲିସର ପକ୍ଷପାତିତା, ନିଷ୍କ୍ରୟତା ଯୋଗୁଁ ଜାତିଆଣ ଦଙ୍ଗା କେବଳ ଉଗ୍ରରୁପ ନେଇନଥିଲା, ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଦଙ୍ଗାକାରୀ ରାଜା ଏବଂ ପୋଲିସର ବାହୁଛାୟା ତଳେ ଥିଲା। ସେତେବେଳ ବିଜେପି ନେତୃତ୍ୱ କାହିଁକି ରାଜ୍ୟସରକାରଙ୍କ ପକ୍ଷପାତିତା ପ୍ରତି ଆଖି ବୁଜି ଦେଇଥିଲା। ତାହା ଏବେ ବି ପ୍ରଶ୍ନବାଚୀ ହୋଇ ରହିଛି। ଗଲା ବର୍ଷ ଫେବୃୟାରୀରେ ମୁଖ୍ୟମନ୍ତ୍ରୀ ବିରେନ ସିଂହଙ୍କ ଇସ୍ତଫା ପରେ, ମଣିପୁର ଏବେ ରାଷ୍ଟ୍ରପତି ଶାସନାଧିନ ରହିଛି। କେନ୍ଦ୍ରୀୟ ବାହିନୀର ଜବାନମାନଙ୍କୁ ଉଭୟ ଇମ୍ଫାଲ ଉପତ୍ୟକା ଓ ପାର୍ବତ୍ୟାଂଚଳରେ ମୁତୟନ କରାଯାଇଛି। ଜାତିଆଣ ଦଙ୍ଗାର ତଦନ୍ତ ସିବିଆଇ କରୁଛି। ମଣିପୁରରେ ରାଷ୍ଟ୍ରପତି ଶାସନକୁ ଇତିମଧ୍ୟରେ ଗୋଟିଏ ବର୍ଷ ପୁରିବାକୁ ଯାଉଥିବାବେଳେ ୨୦ବର୍ଷ ବୟସ୍କାର ପୀଡିତା ନ୍ୟାୟ ନପାଇ ଆଖିବୁଜି ନାହାଁନ୍ତି, ଦୁଇ ଜାତିଆଣ ଗ୍ରୁପ ମଧ୍ୟରେ କଥାବାର୍ତ୍ତା ଆରମ୍ଭ ହୋଇନାହିଁ, ଶାନ୍ତି ଆଲୋଚନାକୁ ସମସ୍ତେ ଭୁଲି ଯାଇଥିବା ମନେହୁଏ। ମଣିପୁରର ବିଭାଜନ ଦାବି ଦିନକୁ ଦିନ ତେଜିବାରେ ଲାଗିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏ ଦିଗରେ ବିଫଳ ହୋଇଥିବା କୁହାଯାଇପାରେ। ଏହା ନିସନ୍ଦେହ ଯେ, ମଣିପୁର ପୋଲିସର ପକ୍ଷପାତିତା ଯୋଗୁଁ ନ୍ୟାୟା ନପାଇ ଶେଷରେ ୧୮ବର୍ଷ ବୟସ୍କାର ଯୁବତୀ ଆଖିବୁଜିଛନ୍ତି। ଉଭୟ ଦୁବୃତ ଓ ଅପରାଗ ପୋଲିସଙ୍କ ବିରୁଦ୍ଧରେ ଉପଯୁକ୍ତ ଦଣ୍ଡ ବିଧାନ ହିଁ, ପିଡିତାଙ୍କୁ ନ୍ୟାୟା ଦେଇପାରିବ। ଏଭଳି ଲୋମହର୍ଷଣକାରୀ ଘଟଣାର ନ୍ୟାୟିକ ତଦନ୍ତ କରାଯିବା ଜରୁରୀ।

# ସ୍ମୃତିରେ ଗାନ୍ଧିଜୀ, କୁଷ୍ଠରୋଗ ନିରୋଧୀ ଦିବସ

**ଡକ୍ଟର ସୁରେଶ କୁମାର ନାୟକ**

ଜାତିର ଜନକ ଭାବେ ମହାତ୍ମା ଗାନ୍ଧୀ କେବଳ ଭାରତ ନୁହେଁ ସମଗ୍ର ପୃଥିବୀରେ ଏକ ସମ୍ମାନସ୍ପଦ ବ୍ୟକ୍ତିତ୍ୱ, ତାଙ୍କ ଅହିଂସା ନୀତି ଆଜି ପୃଥିବୀରେ ସମସ୍ତ ରାଷ୍ଟ୍ରର ଜାତୀୟ ବାର୍ତ୍ତା ଭାବେ ପ୍ରମାଣ ସିଦ୍ଧ ହୋଇଛି। ସଶସ୍ତ୍ର ଗୋରା ଫଉଜଙ୍କୁ ଜଣେ ଆଣ୍ଠୁ ଲୁଚୁ ନଥିବା ପୋଷାକର ସାଧାରଣ ସେହି ବାପୁଜୀ ଭାରତମାତାରୁ ବିତାଡ଼ିତ କରିବାକୁ ସକ୍ଷମ ହୋଇଥିଲେ। ସମଗ୍ର ଭାରତର ଯେଉଁ ଅହିଂସା ନୀତିକୁ ଆଜି ସମଗ୍ର ବିଶ୍ୱ ସମ୍ମାନର ସହିତ ମଥାପାତ କରୁଛି ତାହା ପଛର ଘଟଣାଟି ହେଉଛି ସେହି ମହାନ ନାୟକଙ୍କ କୃତୀ। ପୃଥିବୀରେ ମହାତ୍ମା ଗାନ୍ଧୀ ଏପରି ଜଣେ ବିରଳ ବ୍ୟକ୍ତିତ୍ୱ ଯାହାଙ୍କ ନାମରେ ସାରା ପୃଥିବୀର ବିଭିନ୍ନ ଭାଷାରେ ଅନେକ ଚଳଚ୍ଚିତ୍ର ଓ ପୁସ୍ତକ ମଧ୍ୟ ଲେଖା ହୋଇଛି। କୁହାଯାଏ ଗାନ୍ଧିଜୀଙ୍କ ନାମରେ ଯେ କୌଣସି ପୁସ୍ତକ ତାହା ନିଶ୍ଚିତ ପ୍ରଚୁର ପାଠକୀୟ ଆଦୃତ୍ତି ପାଇଥାଏ। ଆଜିର ଦିନରେ ଆମେ ଜାତିର ପିତାଙ୍କୁ ହରାଇ ଥିଲୁ। ସମଗ୍ର ବିଶ୍ୱ ମଧ୍ୟ ସ୍ତବ୍ଧ ହୋଇଯାଇଥିଲା ସେ ଦିନର ଏହି ଅଭାବନୀୟ ଘଟଣାକୁ ନେଇ। କିନ୍ତୁ ଗାନ୍ଧିଜୀଙ୍କ ଆଦର୍ଶ, ଚିନ୍ତା ଓ ଚେତନା ଯୁଗ ଯୁଗ ପାଇଁ କେବଳ ପ୍ରତିଟି ଭାରତୀୟଙ୍କ ହୃଦୟରେ ନୁହେଁ ସମଗ୍ର ବିଶ୍ୱବାସୀଙ୍କ ହୃଦୟରେ ଚିର ଜାଜ୍ଜ୍ୱଲ୍ୟମାନ ହୋଇ ରହିବ।

ସେହିପରି ପିଲାମାନେ ଆଜି ହେଉଛି ସହୀଦ ଦିବସ ଏବଂ ଏହାକୁ ସର୍ବୋଦୟ ଦିବସ ଭାବେ ମଧ୍ୟ ପାଳନ କରାଯାଏ। ତେବେ ଅନ୍ୟ ଗୋଟିଏ ସଚେତନଧର୍ମୀ ଚେତନାଦାୟୀ କାର୍ଯ୍ୟକ୍ରମ ପାଇଁ ଆଜିର



ଦିବସଟି ମଧ୍ୟ ପରିଚିତ। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସକୁ ସାରା ଭାରତବର୍ଷରେ କୁଷ୍ଠ ରୋଗ ନିରୋଧୀ ଦିବସ ଭାବେ ପାଳନ କରାଯାଏ। କୁଷ୍ଠ ଭଳି ସଂକ୍ରାମକ ରୋଗରେ ପୀଡ଼ିତ ରୋଗୀଙ୍କ ଯତ୍ନ ଓ ସେମାନଙ୍କ କଲ୍ୟାଣ ପାଇଁ ଗାନ୍ଧୀଙ୍କ ନିସ୍ୱାର୍ଥପର ପଦକ୍ଷେପକୁ ମନେପକାଇବାକୁ ଏହି ଦିବସ ପାଳିତ ହୋଇଥାଏ। ଶିକ୍ଷାନୁଷ୍ଠାନମାନଙ୍କରେ କୁଷ୍ଠ ନିରୋଧୀ ଅଭିଯାନ ଅନୁଷ୍ଠିତ ହୋଇଥାଏ। ନାଟକ, ଚଳଚ୍ଚିତ୍ର ମାଧ୍ୟମରେ କୁଷ୍ଠ ପ୍ରତି ଲୋକଙ୍କୁ ସଚେତନ କରାଯାଏ। ଚିକିତ୍ସା ଦ୍ୱାରା ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରେ, ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସାରା ଭାରତରେ ଏହି ସନ୍ଦେଶ ପ୍ରେରଣ କରାଯାଇଥାଏ। ରୋଗ ସହ ଲଢ଼ିବାର ସାହସ ଜାଗ୍ରତ କରାଯାଇଥାଏ। ରୋଗକୁ ନେଇ ଲୋକଙ୍କ ମନର ଭ୍ରମ ଦୂର କରିବା ଏହି ଦିବସର ଲକ୍ଷ୍ୟ। ଲୋକଙ୍କୁ କୁଷ୍ଠ ପ୍ରତି ସଚେତନ କରାଇବା, ପୀଡ଼ିତଙ୍କୁ ନିୟମିତ ଓ ବିନା ମୂଲ୍ୟରେ ଚିକିତ୍ସା ଯୋଗାଇଦେବା, ରୋଗଗ୍ରସ୍ତ ବ୍ୟକ୍ତିଙ୍କୁ ମାନସିକ ସ୍ତରରେ ମଜବୁତ କରିବା ସହ ରୋଗ ସମୟରେ ଅନ୍ୟ ଶାରୀରିକ ସମସ୍ୟା ପ୍ରତି ସଚେତନ କରିବା କୁଷ୍ଠ ନିରୋଧୀ ଦିବସ ପାଳନର ଉଦ୍ଦେଶ୍ୟ। ଅନେକ ସମୟରେ କୁଷ୍ଠରୋଗୀ ମାନଙ୍କ ପ୍ରତି ଘୃଣା ଓ ସେ ବର୍ଗର ଭିକ୍ଷାର୍ଥୀଙ୍କ ପ୍ରତି ଅସମ୍ବେଦନଶୀଳ ମନ୍ତବ୍ୟ ସମ୍ପର୍କରେ ବେଳେ ବେଳେ ଆମେ ଗଣମାଧ୍ୟମରେ ଖବର ଦେଖୁ। କେହି କେହି ସେମାନଙ୍କୁ ଏକ ପ୍ରକାର ସାମାଜିକ ଅସ୍ପୃଶ୍ୟ ଓ ଅଲୋଡ଼ା ଭାବେ ବିଚାର କରିଥାନ୍ତି। କିନ୍ତୁ ବାପୁଜୀଙ୍କ ପ୍ରିୟ ବାଣୀଟି ହେଉଛି - 'କୁଷ୍ଠରୋଗକୁ ଘୃଣା କର - କୁଷ୍ଠ ରୋଗୀକୁ ନୁହେଁ।' କହିବାକୁଗଲେ ବର୍ତ୍ତମାନର ସମୟରେ କୁଷ୍ଠରୋଗ ଆଉ ଘୃଣ୍ୟ ବା ଆରୋଗ୍ୟ ହେଉ ନଥିବା ରୋଗ ହୋଇ ରହିନାହିଁ। ଏହାର ଚିକିତ୍ସା ପଦ୍ଧତି ସହିତ ଲୋକମାନଙ୍କର ମଧ୍ୟ କୁଷ୍ଠରୋଗୀ ମାନଙ୍କ ପ୍ରତି ସହାନୁଭୂତି ବୃଦ୍ଧି ପାଇଛି। ଆଜିର ଦିବସରେ କେବଳ ଜାତିର ଜନକ ପ୍ରିୟ ବାପୁଜୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ନୁହେଁ ବରଂ ଏହା ସହିତ କୁଷ୍ଠ ରୋଗ ପ୍ରତି ଥିବା ଆମର ଘୃଣାକୁ ବିତାଡ଼ିତ କରି ଏହି ବର୍ଗର ପୀଡ଼ିତ ମାନଙ୍କୁ ଭଲ ପାଇବା, ସେବା କରିବା ଆଜିର ଦିବସର ଅନ୍ତର୍ନିହିତ ପ୍ରେରଣା ଯୋଗାଉ।

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ,
ଦୂରଭାଷ : ୯୪୩୭୨୨୫୫୯୨
E-mail : s271169@gmail.com

# ଗାନ୍ଧିଜୀଙ୍କ ବେଶ ବଦଳାଇଥିଲା ଓଡ଼ିଶା

**ଡ଼ଃ.ଅରୁନ୍ଧତୀ ଦେବୀ**

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଅନେକ ଶ୍ରଦ୍ଧା, ଆବେଗ ଓ ଦେଶ ମାତୃକାର ପାଇଁ ଭାବପ୍ରବଣତା ଓଡ଼ିଶା ସହିତ ରହିଛି। ଶ୍ରୀକ୍ଷେତ୍ର ସହିତ ମହାତ୍ମା ଗାନ୍ଧୀଙ୍କର ସ୍ମୃତି ଜଡ଼ିତ ରହିଛି। ଏହି ସ୍ମୃତିକୁ ଚିର ସ୍ମରଣୀୟ ରଖିବା ପାଇଁ ଶନିବାର ଶ୍ରୀକ୍ଷେତ୍ରରେ ଗାନ୍ଧିଜୀଙ୍କ ପୁରୀ ଆଗମନର ଶତବାର୍ଷିକୀ ଉଦ୍‌ଯାପନ ସମାରୋହ ପାଳନ ହେବ। ଏଥିରେ ବିଶିଷ୍ଟ ଗାନ୍ଧୀବାଦ, ଗାନ୍ଧୀପ୍ରେମୀ ଓ ବୁଦ୍ଧିଜୀବୀମାନେ ଯୋଗଦେବେ। ୧୯୨୧ ମାର୍ଚ୍ଚ ୨୬ରେ ଗାନ୍ଧିଜୀ ପୁରୀ ଆସିଥିଲେ।

ଗାନ୍ଧିଜୀ ଓଡ଼ିଶାକୁ ଆସି ବୁଲିକରି ଯିବା ପରେ ନିଜ ବେଶ ପୋଷାକ ବଦଳାଇଥିଲେ। ଧୋତି ବଦଳରେ ଆଣ୍ଠୁ ଉପରକୁ ଲୁଗା ଓ ସାର୍ଟ ବଦଳରେ ଖୋଲା ଦେହରେ ଚାଦର ପିନ୍ଧିଥିଲେ। ତାଙ୍କ ବେଶପୋଷାକ ବଦଳିଯିବା ନେଇ ତାଙ୍କୁ ପଚରାଯିବାରୁ ସେ କହିଥିଲେ, ଓଡ଼ିଶାର ଦାରିଦ୍ର୍ୟ ମୋ'ବେଶ ପୋଷାକ ବଦଳାଇ ଦେଲା। ବିହାରର ଚମ୍ପାରଣ ନୁହେଁ ବରଂ ଓଡ଼ିଶା ସବୁଠାରୁ ଅଧିକ ଦୁର୍ଦ୍ଦଶା ଭୋଗୁଥିବା ରାଜ୍ୟ। ୧୯୨୧ ମସିହା ମାର୍ଚ୍ଚ ୨୩ରେ ଗାନ୍ଧୀ କଟକ କାଠଯୋଡ଼ିରେ ସଭା କରିବା ପରେ ୨୫ ତାରିଖରେ ଭଦ୍ରକ, ୨୬ ତାରିଖ ସକାଳେ ସତ୍ୟବାଦୀ ଓ ସନ୍ଧ୍ୟାରେ ଆସି ପୁରୀରେ ପହଞ୍ଚିଥିଲେ। ପୁରୀରେ ତାଙ୍କୁ ସ୍ୱାଗତ କରିବା ପାଇଁ ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ। ୨୭ ତାରିଖ ସକାଳେ ସେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ସେହିଦିନ ସନ୍ଧ୍ୟାରେ ଶରଧାବାଲିରେ ଏକ ବିରାଟ ସଭା ଆୟୋଜିତ ହୋଇଥିଲା। ଏହାପରେ ସେ ପୁରୀ ଜିଲ୍ଲାର ଦାରିଦ୍ର୍ୟ ରୂପ ଦେଖିଥିଲେ। ଅଭାବ କେତେ କଷ୍ଟଦାୟକ ତାହା ଦେଖି ଗାନ୍ଧିଜୀ ଭାବ ପ୍ରବଣ ଓ ବ୍ୟଥିତ ହୋଇପଡ଼ିଥିଲେ। ଏହାପରେ ଗାନ୍ଧିଜୀ ଶ୍ରୀମନ୍ଦିର ମ୍ୟାନେଜର ସଖୀଚାନ୍ଦଙ୍କ ଅନାଥ ଆଶ୍ରମ ଭ୍ରମଣରେ ଯାଇ ଭୂୟସୀ ପ୍ରଶଂସା କରିଥିଲେ। ୨୮ ତାରିଖରେ ଗାନ୍ଧିଜୀଙ୍କ ମୌନବ୍ରତ ଥିଲା। ୨୯ ତାରିଖ ସକାଳୁ ସେ ପୁରୀ ଛାଡ଼ିଥିଲେ। ନିଜ ତିନିଦିନ ଭ୍ରମଣରେ ଗାନ୍ଧିଜୀ ଆର୍ଥିକ, ଭୌଗୋଳିକ ଓ ସାମାଜିକ ଦୃଷ୍ଟିକୋଣରୁ ପୁରୀକୁ ହୃଦୟଙ୍ଗମ କରିବାକୁ ପ୍ରଚେଷ୍ଟା କରିଥିଲେ।

ଏହା ବ୍ୟତୀତ ସେ ୧୯୨୭ରେ ଦୁଇଦିନ ପାଇଁ ଏବଂ ୧୯୩୪ ମସିହାରେ ହରିଜନ ପଦଯାତ୍ରାରେ ପୁରୀ ଆସିଥିଲେ। ପଦଯାତ୍ରା ଅବସରରେ ଚନ୍ଦନପୁର ବଜାରରେ ଶୋଇଥିବାବେଳେ ସେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଏକ ଚିଠି ଲେଖିଥିଲେ। ଚିଠିରେ ଉଲ୍ଲେଖ ଥିଲା, ଏହି ପଦଯାତ୍ରା କେବଳ ପଦଯାତ୍ରା ନୁହେଁ, ଲୋକଙ୍କୁ ଜାଣିବା ଓ ମିଶିବା ଉଦ୍ଦେଶ୍ୟରେ ଏହି ଯାତ୍ରା କରୁଛି। ସେଠାରୁ ସେ ନିଜ ସ୍ତ୍ରୀ କସ୍ତୁରବାଙ୍କ ନିକଟକୁ 'ରାମ ଗୀତା' ନାମକ ଏକ ବହି ପଠାଇଥିଲେ। ଗାନ୍ଧିଜୀଙ୍କ ଜୀବନଶୈଳୀ ସମ୍ପର୍କିତ ଭାରତ ସରକାରଙ୍କ ଦ୍ୱାରା ପ୍ରକାଶିତ ଶହେ ଭାଗ ବିଶିଷ୍ଟ 'କଲେକ୍‌ଟେଡ ୱାର୍କ୍ସ ଅଫ ମହାତ୍ମା ଗାନ୍ଧୀ'ରେ ଏହି ସମସ୍ତ ପ୍ରସଙ୍ଗ ସମ୍ପର୍କରେ ଉଲ୍ଲେଖ ରହିଛି। କେବଳ ଜାତିର ଜନକ ଭାବେ ନୁହେଁ ନିଜେ ଜୀବନ ତମାମ ଆଦର୍ଶ ଓ ମୂଲ୍ୟବୋଧକୁ ପାଥେୟ କରିଥିବା ସେହି ପୂଜ୍ୟପ୍ରିୟ ବାପୁଜୀଙ୍କୁ ମୁଁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛି। ମହାତ୍ମାଜୀ ! ଅତୀତର ସ୍ୱର୍ଣ୍ଣାଭ ଦିନମାନଙ୍କରେ ଆମ ପ୍ରାଚୀନ ଉତ୍କଳ: ନାନକ, ଶଙ୍କରାଚାର୍ଯ୍ୟ, ଶ୍ରୀଚୈତନ୍ୟଙ୍କ ଭଳି ବିଶ୍ୱଗୁରୁମାନଙ୍କୁ ସସମ୍ମାନେ ପାଛୋଟି ଆଣିଛି। ଆମେ ସେହି ଉତ୍କଳର ହତଭାଗ୍ୟ ଦାୟାଦମାନେ ଆଜି କେବଳ ଆପଣଙ୍କୁ ହୃଦୟଭରା କୃତଜ୍ଞତା ଜଣାଉଛୁ। ଆପଣଙ୍କ ନିକଟରେ ବାଢ଼ି ଦେଉଛୁ ଆମ ଭକ୍ତିର.... ପ୍ରେମର...ଲୁହର ଅଞ୍ଜଳି.... ।

ସମ୍ପାଦିକା-ନିର୍ଦ୍ଦେଶିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଭଜୁକିରେ ରାମନାମରେ କୁମାର ଜପୁ କିରେ ରାମ ନାମ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଜଣେ ମା, ତାଙ୍କ ଅଲ୍ୟଅଳ ଏକମାତ୍ର ପୁତ୍ରକୁ ବହୁଦିନ ବିଛେଦ ପରେ, ମିଳନ ମାତ୍ରେ ପ୍ରଥମେ କୁଶଳ ପୁଛା, ନକରି ଜୀବର ପରମ ଧେୟ ରାମନାମ ଭଜ, ଜପ କଥା ପଚାରୁଛନ୍ତି। ଏ ମାଆ ସାଧାରଣ ପିଲାଟିର ମାଆ ନୁହଁନ୍ତି, ଜଣେ ରାଜ୍ୟର ମହାରାଣୀ, ରାଣୀମା, ସଂସାରରେ ଆଦ୍ୟ ଗୁରୁ ହେଉଛନ୍ତି 'ମାଆ' 'ଯେ ଗୁରୁମା, ସମସ୍ତଙ୍କ ଘରେ ଗୁରୁମାଅଛନ୍ତି ସମସ୍ତେ ଗୁରୁମାଙ୍କ ଠାରୁ ଆଦ୍ୟ ଦୀକ୍ଷି, ବର୍ଣ୍ଣମାଳାର ଉଚ୍ଚାରଣରେ ଦୀର୍ଘ ସ୍ୱର ସଞ୍ଜୁକ୍ତ ମା, ବା ପିଲା ମାନଙ୍କୁ ସବୁ ଘର ଓଡ଼ିଆ ମାଆ ମାନେ ଶିଖାଉଛନ୍ତି। ରାଣୀ ମୁକ୍ତା ଦେବୀ ଜଣେ ମାଆ, ପୁଣି ରାଜ୍ୟର ପ୍ରଜାଙ୍କ ରାଣୀମା, ପକ୍ଷାନ୍ତରେ ବଡ଼ମା ସେ ମାଆ ତାଙ୍କ ପୁତ୍ରଙ୍କୁ କେବଳ 'ରାମ ନାମ' ଉଦଘୋଷ ଚେତାଉ ନଥିଲେ ସେ ପରୋକ୍ଷରେ ବଡ଼ମା ବଡ଼ ଗୁରୁମା (ହେଡମିଷ୍ଟ୍ରେସ) ହୋଇ ସମଗ୍ର ଦୁନିଆଁର ଲୋକଙ୍କ ପାଇଁ ଚେତାଇଛନ୍ତି। 'ରା' ଉଚ୍ଚାରଣରେ ପ୍ରତ୍ୟେକଙ୍କ ପାଟି ଖୋଲେ, 'ମ୍' ଉଚ୍ଚାରଣରେ ପାଟି ବନ୍ଦ ହୁଏ। ଅନେକ ଶବ୍ଦ ଅଭିଧାନରେ ଅଛି କିନ୍ତୁ ଏମିତି ଶବ୍ଦ ବିରଳ ନିଶ୍ଚୟ। ତନ୍ତ୍ରରେ ଧରାଯାଇଛି 'ର' ଅଗ୍ନି ତତ୍ତ୍ୱର ବର୍ଣ୍ଣ, ଏପରି ପ୍ରୟୋଗ ମନ୍ତ୍ରରେ ଅଦ୍ୟରେ ନାଦବ୍ରହ୍ମ 'ଓଁ' ଲାଗେ ନାହିଁ। 'ରାମାୟ ନମଃ, ରାଂ, ରାମାୟ ନମଃ ଏପରି ଗୁରୁମାନେ, ଓଁ ବ୍ୟତିରକେ ଉଚ୍ଚାରଣ ନିର୍ଦ୍ଦେଶ କରିଛନ୍ତି, ଅନେକ ନାମର ଅତିମୂଳା ବଢ଼ାଉଛି ଏହି ରାମ ନାମ ଶବ୍ଦ, ଯାହା 'ବଳରାମ' 'ସାଇରାମ' ଏକ ବଣିକଙ୍କ ନାମ ହଳଦୀରାମ ପୂର୍ବେ ଧାନ ଗଉଣିରେ ମାପ ଆରମ୍ଭରେ ପ୍ରଥମଟି ପାଇଁ ଲୋକେ ରାମ କହି ଆରମ୍ଭ କରୁଥିଲେ, ଏପରିକି ଧାତୁର ମୁଦ୍ରା, କାଗଜର ମୁଦ୍ରା ନୋଟ ଗଣତିରେ ଗଣନା କରି ପ୍ରଥମକୁ ରାମରେ ଧରିକି ଆଗକୁ ଦୁଇ ତିନି କ୍ରମକୁ ବଢ଼ନ୍ତି। ଶଙ୍କର ଭଗବାନ ମାଆ ପାର୍ବତୀଙ୍କୁ ହଜାର ନାମ ବିକଳ୍ପକୁ ଏକ ରାମ ଉଚ୍ଚାରଣ ପାଇଁ ଉପଦେଶ ଦେଇଛନ୍ତି। ମନୁଷ୍ୟ ଶରୀରରେ ଅନେକ ଅଗ୍ନି ଅଛି, ଯଥା କ୍ରୋଧାଗ୍ନି, କାମାଗ୍ନି, ଜଠରାଗ୍ନି ଏହି ଅଗ୍ନି ମାନଙ୍କର ଶୃଙ୍ଖଳା ଜ୍ଞାନ ନାହିଁ, ପ୍ରଭୁ ରାମ ନାମ କେହି ଉଚ୍ଚାରଣ ବିଧିରେ କରିଚାଲିଲେ, ତହିଁରେ ଲୟ ଲଗାଇଲେ ଶରୀରରେ ଛପି ଥିବା ଅଗ୍ନି ମାନେ ଶୃଙ୍ଖଳିତ ମନକୁମାନ ହୋଇଯିବେ। ଯେତେବେଳେ କୌଣସି ହବନ, ଯଜ୍ଞ ହୋମକାର୍ଯ୍ୟ ହୋଇ ପୂର୍ଣ୍ଣାହୂତି ହୋଇଯାଏ ସେତେବେଳେ ଅଗ୍ନିଙ୍କ ଶୁଭ ବିଦାୟ ବେଳେ ପୁରୋହିତମାନେ କହନ୍ତି ଅଗ୍ନି ତ୍ୱମ ସମୁଦ୍ରେ ଗଚ୍ଛତଃ। ସମୁଦ୍ରରେ ଅଛନ୍ତି ବଡ଼ବା ଅଗ୍ନି ଯେ ମେଘ ବର୍ଷାର ଏକ କାରଣ ଆଜିକାଲି ଯେଉଁ ବାତ୍ୟା ମହାବାତ୍ୟା ପ୍ରଚଣ୍ଡ ହେଉଛି ତାହା ବି ଏଇ ବଡ଼ବା

ଅଗ୍ନି ଅସନ୍ତୋଷ, ବୃଦ୍ଧଯୋଗୁଁ ହେଉଛି ଏହି ସମୁଦ୍ର ଏମିତି ଅସନ୍ତୋଷ ମନ ମାନି ହୋଇ ରାମକାର୍ଯ୍ୟରେ ବାଧା ଉପୁଜାଇଥିଲେ ସେତୁ ବନ୍ଧନ କାର୍ଯ୍ୟ କରାଇ ହେଉନଥିଲେ ପ୍ରଭୁ କୋଦଣ୍ଡ ଉଠାଇ ଟଙ୍କାର କରିବା ମାତ୍ରେ ସମୁଦ୍ର ବୁଝିପାରିଥିଲେ ପରିଣାମ କଣ ହେବ ? ସେ ରାମ କାର୍ଯ୍ୟରେ ଆଉ ବାଧା ଦେଇନଥିଲେ, ବାସ ସେହି ରାମନାମ ସମୂହ ଉଚ୍ଚାରଣରେ ବଡ଼ବା ଅଗ୍ନି ଅବଶ୍ୟ ଶାନ୍ତ ରହିପାରନ୍ତି। ଜଙ୍ଗଲରେ ବନରେ ଅଗ୍ନି ବନାଗ୍ନି, ଦବାଗ୍ନି, ଯେଉଁ ରାମ, ଦଣ୍ଡା ପଡ଼ିଥିବା ଭୃକୁଣ୍ଡା ପଡ଼ିଥିବା ଜଳି ପାଉଁଶ ହୋଇଯାଇଥିବା ଅରଣ୍ୟ, ଦଣ୍ଡକଅରଣ୍ୟ, ଦଣ୍ଡକାରଣ୍ୟ ସୃଷ୍ଟିର କାରଣ, ଏହି ସବୁର ମୂଳ ଉତ୍ସ ଅସୁର ଗୋଷ୍ଠୀ ସଂହାରକାରୀ ସେହି ରାମ, ଉଜୁଡ଼ି ଯାଇଥିବା ଅରଣ୍ୟ ଯାହା ସ୍ୱାଥନ୍ୱେଷୀଙ୍କ ଦ୍ୱାରା ଇତି ହୋଇଥିଲା ତାକୁ ପୁନଃ ପୁରୋଧା ରାମ, ଜଙ୍ଗଲରେ ପାଠ ଶାଳା ସେ ସେଠାରେ ପାଠ ପଢ଼ିଥିଲେ। ବନୌଷଧି ବନରେ ହିଁ ମିଳେ, ସାକଲ୍ୟରେ ଯଜ୍ଞ କରି ପ୍ରକୃତିକୁ ସୁନ୍ଦର ରଖିବା ଚିନ୍ତିକ ବନବାସୀ ଋଷି, ମୁନୀଙ୍କ ପରାମର୍ଶ ରାମ ସର୍ବଦା ନେଉଥିଲେ। ନିଜ ଭାଇର ବିଷାକ୍ତ ଘାଆ କ୍ଷତ ଚିକିତ୍ସା ପାଇଁ ବନ ଔଷଧି ଜଙ୍ଗଲରୁ ଅଣାଇଥିଲେ। ସେହି ରାମ ଆଉ ରାଜ୍ୟ ହେବ 'ରାମ ରାଜ୍ୟ'। ଲୋକେ ଜଙ୍ଗଲ ନଷ୍ଟ କରି ଉପବନ କରୁଛନ୍ତି ଜଙ୍ଗଲ ବାସୀ ମର୍କଟ ଗଣଙ୍କ ଉତ୍ପାତ ଉପବନରେ କିପରି ବଢୁଛି ସମସ୍ତେ ବୁଝୁଥିବେ। ଜଙ୍ଗଲ ଭଗବାନଙ୍କ ସୃଷ୍ଟି ମାତ୍ର ଉପବନ ମାନବ ସୃଷ୍ଟି। ସେ ଯେ ଧରିବ ରାମ ସେ ତ୍ରାହି ପାଇବ। ସେ ଦଶରଥ ନନ୍ଦନ ନୁହଁନ୍ତି, ସେ ପୂର୍ବରୁ ଥିଲେ ସର୍ବଦା ଅଛନ୍ତି କେବଳ ଅରୂପରୁ ଆବଶ୍ୟକ ପାଇଁ ଦଶରଥ କୌଶଲ୍ୟାଙ୍କ କୁମାର ହୋଇଥିଲେ। ଯଥାର୍ଥରେ ରାଣୀ ମାଆ ମୁକ୍ତା ଦେବୀ ସମସ୍ତଙ୍କ ବଡ଼ ମାଆ ହୋଇ ଚେତାଇ ଦେଇଛନ୍ତି ମାତ୍ର।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩



# ପଞ୍ଜାବରେ ପାକିସ୍ତାନପଟୁ ଆସୁଥିବା ବିପୁଳ ଅସ୍ତ୍ରଶସ୍ତ୍ର ଓ ହେରୋଇନ ଜବତ

**ନୂଆଦିଲ୍ଲୀ,୨୯।୧(ଏଜେନ୍ସି):**ପଞ୍ଜାବର ଫାଜିଲ୍କାରେ ଆନ୍ତର୍ଜାତିକ ସୀମାରେ ବିପୁଳ ଅସ୍ତ୍ରଶସ୍ତ୍ର ଓ ହେରୋଇନ ଜବତ ହୋଇଛି । ପାକିସ୍ତାନ ପଟୁ ଏସବୁ ଭାରତ ଭିତରକୁ ପଠାଯାଉଥିଲା । ବିଓପି ଜି-ଜି-୩ ଅଞ୍ଚଳରେ ବଳମ୍ବିତ ରାତିରେ ଅସ୍ତ୍ରଶସ୍ତ୍ର ଚୋରା ଚାଲାଣକାରୀ ପାକିସ୍ତାନ ପଟରୁ ଭାରତ ଭିତରକୁ ପଶିବାକୁ ଚେଷ୍ଟା କରୁଥିବାବେଳେ ବିଏସ୍ଏଫ୍ ସେମାନଙ୍କ ଉଦ୍ୟମକୁ ବିଫଳ କରିଦେଇଥିଲା । ବିଏସ୍ଏଫ୍ ପକ୍ଷରୁ ଚୋରା ଚାଲାକଣକାରୀଙ୍କ ଉପରକୁ ୬୦ ରାଉଣ୍ଡ ଗୁଳି ଚାଳନା କରାଯାଇଥିଲା ।ଭୟରେ ଚୋରା ଚାଲାଣକାରୀ ଫେରି ଯାଇଥିଲେ । ଏହାପରେ ବିଏସ୍ଏଫ୍ ପକ୍ଷରୁ ପଞ୍ଜାବ ପୁଲିସ ସହିତ ମିଳିତ ଭାବେ ତଲାସି ଅଭିଯାନ କରାଯାଇଥିଲା । ତଲାସି ଅଭିଯାନ ବେଳେ ପାକିସ୍ତାନ ପଟୁ ପଠାଯାଇଥିବା ବିପୁଳ ଅସ୍ତ୍ରଶସ୍ତ୍ର ଓ ହେରୋଇନ ଜବତ ହୋଇଛି । ପଞ୍ଜାବର ଡିଜିପି ଗୌରବ ଯାଦବ 'ଏକ୍ସ'ରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି ।

# ବିଜେପିର ସୌରଭ ଯୋଶୀ ଚଣ୍ଡିଗଡ଼ ମେୟର ନିର୍ବାଚିତ

**ନୂଆଦିଲ୍ଲୀ,୨୯।୧(ଏଜେନ୍ସି):**ଚଣ୍ଡିଗଡ଼ର ମେୟର ନିର୍ବାଚନରେ ବିଜେପି ବିଜୟୀ ହୋଇଛି ।ବିଜେପି ପ୍ରାର୍ଥୀ ସୌରଭ ଯୋଶୀ ଚଣ୍ଡିଗଡ଼ର ନୂଆ ମେୟର ନିର୍ବାଚିତ ହୋଇଛନ୍ତି । ତ୍ରିକୋଣୀୟ ନିର୍ବାଚନରେ ଯୋଶୀ କଂଗ୍ରେସ ଓ ଆମ ଆଦମୀ ପାର୍ଟିର ପ୍ରାର୍ଥୀଙ୍କୁ ପରାଜିତ କରିଥିଲେ । ବିଜେପି ପ୍ରାର୍ଥୀ ୧୮ଟି ଭୋଟ ପାଇଥିବା ବେଳେ କଂଗ୍ରେସର ଗୁରପ୍ରୀତ ସିଂହ ଗବିଙ୍କୁ ୭ ଓ ଆପର ଯୋଗେଶ ଢିଙ୍ଗରାଙ୍କୁ ୧୧ଟି ଭୋଟ ମିଳିଥିଲା । ବିଜେପିର ଯଶମନପ୍ରୀତ ସିଂହ ସିନିଅର ଡେପୁଟି ମେୟର ହୋଇଛନ୍ତି । ସିନିଅର ଡେପୁଟି ମେୟର ଓ ଡେପୁଟି ମେୟର ପଦବୀ ପାଇଁ ମଧ୍ୟ କଡ଼ା ମୁକାବିଲା ହୋଇଥିଲା ।୨୦୨୨ ପରେ ପ୍ରଥମ ଥର ତିନି ଦଳ ଅଲଗା ଅଲଗା ନିର୍ବାଚନ ଲଢୁଛନ୍ତି । ନଗର ନିଗମର ୩୫ କାଉନସିଲର ଏବଂ ସ୍ଥାନୀୟ ସାଂସଦଙ୍କୁ ନେଇ ମୋଟ ୩୬ ଭୋଟ ଥିବାବେଳେ ବିଜେପି ପାଖରେ ସର୍ବାଧିକ ୧୮ଟି କାଉନସିଲର ଅଛନ୍ତି । ଆପ୍ ପାଖରେ ୧୧ ଏବଂ କଂଗ୍ରେସ ପାଖରେ ୬ କାଉନସିଲର ଥିବାବେଳେ ସାଂସଦ (ମନିଷ ତିୱାରି)ଙ୍କ ଅତିରିକ୍ତ ଭୋଟ ରହିଥିଲା ।

# ପୁଣି ଭାରତକୁ ସାହାଯ୍ୟ ମାଗିଲା ବାଂଲାଦେଶ !



**ନୂଆଦିଲ୍ଲୀ,୨୯।୧(ଏଜେନ୍ସି):** ଭାରତ ସହିତ ସମ୍ପର୍କ ଖରାପ ହେବା ଭିତରେ ବାଂଲାଦେଶକୁ ପୁଣିଥରେ ସହାୟତାର ଆବଶ୍ୟକତା ପଡିଛି । ବାଂଲାଦେଶର ପ୍ରାକୃତିକ ଗ୍ୟାସ୍ ଆଭାବ ଏବଂ ବିଦ୍ୟୁତ ଚାହିଦା ବୃଦ୍ଧି ପାଉଥିବାରୁ ଆଦାନୀ ଗ୍ରୁପର ଏକ ସହାୟକ କମ୍ପାନୀ ଆଦାନୀ ପାୱାର ବାଂଲାଦେଶକୁ ତାର ବିଦ୍ୟୁତ ରପ୍ତାନି ବୃଦ୍ଧି କରୁଛି, ଉଭୟ ଦେଶର ସରକାରୀ ତଥ୍ୟ ଅନୁଯାୟୀଭାରତ ଏବଂ ବାଂଲାଦେଶ ସରକାରଙ୍କ ତଥ୍ୟ ଅନୁଯାୟୀ, ଝାଡ଼ଖଣ୍ଡର ଗୋଡ୍ଡାରେ ଆଦାନୀଙ୍କ କୋଇଲା ଚାଳିତ ବିଦ୍ୟୁତ କେନ୍ଦ୍ର ବାଂଲାଦେଶକୁ ବିଦ୍ୟୁତ୍ ରପ୍ତାନିରେ ଉଲ୍ଲେଖନୀୟ ବୃଦ୍ଧି କରିଛି । ଡିସେମ୍ବର ପର୍ଯ୍ୟନ୍ତ ତିନି ମାସରେ, ଏହାର ଯୋଗାଣ ବର୍ଷ ବର୍ଷ ଧରି ପ୍ରାୟ ୩୮% ବୃଦ୍ଧି ପାଇ ୨.୨୫ ବିଲିୟନ କିଲୋୱାଟ୍-ଘଣ୍ଟା (କଡଷ) ହୋଇଛି ।ବାଂଲାଦେଶ ସରକାରଙ୍କ ଅନୁଯାୟୀ, ଭାରତରୁ ବିଦ୍ୟୁତ ଉତ୍ପାଦନ ଏହାର ମୋଟ ବିଦ୍ୟୁତ ମିଶ୍ରଣର ରେକର୍ଡ ୧୫.୬ ପ୍ରତିଶତରେ ପହଞ୍ଚିଛି, ଯାହା ୨୦୨୪ ମସିହାରେ ମାତ୍ର ୧୨ ପ୍ରତିଶତ ଥିଲା । ଆଦାନୀ ପାୱାର ୨୦୨୩ ମସିହାରେ ବାଂଲାଦେଶକୁ ବିଦ୍ୟୁତ ଯୋଗାଣ ଆରମ୍ଭ କରିଥିଲା ଏବଂ ସେବେଠାରୁ ଜାରି ରହିଛି। ଏହାର ଅର୍ଥ ହେଉଛି ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ଖରାପ ହେବା ସତ୍ତ୍ୱେ, ବିଦ୍ୟୁତ ବାଣିଜ୍ୟ ସମୃଦ୍ଧ ହେଉଛି । କିନ୍ତୁ, ବାଂଲାଦେଶ ସରକାରଙ୍କ ଦ୍ୱାରା ନିଯୁକ୍ତ ଏକ ପ୍ୟାନେଲ ଭାରତରୁ ବିଦ୍ୟୁତ ଯୋଗାଣକୁ ଅତ୍ୟଧିକ ମହଙ୍ଗା ବୋଲି ବର୍ଣ୍ଣନା କରିଛି । ଏହି ସମୟରେ, ଢାକାସ୍ଥିତ ସ୍ୱାଧୀନ ଶକ୍ତି ବିଶେଷଜ୍ଞ ଏଜାଜ୍ ହୁସେନ୍ କହିଛନ୍ତି, ଆଦାନିର ବିଦ୍ୟୁତ୍ ଏବେ ବି ତେଲ-ଭିତ୍ତିକ ବିଦ୍ୟୁତ ତୁଳନାରେ ଶସ୍ତା ।ଅଭାବ ଯୋଗୁଁ, ବାଂଲାଦେଶ ତେଲ-ଭିତ୍ତିକ ବିଦ୍ୟୁତ କେନ୍ଦ୍ର ବ୍ୟବହାର କରିବାକୁ ବାଧ୍ୟ ହେଉଛି ।ଆଜିକାଲି ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଏତେ ତୀବ୍ର ଯେ ଉଭୟ ଅସ୍ଥାୟୀ ଭାବରେ ଭିସା ସେବାକୁ ସ୍ଥଗିତ ରଖିଛନ୍ତି । ବାଂଲାଦେଶ ବିଦ୍ୟୁତ ବିକାଶ ବୋର୍ଡର ଅଧ୍ୟକ୍ଷ ରେଜାଉଲ କରିମ ରଏଟର୍ସଙ୍କୁ କହିଛନ୍ତି ଯେ ପ୍ରାକୃତିକ ଗ୍ୟାସର ଅଭାବ (ବାଂଲାଦେଶର ମୁଖ୍ୟ ଶକ୍ତି ଉତ୍ସ) ସମେତ ଅଭାବ ଦୂର କରିବା ପାଇଁ ବିଦ୍ୟୁତ ଆମଦାନୀ ଆବଶ୍ୟକ । ଏହି କାରଣରୁ, ୨୦୨୬ ମସିହାରେ ବିଦ୍ୟୁତ ଚାହିଦା ପ୍ରାୟ ୬% ରୁ ୭% ବୃଦ୍ଧି ପାଇବାର ଆଶା କରାଯାଉଛି । କରିମ୍ କହିଛନ୍ତି ଯେ ଗ୍ୟାସ୍ ଅଭାବ ପୂରଣ କରିବା ପାଇଁ ଦେଶର କୋଇଲା ଆଧାରିତ ବିଦ୍ୟୁତ ଉତ୍ପାଦନକୁ ବୃଦ୍ଧି କରିବା ପାଇଁ ବାଂଲାଦେଶ ଚଳିତ ବର୍ଷ କୋଇଲା ଆମଦାନୀ ମଧ୍ୟ ବୃଦ୍ଧି କରିବ । ବିଶ୍ଳେଷଣ ଫାର୍ମ କେପ୍ଲରର ତଥ୍ୟ ଅନୁଯାୟୀ ୨୦୨୫ ମସିହାରେ କୋଇଲା ଆମଦାନୀ ୩୫ ପ୍ରତିଶତ ବୃଦ୍ଧି ପାଇ ରେକର୍ଡ ୧୭.୩୪ ନିୟୁତ ମେଟ୍ରିକ୍ ଟନ୍ ହେବ ବୋଲି ଆକଳନ କରାଯାଇଛି ।

# ଭାରତ-ଇୟୁ ବାଣିଜ୍ୟିକ ରାଜିନାମାକୁ ନୈରାଶ୍ୟଜନକ କହିଲା ଆମେରିକା

**ନୂଆଦିଲ୍ଲୀ,୨୯।୧(ଏଜେନ୍ସି):**ଭାରତ- ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ମଙ୍ଗଳବାର ହୋଇଥିବା ଐତିହାସିକ ମୁକ୍ତ ବାଣିଜ୍ୟିକ ରାଜିନାମାକୁ ନାପସନ୍ଦ କରିଛି ଆମେରିକା ।ଆମେରିକା ଏହାକୁ ନୈରାଶ୍ୟଜନକ କହିବା ସହିତ ୟୁରୋପ ୟୁକ୍ରେନଠାରୁ ବାଣିଜ୍ୟକୁ ଅଧିକ ଗୁରୁତ୍ୱ ଦେଇଛି ବୋଲି କହିଛି । ଆମେରିକାର ଅର୍ଥମନ୍ତ୍ରୀ ସ୍କଟ୍ ବେସେଣ୍ଟ ବୁଧବାର ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ହୋଇଥିବା ବାଣିଜ୍ୟିକ ରାଜିନାମାର ତୀବ୍ର ସମାଲୋଚନା କରିଛନ୍ତି ।



ବେସେଣ୍ଟ କହିଛନ୍ତି, ୟୁରୋପ ୟୁକ୍ରେନ ଲୋକଙ୍କ ସୁରକ୍ଷା ପାଇଁ ଚିନ୍ତା ନ କରି ବ୍ୟବସାୟିକ ଲାଭକୁ ଅଧିକ ଗୁରୁତ୍ୱ ଦେଇଛି ।ଏକ ନ୍ୟୁଜ ଚ୍ୟାନେଲ ସହିତ କଥାବାର୍ତ୍ତାବେଳେ ବେସେଣ୍ଟ ୟୁରୋପୀୟ ସଂଘର ଏହି ଆଭିମୁଖ୍ୟକୁ ନେଇ ନୈରାଶ୍ୟ ପ୍ରକାଶ କରିଛନ୍ତି । ୟୁକ୍ରେନରେ ଭୀଷଣ ଯୁଦ୍ଧ ଜାରି ରହିଥିବା ସତ୍ତ୍ୱେ ୟୁରୋପ ନିଜର ଆର୍ଥିକ ହିତକୁ ଅଧିକ ଗରୁତ୍ୱ ଦେଇଛି । ଭାରତ ଉପରେ ଗତବର୍ଷ ଆମେରିକା ଅଧିକ ଶୁଳ୍କ ଲଗାଇଥିବାବେଳେ ୟୁରୋପୀୟ ସଂଘ କାହିଁକି ଏହାକୁ ସମର୍ଥନ କରିନଥିଲା ଏଥିରୁ ଜଣାପଡ଼ି ଯାଉଛି । ବେସେଣ୍ଟ ଅଭିଯୋଗ କରିଥିଲେ ଯେ, ଭାରତ ସହିତ ଚୁକ୍ତି କରି ପ୍ରକୃତରେ ୟୁରୋପୀୟ ଦେଶ ରୁଷ୍ ଯୁଦ୍ଧକୁ ଅଧିକ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି । ସେ କହିଛନ୍ତି, ରୁଷର ଅଶୋଧିତ ତେଲ ଭାରତ ଯାଉଛି, ସେଠାରୁ ରିଫାଇନ୍ଡ ତେଲ ଉତ୍ପାଦ ୟୁରୋପ ଯାଉଛି । ଏହାଦ୍ୱାରା ଅଜଣାତରେ ୟୁରୋପ ନିଜ ବିରୋଧରେ ରୁଷ୍କୁ ସାହାଯ୍ୟ କରୁଛି । ବେସେଣ୍ଟ କହିଛନ୍ତି, ରୁଷ୍-ୟୁକ୍ରେନ୍ ଯୁଦ୍ଧ ସମାପ୍ତ କରିବାକୁ ଆମେରିକା ଅଧିକ କାର୍ଯ୍ୟ କରୁଛି । ଆମେରିକା ରୁଷ୍ ତୈଳ ନ କିଣିବା ସହିତ ଭାରତ ଉପରେ ୨୫ % ଶୁଳ୍କ ଲଗାଇଛି । କିନ୍ତୁ ୟୁରୋପ ଦେଶ ଓଲଟା ଭାରତ ସହିତ ବ୍ୟବସାୟ କରୁଛନ୍ତି ।

# ଇରାନର ସମର୍ଥନରେ ତୁର୍କୀ

**ନୂଆଦିଲ୍ଲୀ,୨୯।୧(ଏଜେନ୍ସି):**ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ ଆକ୍ରମଣର ଦେଇଛନ୍ତି ଧମକ । ଏହି ମଧ୍ୟରେ , ଇରାନର ବନ୍ଧୁ ତଥା ନାଟୋ ସଦସ୍ୟ ତୁର୍କୀ ତା ସପକ୍ଷରେ ଠିଆ ହୋଇଛି । ରାଷ୍ଟ୍ରପତି ଏର୍ଡୋଗନ ସକ୍ରିୟ ହୋଇଛନ୍ତି, ଏହାପରେ ଇରାନର ବୈଦେଶିକ ମନ୍ତ୍ରୀ ଅବାସ୍ ଆରାକଚୀ ଶୁକ୍ରବାର ତୁର୍କୀ ଗସ୍ତ କରିବେ । ଏହି ସମୟରେ ସେ ତୁର୍କୀର ବୈଦେଶିକ ମନ୍ତ୍ରୀ ହାକାନ ଫିଦାନଙ୍କ ସହ ଇରାନରେ ନିକଟରେ ଘଟଣାକ୍ରମ ଓ ଆମେରିକା ସହ ଉତ୍ତେଜନା ନେଇ ଆଲୋଚନା କରିବେ। ଟ୍ରମ୍ପ ଇରାନ ସହ ଆଲୋଚନା ଟେବୁଲ ଉପରକୁ ଆସିବା ଓ ପରମାଣୁ ଅସ୍ତ୍ରଶସ୍ତ୍ର ଉପରେ ଡିଲ୍ କରିବାକୁ କହିଛନ୍ତି, ନୁହଁତ ଧମକ ଦେଇଛନ୍ତି ଯେ, ଆଗାମୀ ଆମେରିକୀୟ ଆକ୍ରମଣ ଆହୁରି ଅଧିକ ଭୟାନକ ହେବ । ଟ୍ରମ୍ପ ମଧ୍ୟ ପ୍ରାଚ୍ୟ (ମିଡିଲ ଇଷ୍ଟ) କୁ ଏକ ଯୁଦ୍ଧ ଜାହାଜ ପଠାଇଛନ୍ତି ଏବଂ ତେହରାନକୁ ସରକାର ବିରୋଧୀ ବିକ୍ଷୋଭ ପ୍ରଦର୍ଶନକାରୀଙ୍କୁ ନିପାତ କରିବା କିମ୍ବା ତାଙ୍କର ପରମାଣୁ କାର୍ଯ୍ୟକ୍ରମକୁ ପୁଣି ଥରେ ଆରମ୍ଭ କରିବା ବିରୋଧରେ ଚେତାବନୀ ଦେଇଛନ୍ତି ।ତୁର୍କୀର ରାଷ୍ଟ୍ରପତି ରେସେପ ତୈୟପ ଏର୍ଡୋଗନ ତାଙ୍କର ଆମେରିକୀୟ ପ୍ରତିପକ୍ଷ ଡୋନାଲ୍ଡ ଟ୍ରମ୍ପଙ୍କୁ ଇରାନ ଉପରେ ଏକ ତ୍ରିପକ୍ଷୀୟ ଶିଖର ସମ୍ମିଳନୀର ଆୟୋଜନ କରିବାକୁ ପ୍ରସ୍ତାବ ଦେଇଛନ୍ତି। ତୁର୍କୀର ସରକାର ସମର୍ଥକ ଅଖବାର ହୁରିୟତ ଏହି ରିପୋର୍ଟ ଦେଇଛନ୍ତି । ଅଖବାରଙ୍କ ଅନୁସାରେ,



ଏର୍ଡୋଗନ ୨୭ ଜାନୁଆରୀରେ ଟ୍ରମ୍ପଙ୍କ ସହ ଫୋନ୍ରେ କଥାବାର୍ତ୍ତା ବେଳେ ଏହି ପ୍ରୟାସ କରିଛନ୍ତି । ତୁର୍କିର ନେତା ଆମେରିକା, ଇରାନ ଓ ତୁର୍କୀକୁ ସାମିଲ କରି ଏକ ଶିଖର ସମ୍ମିଳନୀ ଆୟୋଜିତ କରିବାକୁ ଆହ୍ୱାନ ଦେଇଛନ୍ତି , ସମ୍ଭବତଃ ଭିଡ଼ିଓ ଲିଙ୍କର ମାଧ୍ୟମରେ । ଏହା ମାଧ୍ୟମରେ ତୁର୍କୀ ଇରାନ ଓ ଆମେରିକା ମଧ୍ୟରେ ଜାରି ଉତ୍ତେଜନାକୁ ହ୍ରାସ କରିବାକୁ ଚାହୁଁଛି । ଅନ୍ୟପଟେ, ଆମେରିକାର ସମ୍ଭାବିତ ଆକ୍ରମଣ ପୂର୍ବରୁ ତୁର୍କୀ ମଧ୍ୟ ରଣନୀତି ପ୍ରସ୍ତୁତ କରି ଦେଇଛି। ଯଦି ଆମେରିକା ଇରାନ ଉପରେ ଆକ୍ରମଣ କରେ ତ ତୁର୍କୀ ବର୍ଡର ସିକ୍ୟୁରିଟିକୁ ମଜବୁତ କରିବାକୁ ଯୋଜନା କରୁଛି । ଜଣେ ବରିଷ୍ଠ ଅଧିକାରୀ ଗୁରୁବାର ନ୍ୟୁଜ୍ ଏଜେନ୍ସି ଏଏଫପିକୁ ଏହି କଥା କହିଛନ୍ତି ।

# ଦିଲ୍ଲୀରେ ୫ ସ୍କୁଲକୁ ବୋମା ଧମକ

**ନୂଆଦିଲ୍ଲୀ,୨୯।୧(ଏଜେନ୍ସି):** ଗୁରୁବାର ସକାଳେ ରାଜଧାନୀ ଦିଲ୍ଲୀର ୫ଟି ସ୍କୁଲକୁ ବୋମା ଧମକ ମିଳିଥିଲା । ଯାହା ପରେ ସ୍କୁଲ ପରିସର ଖାଲି କରାଯାଇଥିଲା ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକ ସନ୍ଧାନ ଅଭିଯାନ ଆରମ୍ଭ କରିଥିଲେ । ଦିଲ୍ଲୀ ଅଗ୍ନିଶମ ସେବା ନିଶ୍ଚିତ କରିଛି ଯେ, ଦିଲ୍ଲୀ କ୍ୟାଣ୍ଟର ଲୋରେଟୋ କନଭେଣ୍ଟ, ଚିତ୍ତରଞ୍ଜନ ପାର୍କର ଡନ୍ ବୋସ୍କୋ ଏବଂ ଆନନ୍ଦ ନିକେତନ ଏବଂ ଦ୍ୱାରକାର କାର୍ମେଲ କନଭେଣ୍ଟକୁ ଧମକ ମିଳିଛି। ଏହି ସମୟରେ, ଲୋଧି ଇଷ୍ଟେଟରେ ଥିବା ସର୍ଦ୍ଦାର ପଟେଲ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କୁ ସୁରକ୍ଷା ବିପଦ ବିଷୟରେ ଜଣାଇ ଏକ ମେସେଜ୍ ପଠାଇଥିଲା । ପୁଲିସ ଏବଂ ଅଗ୍ନିଶମ ବିଭାଗକୁ ତୁରନ୍ତ ସୂଚନା ଦିଆଯାଇଥିଲା, ଯାହା ପରେ ସ୍କୁଲ ଖାଲି କରିବା ଆରମ୍ଭ ହୋଇଥିଲା ଏବଂ ସ୍କୁଲ ଯାଞ୍ଚ କରାଯାଇଥିଲା । ଜଣେ ଡିଏଫଏସ୍ ଅଧିକାରୀ କହିଛନ୍ତି, ଆମ ଦଳଗୁଡ଼ିକ ଘଟଣାସ୍ଥଳରେ ଅଛନ୍ତି ଏବଂ ମାନକ ପ୍ରକ୍ରିୟା ଅନୁସରଣ କରୁଛନ୍ତି ।ଏପର୍ଯ୍ୟନ୍ତ କୌଣସି ସନ୍ଦେହଜନକ ଜିନିଷ ମିଳିନାହିଁ, ଯଦିଓ ସନ୍ଧାନ ଅଭିଯାନ ଜାରି ରହିଛି । ଗୁରୁବାର ସକାଳେ ସର୍ଦ୍ଦାର ପଟେଲ ବିଦ୍ୟାଳୟ ପ୍ରଶାସନ ଅଭିଭାବକମାନଙ୍କୁ ସୂଚନା ଦେଇଥିଲା ଯେ ସୁରକ୍ଷା ବିପଦ ମିଳିଛି, ଯାହା ପରେ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ସୂଚନା ଦିଆଯାଇଥିଲା । ସ୍କୁଲ ପକ୍ଷରୁ କୁହାଯାଇଛି ଯେ, ଏକ ବୋମା ସ୍କ୍ୱାଡ୍ ସମଗ୍ର କ୍ୟାମ୍ପସକୁ ଭଲଭାବେ ଯାଞ୍ଚ କରିଛି । ଅଭିଭାବକମାନଙ୍କୁ ପଠାଯାଇଥିବା ଏକ ମେସେଜରେ କୁହାଯାଇଛି, ଆପଣମାନଙ୍କୁ ଜଣାଇବା ଏକ ଆଶ୍ୱସ୍ତିକର କଥା ଯେ କ୍ୟାମ୍ପସକୁ ସମ୍ପୂର୍ଣ୍ଣ ସୁରକ୍ଷିତ ଘୋଷଣା କରାଯାଇଛି । ଆମ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଆମର ସର୍ବୋଚ୍ଚ ପ୍ରାଥମିକତା ଏବଂ ସମସ୍ତ ଆବଶ୍ୟକୀୟ ପ୍ରୋଟୋକଲ ତୁରନ୍ତ ଏବଂ ଦାୟିତ୍ୱର ସହ କାର୍ଯ୍ୟକାରୀ କରାଯାଇଛି । ପୁଲିସ ସୂତ୍ର ଅନୁଯାୟୀ ସ୍କୁଲ ପରିସର ଯାଞ୍ଚ କରିବା ପାଇଁ ସ୍ଥାନୀୟ ପୁଲିସ, ବୋମା ନଷ୍କ୍ରିୟକାରୀ ଦଳ ଏବଂ କୁକୁର ଦଳ ନିୟୋଜିତ ହୋଇଥିଲେ । କିଛି ସ୍କୁଲର ଛାତ୍ର ଏବଂ କର୍ମଚାରୀଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା । ଧମକର ଉତ୍ସ ନିର୍ଣ୍ଣୟ କରିବା ପାଇଁ ଅଧିକ ତଦନ୍ତ ଚାଲିଛି ବୋଲି ପୁଲିସ କହିଛି ।

# ଆମେ ଏକାଠି ଅଛୁ :ଥରୁର

**ନୂଆଦିଲ୍ଲୀ,୨୯।୧(ଏଜେନ୍ସି):** କଂଗ୍ରେସଠାରୁ ମୁହଁ ଫେରାଉଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶଶୀ ଥରୁର । ଦଳ ସହ ତାଙ୍କ ସମ୍ପର୍କ ଭଲ ନାହିଁ ।ଏମିତି ଏକ ଖବର ଦୀର୍ଘଦିନ ଧରି ଗଣମାଧ୍ୟମରେ ଚର୍ଚ୍ଚା ହେଉଥିଲା । ମାତ୍ର ଏହାରି ଭିତରେ ଗୋଟିଏ ଫ୍ରେମରେ ନଜର ଆସିଛନ୍ତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ, ରାହୁଲ ଗାନ୍ଧୀ ଏବଂ ଥରୁର ।



ଗୁରୁବାର ଏକ ବୈଠକ ଏମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ଥରୁର ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରିଛନ୍ତି କି, ସବୁ କିଛି ଠିକ୍ ଅଛି ଏବଂ ସମସ୍ତେ ଏକାଠି ଅଛୁ । ତେବେ ମିଳିଥିବା ସୂଚନା ଅନୁସାରେ ଗୁରୁବାର ସଂସଦ ଭବନରେ ମଲ୍ଲିକାର୍ଜୁନ ଖଡ଼ଗେଙ୍କ କାର୍ଯ୍ୟାଳୟରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଦଳର ଶୀର୍ଷ ନେତୃତ୍ୱମାନେ ଯୋଗ ଦେଇଥିଲେ । ସମସ୍ତଙ୍କ ସହ ଆଲୋଚନା ପରେ ଥରୁର କହିଛନ୍ତି କି, ସମସ୍ତେ ମିଶି ଆଗକୁ ବଢ଼ିବୁ । ଏହାସହ ଥରୁର କହିଛନ୍ତି କି, ମୋ ଦଳର ଦୁଇ ନେତା ରାହୁଲ ଏବଂ ଖଡ଼ଗେଙ୍କ ସହ ମୋର ଆଲୋଚନା ହୋଇଥିଲା । ଆମର ବହୁତ ଭଲ, ଗଠନମୂଳକ ଏବଂ ସକାରାତ୍ମକ ଆଲୋଚନା କରିଛୁ । ଏବେ ସବୁକିଛି ଠିକ୍ ଅଛି, ଏବଂ ଆମେ ସମସ୍ତେ ଏକାଠି କାମ କରୁଛୁ । ମୁଁ ଆଉ କଣ କହିପାରିବି ? ମୁଁ ସବୁବେଳେ ଦଳ ପାଇଁ ପ୍ରଚାର କରିଛି । ଆଗାମୀ କିଛି ମାସ ମଧ୍ୟରେ କେରଳରେ ବିଧାନସଭା ନିର୍ବାଚନ ସମୟରେ ପ୍ରଚାର କରିବାର ସମ୍ଭାବନା ସମ୍ପର୍କରେ ଶଶି ଥରୁର କହିଛନ୍ତି, ମୁଁ ସବୁବେଳେ ପ୍ରଚାର କରିଛି ଏବଂ ଜାରି ରଖିବି । ସେପଟେ କେରଳର ମୁଖ୍ୟମନ୍ତ୍ରୀ ପଦ ପାଇଁ ଇଚ୍ଛୁକ କି, ନାହିଁ ଏଭଳି ପ୍ରଶ୍ନ କରାଯାଇଥିବା ଥରୁର କହିଥିଲେ କି, ମୁଁ ମୁଖ୍ୟମନ୍ତ୍ରୀ ପଦ ଚାହିଁନି । ସିଧା ସିଧା ସେ ଏହାକୁ ଅସ୍ୱିକାର କରିଛନ୍ତି । ଏହାସହ କହିଛନ୍ତି, କେବେ ମଧ୍ୟ ଏଭଳି ପ୍ରସଙ୍ଗ ରହିନାହିଁ । ମୋର କୌଣସି ପଦ ପାଇଁ ନିର୍ବାଚନ ଲଢ଼ିବାରେ କୌଣସି ଆଗ୍ରହ ନାହିଁ। ମୁଁ ପୂର୍ବରୁ ଜଣେ ସାଂସଦ, ଏବଂ ଥିରୁବନନ୍ତପୁରମର ମୋର ଭୋଟରମାନେ ମୋ ଉପରେ ବିଶ୍ୱାସ କରନ୍ତି । ମୋତେ ସଂସଦରେ ସେମାନଙ୍କର ସ୍ୱାର୍ଥ ପାଇଁ ସ୍ୱର ଉଠାଇବି । ଏହା ମୋର କାମ ।

# ଇରାନ ଆଡ଼କୁ ବଢୁଛି ଆମେରିକାର ଯୁଦ୍ଧଜାହାଜ

**ନୂଆଦିଲ୍ଲୀ,୨୯।୧(ଏଜେନ୍ସି):**ଆମେରିକା-ଇରାନ୍ ଦୁଇ ଦେଶ ମଧ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ, ହିନ୍ଦ ମହାସାଗର ଏକ ଯୁଦ୍ଧକ୍ଷେତ୍ର ପାଲଟିଛି। ଏହି ରାସ୍ତା ଦେଇ ଆମେରିକୀୟ ଯୁଦ୍ଧଜାହାଜ ନିରନ୍ତର ଇରାନ ଆଡକୁ ଗତି କରୁଛି । ଆମଧ୍ୟପ୍ରାଚ୍ୟରେ ନିଜର ସାମରିକ ଉପସ୍ଥିତିକୁ ଅଭୂତପୂର୍ବ ସ୍ତରକୁ ବିସ୍ତାର କରିଛି ।ଆମେରିକୀୟ ନୌସେନା ଅନୁଯାୟୀ, ବର୍ତ୍ତମାନ 'ସେଣ୍ଟକମ୍' ଅଞ୍ଚଳରେ ୧୦ଟି ଆମେରିକୀୟ ଯୁଦ୍ଧଜାହାଜ ମୁତୟନ କରାଯାଇଛି । ଏଥିରେ ବିଧ୍ୱଂସକ ଗାଇଡେଡ୍-ମିସାଇଲ୍ ଅନ୍ତର୍ଭୁକ୍ତ । ପୂର୍ବରୁ ବି ଆମେରିକାର ସାମୁଦ୍ରିକ ଦାନବ ୟୁଏସ୍ଏସ୍ ଆବ୍ରାହମ ଲିଙ୍କନ ଏଠାରେ ଘୂରି ବୁଲୁଛି । ଏହା ସହିତ ଯୁଦ୍ଧଜାହାଜ ଏବଂ ଆମେରିକୀୟ ଲଢୁଆ ବିମାନର ମୁତୟନ ହୋଇ ରହିଛନ୍ତି। କେବଳ ଏତିକି ନୁହେଁ ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଆମେରିକୀୟ ଆଡଭାନ୍ସ ଯୁଦ୍ଧଜାହାଜର ଏକ ବାହିନୀ ଇରାନ ଆଡକୁ ବଢୁଛି । ତେଣୁ ଆମେରିକାର ଏହି ଶକ୍ତି ପ୍ରଦର୍ଶନକୁ ବିଚାର କଲେ, ଏହା ଦେଖାଯାଉଛି ଯେ ଆମେରିକା ଇରାନ ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ, କିନ୍ତୁ ଇରାନ କେତେବେଳେ ଆତ୍ମସମର୍ପଣ କରିବ, ସେହି ଅପେକ୍ଷାରେ ରହିଛି ଆମେରିକା । ଆମେରିକା ବିରୁଦ୍ଧରେ ପ୍ରସ୍ତୁତିରେ ଇରାନ ପଛରେ ନାହିଁ । ଇରାନ ମଧ୍ୟ ତାର ଶକ୍ତି ପ୍ରଦର୍ଶନ କରିବା ଆରମ୍ଭ କରିଛି, ଯଦିଓ ସେଗୁଡ଼ିକ ଟେକନିକ୍ ଦୃଷ୍ଟିରୁ ଏତେ ଉନ୍ନତ ନୁହେଁୟ ତଥାପି ଆମେରିକା ସହ ଲଢ଼ିବା ପାଇଁ ନିଜକୁ ପ୍ରସ୍ତୁତ ରଖିଛି ଇରାନ ।ଇରାନ ତାର ଡ୍ରୋନ୍ କ୍ୟାରିୟର୍ ଶାହେଦ୍ ବାଘେରିକୁ ସେହି ଅଞ୍ଚଳରେ ମୁତୟନ କରିଛି, ଯେଉଁଠାରେ ଆମେରିକାର ଏମକ୍ୟୁ-୪ସି ଟ୍ରାଇଟନ୍ ନିରୀକ୍ଷଣ ଡ୍ରୋନ୍ ଉଡୁଛି । ଏହି ଡ୍ରୋନ୍ ବାହକ ଡ୍ରୋନ୍ ଏବଂ ହେଲିକପ୍ଟର ଉତକ୍ଷେପଣ କରିପାରିବାର କ୍ଷମତା ରଖେ । ଏଥିରୁ ନୁର୍ ଓ କାଦେର ଭଳି ଆଣ୍ଟି ସିପ୍ ମିସାଇଲ୍ ମଧ୍ୟ ଉତକ୍ଷେପଣ କରାଯାଇପାରିବ ।

# ସୋନମ ୱାଙ୍ଗଚୁକଙ୍କୁ ଉନ୍ନତ ଚିକିତ୍ସା ଯୋଗାଇବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



**ନୂଆଦିଲ୍ଲୀ,୨୯।୧(ଏଜେନ୍ସି):**ପରିବେଶ କର୍ମୀ ସୋନମ ୱାଙ୍ଗଚୁକଙ୍କ ସହ ଜଡ଼ିତ ମାମଲାରେ ସୁପ୍ରିମକୋର୍ଟ ପ୍ରମୁଖ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ ଜେଲ୍ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ସୋନମ ୱାଙ୍ଗଚୁକଙ୍କୁ ହସ୍ପିଟାଲରେ ଉପଯୁକ୍ତ ଓ ବିଶେଷଜ୍ଞ ଚିକିତ୍ସା ଉପଚାର ଯୋଗାଇ ଦିଆଯାଉ ।ଅନ୍ୟପଟେ, ତାଙ୍କର ହେପାଜତକୁ ଚ୍ୟାଲେଞ୍ଜ ଦେବା ସମ୍ବନ୍ଧୀୟ ବଡ଼ ମାମଲରେ ଏବେ ୨ ଫେବୃଆରୀରେ ଶୁଣାଣି ହେବ । ଶୁଣାଣି ବେଳେ ସୋନମ ୱାଙ୍ଗଚୁକଙ୍କ ପକ୍ଷରୁ ବରିଷ୍ଠ ଓକିଲ କପିଲ ସିବଲ କୋର୍ଟଙ୍କୁ କହିଛନ୍ତି ଯେ, ଗତ ତିନି ମାସରେ ତାଙ୍କର ୨୧ ଥର ମେଡିକାଲ ଚେକଅପ୍ ହୋଇ ସାରିଛି , କିନ୍ତୁ ତାଙ୍କର ଲଗାତାର ପେଟ ସମ୍ବନ୍ଧୀୟ ସମସ୍ୟା ଜାରି ରହିଛି । ଏହା ଉପରେ କୋର୍ଟ ପ୍ରଶ୍ନ କରି ଥିଲେ ଯେ, ଯେବେ ପେଟ ସମସ୍ୟା ଥିଲା ତ ଗ୍ୟାଷ୍ଟ୍ରୋଏଣ୍ଟରୋଲଜିଷ୍ଟ (ପେଟ ବିଶେଷଜ୍ଞ)ଙ୍କୁ କାହିଁକି ଦେଖା ଯାଇ ନଥିଲା । ସରକାରଙ୍କ ପକ୍ଷରୁ ଏଏସଜି କେ.ଏମ୍. ନଟରାଜ କହିଥିଲେ ଯେ, ହେପାଜତରେ ସୋନମ ୱାଙ୍ଗଚୁକଙ୍କ ପୂରା ଧ୍ୟାନ ରଖା ଯାଇଛି ଏବଂ ତାଜା ମେଡିକାଲ ରିପୋର୍ଟରେ ତାଙ୍କର ବ୍ଲଡ ପ୍ରେସର ଓ ଅକ୍ସିଜେନ ଲେବଲ ସାଧାରଣ ଥିବା ଜଣାପଡ଼ିଛି । ହେଲେ କୋର୍ଟ ସ୍ପଷ୍ଟ କହିଛନ୍ତି ଯେ, ଯଦି କୌଣସି ପ୍ରକାରରେ ବିଶେଷଜ୍ଞ ଚିକିତ୍ସାର ଆବଶ୍ୟକ ପଡ଼େ ତ ତାଙ୍କୁ ତୁରନ୍ତ ଚିକିତ୍ସା କରାଯାଉ। ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ସୋନମ୍ ୱାଙ୍ଗଚୁକଙ୍କୁ ସରକାରୀ ହସ୍ପିଟାଲର ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଯାଞ୍ଚ କରାଯାଉ ଏବଂ ତାଙ୍କର ରିପୋର୍ଟ ସିଲବନ୍ଦ ଲଫାଫାରେ କୋର୍ଟ ସାମ୍ନାରେ ଉପସ୍ଥାପିତ କରାଯାଉ । କୋର୍ଟ ଏହା ମଧ୍ୟ କହିଛନ୍ତି ଯେ, ମେଡିକାଲ ଆବଶ୍ୟକତାରେ କୌଣସି ପ୍ରକାରର ବିଳମ୍ବ ହେବା ଉଚିତ ନୁହେଁ । କୋର୍ଟ ଚିକିତ୍ସା ସମ୍ବନ୍ଧୀୟ ପିଟିସନର ନିଷ୍କର୍ଷ କରି ସ୍ପଷ୍ଟ କରିଛନ୍ତି ଯେ, ସୋନମ ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟକୁ ନେଇ ପୂରା ଦାୟିତ୍ୱ ପ୍ରଶାସନର ହେବ । ଏବେ ମାମଲାର ଶୁଣାଣି ୨ ଫେବ୍ରୁଆରୀରେ ହେବ, ଯେଉଁଥିରେ ତାଙ୍କର ହେପାଜତକୁ ନେଇ ଆଇନଗତ ପ୍ରଶ୍ନର ଆଲୋଚନା କରାଯିବ ।

# ଇସ୍ରାଏଲ୍ ଯିବେ ପ୍ରଧାନମନ୍ତ୍ରୀ ମୋଦୀ !

**ନୂଆଦିଲ୍ଲୀ,୨୯।୧(ଏଜେନ୍ସି):**ଇସ୍ରାଏଲ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ମୋଦୀ । ଛାନିଆ ହେଲାଣି ପାକିସ୍ତାନ । ଆସନ୍ତା ମାସ ୨୭-୨୮ରେ ଇସ୍ରାଏଲ୍ ଗସ୍ତ କରିପାରନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ଯଦି ଏହା ହୁଏ, ତେବେ ଏହା ୨୦୧୭ ପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରଥମ ଇସ୍ରାଏଲ ଗସ୍ତ ହେବ। ଏହି ଗସ୍ତର ଉଦ୍ଦେଶ୍ୟ ଭାରତ ଏବଂ ଇସ୍ରାଏଲ ମଧ୍ୟରେ ରଣନୈତିକ ସହଭାଗୀତାକୁ ଆହୁରି ମଜବୁତ କରିବ ବୋଲି ବିଶ୍ୱାସ କରାଯାଉଛି । ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ନିମନ୍ତ୍ରଣରେ ଏହି ଗସ୍ତ ହେଉଛି । ପ୍ରତିରକ୍ଷା, ସୁରକ୍ଷା ଏବଂ ପ୍ରଯୁକ୍ତିବିଦ୍ୟା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଦୁଇ ନେତା ଆଲୋଚନା କରିବେ ବୋଲି ଆଶା କରାଯାଉଛି । ମଧ୍ୟପ୍ରାଚ୍ୟର ବର୍ତ୍ତମାନ ପରିସ୍ଥିତିକୁ ଦୃଷ୍ଟିରେ ରଖି, ଏହି ଗସ୍ତକୁ ଭାରତର ବୈଦେଶିକ ନୀତି ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମ୍ଭାବ୍ୟ ଗସ୍ତ ଏପରି ଏକ ସମୟରେ ଆସିଛି ଯେତେବେଳେ ପାକିସ୍ତାନ ହମାସକୁ ସମର୍ଥନ କରୁଥିବା ଅଭିଯୋଗ ହୋଇଛି । ପାକିସ୍ତାନ ମାଟିରେ କିଛି ସ୍ଥାନୀୟ ଆତଙ୍କବାଦୀ ସଂଗଠନ ସହିତ ହମାସ ପ୍ରତିନିଧିମାନଙ୍କୁ ଯୋଗାଯୋଗରେ ଥିବା ଦେଖାଯାଇଛି, ଯାହା ଭାରତ ପାଇଁ ଏକ ବଡ଼ ବିପଦ । ରିପୋର୍ଟରେ ଏହା ମଧ୍ୟ ଦାବି କରାଯାଇଛି ଯେ ଲସ୍କର-ଏ-ତୈବା ଭଳି ସଂଗଠନ ସହିତ ହମାସର ବଢୁଥିବା ସମ୍ପର୍କ ଅନେକ ଦେଶରେ ଚିନ୍ତା ସୃଷ୍ଟି କରିଛି । ଇସ୍ରାଏଲୀ ରାଷ୍ଟ୍ରଦୂତ ରୁଭେନ ଆଜାର ମଧ୍ୟ ପାକିସ୍ତାନ ଓ ବାଂଲାଦେଶରେ ହମାସର କାର୍ଯ୍ୟକଳାପକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି ଏବଂ କହିଛନ୍ତି ଯେ ସମସ୍ତ ଦେଶ ସତର୍କ ରହିବା ଉଚିତ । ଏହି ପରିସ୍ଥିତିରେ, ଭାରତ ପାଇଁ ଇସ୍ରାଏଲ ସହିତ ସୁରକ୍ଷା ଏବଂ ଆତଙ୍କବାଦ ବିରୋଧୀ ସହଯୋଗ ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି ।ୟ ପାକିସ୍ତାନର ପ୍ରତ୍ୟେକ ପଦକ୍ଷେପକୁ ବିଫଳ କରିବା ପାଇଁ ଏହା ଅତ୍ୟାବଶ୍ୟକ। ତେଣୁ ମୋଦୀଙ୍କ ଗସ୍ତ ପାକିସ୍ତାନର ଟେନସନ୍ ବଢ଼ାଇବ। ଏହି ଗସ୍ତ ସମୟରେ, ଦୁଇ ନେତା ଆଞ୍ଚଳିକ ସ୍ଥିରତା, ଗାଜାର ପରିସ୍ଥିତି ଓ ଆତଙ୍କବାଦ ବିରୁଦ୍ଧରେ ଏକାଠି କାମ କରିବା ବିଷୟରେ ଆଲୋଚନା କରିବେ ବୋଲି ଆଶା କରାଯାଉଛି। ଭାରତ ସର୍ବଦା ଶାନ୍ତି ଓ ଆଲୋଚନାକୁ ସମର୍ଥନ କରିଆସିଛି ଏବଂ ଏହି ଗସ୍ତକୁ ବ୍ୟକ୍ତିଗତ ସ୍ତରରେ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବାର ଏକ ସୁଯୋଗ ଭାବରେ ଦେଖାଯାଉଛି ।

# ୟୁଜିସି ନୂଆ ନିୟମକୁ ସ୍ଥଗିତ ରଖିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୯।୧(ଏଜେନ୍ସି):** ସୁପ୍ରିମକୋର୍ଟ ଗୁରୁବାର ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ଜାତିଗତ ବୈଷମ୍ୟ ପରିଭାଷା ସମ୍ପର୍କିତ ନୂଆ ନିୟମକୁ ସ୍ଥଗିତ ରଖିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ ୟୁଜିସିର ନୂଆ ନିୟମକୁ ଚ୍ୟାଲେଞ୍ଜ କରି ଦାୟର ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି କରି କେନ୍ଦ୍ର ସରକାର ଓ ୟୁଜିସିକୁ ନୋଟିସ ଜାରି କରିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାର୍ଚ୍ଚ ୧୯ ତାରିଖକୁ ଧାର୍ଯ୍ୟ କରିବା ସହିତ ଏହି ସମୟ ସୁଦ୍ଧା କେନ୍ଦ୍ର ସରକାରଙ୍କୁ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ନୂତନ ଉଚ୍ଚଶିକ୍ଷା ସମାନତା ପ୍ରୋତ୍ସାହନ ନିୟମାବଳୀ, ୨୦୨୬ କେବଳ ଏସ୍ସି, ଏସ୍ଟି ଓ ଓବିସି ବର୍ଗ ପାଇଁ ଜାତିଭିତ୍ତିକ ଭେଦଭାବ ଅଭିଯୋଗ ବ୍ୟବସ୍ଥାକୁ ସୀମିତ କରିଛି । ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚିଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଶିକ୍ଷାନୁଷ୍ଠାନଗୁଡ଼ିକରେ ମୁକ୍ତ, ସମାନ ଏବଂ ଅନ୍ତର୍ଭୁକ୍ତିମୂଳକ ପରିବେଶ ଚାହୁଁଥିବା କହିଥିଲେ । କୋର୍ଟ ଆହୁରି ମଧ୍ୟ କହିଥିଲେ ଯେ, ନୂତନ ନିୟମାବଳୀ ସମାଜକୁ ବିଭାଜିତ କରିବାରେ ସକ୍ଷମ । ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି ଯେ, ୨୦୧୨ ନିୟମାବଳୀ ବର୍ତ୍ତମାନ ପାଇଁ କାର୍ଯ୍ୟକାରୀ ହେବ । ଶୁଣାଣିବେଳେ ଆବେଦନକାରୀମାନେ ୟୁଜିସି ନୂଆ ନିୟମଗୁଡ଼ିକ ଅନୁଚିତ ଏବଂ ଏଥିରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥାର ଅଭାବ ରହିଛି ବୋଲି ଦର୍ଶାଇବା ସହିତ ସମ୍ଭାବ୍ୟ ଅପବ୍ୟବହାର ନେଇ ଆଶଙ୍କା ବ୍ୟକ୍ତ କରିଥିଲେ । ସାଧାରଣ ବର୍ଗ ପକ୍ଷରୁ କୋର୍ଟଙ୍କ ସମ୍ମୁଖରେ ଦାଖଲ ହୋଇଥିବା ଆବେଦନଗୁଡ଼ିକରେ ଅଭିଯୋଗ କରାଯାଇଥିଲା ଯେ, ୟୁଜିସି ଜାତିଭିତ୍ତିକ ଭେଦଭାବ ପରିଭାଷା କିଛି ବର୍ଗକୁ ସାଂସ୍ଥାଗତ ସୁରକ୍ଷାରୁ ବାଦ୍ ଦେଇଛି ।

# ଆମେରିକା ଗସ୍ତରେ ଯିବେ ଜୟଶଙ୍କର

**ନୂଆଦିଲ୍ଲୀ,୨୯।୧(ଏଜେନ୍ସି):**ଆସନ୍ତା ସପ୍ତାହରେ 'କ୍ରିଟିକାଲ୍ ମିନେରାଲ୍ସ' ମନ୍ତ୍ରୀସ୍ତରୀୟ ବୈଠକରେ ଯୋଗଦେବା ପାଇଁ ଆମେରିକା ଗସ୍ତ କରିବେ ବୈଦେଶିକ ମନ୍ତ୍ରୀ ଏସ.ଜୟଶଙ୍କର । ୱାଶିଂଟନ୍ ଡିସିରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓଙ୍କ ଦ୍ୱାରା ଆୟୋଜିତ ପ୍ରଥମ ଉଚ୍ଚସ୍ତରୀୟ ବୈଠକ । ଏହି ଅବସରରେ ଜୟଶଙ୍କର ଓ ରୁବିଓ ଅନେକ ପ୍ରସଙ୍ଗ ଉପରେ ଆଲୋଚନା କରିବେ ବୋଲି ଆଶା କରାଯାଉଛି । ଏହି ବୈଠକର ଲକ୍ଷ୍ୟ ହେଉଛି ବିଶ୍ୱର ଦେଶଗୁଡ଼ିକୁ ଏକତ୍ରିତ କରି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଯୋଗାଣ ଶୃଙ୍ଖଳକୁ ସୁରକ୍ଷିତ କରିବା ପାଇଁ ସହଯୋଗ ବୃଦ୍ଧି କରିବା, ଯେଉଁଥିରେ ଲିଥିୟମ୍, କୋବାଲ୍ଟ ଓ ନିକେଲ ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀ ଅନ୍ତର୍ଭୁକ୍ତ, ଯାହା ବୈଦ୍ୟୁତିକ ଯାନବାହନ ଏବଂ ନବୀକରଣୀୟ ଶକ୍ତି ଭିତ୍ତିଭୂମି ଠାରୁ ଆରମ୍ଭ କରି ପ୍ରତିରକ୍ଷା ବ୍ୟବସ୍ଥା ପର୍ଯ୍ୟନ୍ତ ସବୁକିଛିର ମୂଳଦୁଆ । ଏହି ଉଚ୍ଚସ୍ତରୀୟ ବୈଠକ ଏପରି ଏକ ସମୟରେ ହେଉଛି, ଯେତେବେଳେ କି ଟ୍ରେଡ୍ ଡିଲକୁ ନେଇ ଭାରତ ଓ ଆମେରିକା ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି । ଏଭଳି ପରିସ୍ଥିତିରେ ବିଶ୍ୱାସ କରାଯାଉଛି ଯେ ଜୟଶଙ୍କରଙ୍କ ଆମେରିକା ଗସ୍ତ ଭାରତ ଓ ଆମେରିକା ସମ୍ପର୍କରେ ଉତ୍ତେଜନା କମ କରିବା ପାଇଁ ଏକ ପ୍ରୟାସ ଭାବରେ କାର୍ଯ୍ୟ କରିବୟ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ସାକ୍ଷାତ ହେବାର ସମ୍ଭାବନା ଉପରେ ମଧ୍ୟ ଆଲୋଚନା ହୋଇପାରେ । ସୂତ୍ର ଅନୁସାରେ ଜୟଶଙ୍କରଙ୍କ ଆମେରିକା ଗସ୍ତ ଏକ ସ୍ପଷ୍ଟ ସୂଚନା ହେବ ଯେ ଦୁଇ ଦେଶ ମଧ୍ୟରେ ଥିବା ବିବାଦର ସମାଧାନ ହୋଇଛି । ତେବେ ଏଠାରେ କହିରଖୁଛୁ କି, ୟୁରୋପ ସହ ଭାରତର ମୁକ୍ତ ବାଣିଜ୍ୟ ଚୁକ୍ତି (ଫ୍ରି ଟ୍ରେଡ୍ ଏଗ୍ରିମେଣ୍ଟ) ସ୍ୱାକ୍ଷର ହୋଇଛି । ଆମେରିକାର ଚାପ ମଧ୍ୟରେ ଏହି ଚୁକ୍ତିକୁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି । ଏହି ଚୁକ୍ତିନାମା ଭାରତୀୟ କମ୍ପାନୀଗୁଡ଼ିକୁ ନିର୍ଦ୍ଦିଷ୍ଟ ବଜାରରେ ଅଗ୍ରାଧିକାର ପ୍ରଦାନ କରିବ । ଏହା ଭାରତରେ ନିର୍ମିତ ଚିକିତ୍ସା ଉପକରଣ ଉପରେ ଶୁଳ୍କ ମଧ୍ୟ ହ୍ରାସ କରିବ । ଏହା ବ୍ୟତୀତ, ରାସାୟନିକ ପଦାର୍ଥ, ସାର, ଔଷଧ, ସାବୁନ ଏବଂ ଡିଟରଜେଣ୍ଟ ଭଳି ସାମଗ୍ରୀ ବ୍ୟବସାୟରେ ଦ୍ରୁତ ବିକାଶ ଘଟିବ ।



# ଏସ୍‌ବିଆଇ ଲାଇଫ୍ ଇନସ୍ୟୁରାନ୍ସ ପକ୍ଷରୁ ଗତବର୍ଷ ୩୧,୩୨୬ କୋଟି ଟଙ୍କାର ନୂଆ ବ୍ୟବସାୟ ପ୍ରିମିୟମ ହାସଲ

**ଭୁବନେଶ୍ୱର, ୨୯।୧ (ନି.ପ୍ର) :** ଦେଶର ଅନ୍ୟତମ ଅଗ୍ରଣୀ ଜୀବନ ବୀମା କମ୍ପାନି ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସ ୨୦୨୫ ଡିସେମ୍ବର ୩୧ ସୁଦ୍ଧା ୩୧,୩୨୬ କୋଟି ଟଙ୍କାର ନୂଆ ବ୍ୟବସାୟ ପ୍ରିମିୟମ୍ ହାସଲ କରିଛି ଯାହା ଗୋଟିଏ ବର୍ଷ ପୂର୍ବରୁ ସମାନ ସମୟରେ ୨୬,୨୫୬ କୋଟି ଟଙ୍କା ଥିଲା। ନିୟମିତ ପ୍ରିମିୟମରେ କମ୍ପାନି ୧୫ ପ୍ରତିଶତର ବୃଦ୍ଧି ହାସଲ କରିଛି। ସୁରକ୍ଷା ଉପରେ ସ୍ପଷ୍ଟ ଗୁରୁତ୍ୱ ସହ ୨୦୨୫ ଡିସେମ୍ବର ୩୧ ସୁଦ୍ଧା ଏସବିଆଇ ଲାଇଫ୍‌ର ସୁରକ୍ଷାରେ ନୂଆ ବ୍ୟବସାୟ ପ୍ରିମିୟମ୍ ୩,୪୧୧ କୋଟି ଟଙ୍କା ହୋଇଛି। ଏଥିରେ କମ୍ପାନି ୨୨ ପ୍ରତିଶତ ବୃଦ୍ଧି ହାସଲ କରିଛି। ସୁରକ୍ଷା ବ୍ୟକ୍ତିଗତ ନୂଆ ବ୍ୟବସାୟ ପ୍ରିମିୟମ ୬୫୧ କୋଟି ଟଙ୍କା ରହିଛି। ବ୍ୟକ୍ତିଗତ ନୂଆ ବ୍ୟବସାୟ ପ୍ରିମିୟମ ୧୪ ପ୍ରତିଶତ ବୃଦ୍ଧି ପାଇ ୨୨,୫୪୫ କୋଟି ଟଙ୍କା ହୋଇଛି। ୨୦୨୫ ଡିସେମ୍ବର ୩୧ ସୁଦ୍ଧା ଏସ୍‌ବିଆଇ ଲାଇଫ୍‌ର ଟିକସ ପରବର୍ତ୍ତୀ ଲାଭ ୧୬୬୫ କୋଟି ଟଙ୍କା ରହିଛି ଯାହା ପୂର୍ବବର୍ଷ ତୁଳନାରେ ୪ ପ୍ରତିଶତ ଅଧିକ। କମ୍ପାନିର ସୋଲଭେନ୍ସି ରେସିଓ ୧.୯୧ ରହିଛି ଯାହା ବୈଧାନିକ ଆବଶ୍ୟକତା ୧.୫୦ଠାରୁ ଅଧିକ। ଏସ୍‌ବିଆଇ ଲାଇଫ୍‌ର ଏୟୁଏମ୍ ପରିମାଣ ୧୬ ପ୍ରତିଶତ ବୃଦ୍ଧି ସହ ୫,୧୧,୭୦୮ କୋଟି ଟଙ୍କା ରହିଛି ଯାହା ପୂର୍ବବର୍ଷ ଏହି ସମୟରେ ୪,୪୧,୬୭୮ କୋଟି ଟଙ୍କା ଥିଲା। କମ୍ପାନିର ଋଣ: ଇକ୍ୱିଟି ଅନୁପାତ ୫୯:୪୧ ରହିଛି ଏବଂ ୯୪.୯୭ ପ୍ରତିଶତ ଡେବ୍‌ଟ ନିବେଶକୁ ଏଏଏ ଓ ସୋଭରେନ୍ ଉପକରଣରେ ନିବେଶ କରାଯାଇଛି। କମ୍ପାନିର ୩,୫୩,୫୦୬ ତାଲିମପ୍ରାପ୍ତ ବୀମା ପେସାଦାରଙ୍କ ଏକ ନେଟୱର୍କ ଥିବା ବେଳେ ସାରା ଦେଶରେ ଏହାର ୧୧୭୬ କାର୍ଯ୍ୟାଳୟ ରହିଛି। କମ୍ପାନିର ଦୃଢ଼ ବ୍ୟାଙ୍କାସ୍ୟୁରାନ୍ସ ଚ୍ୟାନେଲ୍, ଏଜେନ୍ସି ଚ୍ୟାନେଲ୍, କର୍ପୋରେଟ୍ ଏଜେଂଟ୍, ବ୍ରୋକର, ପଏଂଟ୍ ଅଫ୍ ସେଲ୍ ପର୍ସନ, ବୀମା ମାର୍କେଟିଂ ସଂସ୍ଥା, ୱେବ ଏଗ୍ରିଗେଟର ଓ ପ୍ରତ୍ୟକ୍ଷ ବ୍ୟବସାୟ ମାଧ୍ୟମ ରହିଛି। ଘରୋଇ ବଜାରରେ ବ୍ୟକ୍ତିଗତ ନୂଆ ବ୍ୟବସାୟ ପ୍ରିମିୟମ ଓ ବ୍ୟକ୍ତିଗତ ରେଟେଡ୍ ପ୍ରିମିୟମରେ କମ୍ପାନିର ବଜାର ଅଂଶ ଯଥାକ୍ରମେ ୨୮.୧% ଓ ୨୫.୬% ରହିଛି। ବାର୍ଷିକ ପ୍ରିମିୟମ ଇକ୍ୱିଭାଲେଂଟ୍ ୧୬% ବୃଦ୍ଧି ପାଇ ୧୮,୫୧୯ କୋଟି ଟଙ୍କା ରହିଛି। ମୋଟ ନୂଆ ବ୍ୟବସାୟ ୬୮.୮% ବୃଦ୍ଧି ପାଇ ୧୦,୮୩,୩୬୦ କୋଟି ଟଙ୍କା ରହିଛି। ନୂଆ ବ୍ୟବସାୟ ମୂଲ୍ୟ ୧୭ ପ୍ରତିଶତ ବୃଦ୍ଧି ପାଇ ୫,୦୪୨ କୋଟି ଟଙ୍କା ରହିଛି। ଭାରତୀୟ ଏମ୍ବେଡେଡ୍ ମୂଲ୍ୟ ୧୮% ବୃଦ୍ଧି ପାଇ ୮୦,୧୨୯ କୋଟି ଟଙ୍କା ହୋଇଛି।

# କର୍ମନିଯୁକ୍ତି ଓ ଆର୍ଥିକ ବିକାଶରେ ପ୍ରତିବନ୍ଧକ ସାଜିଛି ଅବ୍ୟବହୃତ ଖଣିଜ ସମ୍ପଦ

**ଭବାନୀପାଟଣା, ୨୯।୧ (ନି.ପ୍ର) :** ନିଯୁକ୍ତି, ଜୀବିକା ଓ ଆଂଚଳିକ ସମାନତା ଉପରେ କାର୍ଯ୍ୟ କରୁଥିବା ଏକ ନୀତି-କେନ୍ଦ୍ରିତ ବିକାଶମୂଳକ ସଂସ୍ଥା ପ୍ରହାର ପକ୍ଷରୁ ଭବାନୀପାଟଣାର ହୋଟେଲ ମିଡ୍‌ଟାଉନଠାରେ 'ସାଉଥ-ୱେଷ୍ଟ ଓଡିଶା: ଇକୋନୋମିକ ଆଣ୍ଡ ଏମ୍ପ୍ଲୋୟମେଂଟ ଗ୍ରୋଥ, ଚ୍ୟାଲେଂସ ଆଣ୍ଡ ଅପର୍‌ଚ୍ୟୁନିଟିଜ୍' ଶୀର୍ଷକ ଏକ ସେମିନାରର ଆୟୋଜନ କରାଯାଇଛି। ଏହି ଆଲୋଚନା ଓଡିଶାରେ ବ୍ୟାପକ ରୂପେ ପ୍ରଚଳିତ ଆନ୍ତଃ-ରାଜ୍ୟ ବିକାଶମୂଳକ ଅସମାନତା ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ଅର୍ଥନୀତିଜ୍ଞ, ବିକାଶ ଅଭ୍ୟାସକାରୀ ଓ ଶିକ୍ଷ ବିଶେଷଜ୍ଞମାନଙ୍କୁ ଏକତ୍ରିତ କରିଥିଲା। ଓଡିଶାରେ ବିଶେଷ କରି କଳାହାଣ୍ଡି ଓ ରାୟଗଡାର ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଭଣ୍ଡାରଗୁଡିକ ଉତ୍ପାଦନ-ନେତୃତ୍ୱାଧୀନ ଅଭିବୃଦ୍ଧି ପାଇଁ ଏକ ଅଣଉପଯୋଗୀ ସୁଯୋଗର ପ୍ରତିନିଧିତ୍ୱ କରୁଛି ବୋଲି ଏହି ପ୍ୟାନେଲ ଆଲୋକପାତ କରିଛନ୍ତି। ଡାଉନଷ୍ଟ୍ରିମ ଶିଳ୍ପ ଗତିବିଧିରେ ଏଭଳି ଖଣିଜ ସମ୍ପଦଗୁଡିକର ଉନ୍ନତ ଏକତ୍ରିକରଣ ଉଚ୍ଚ ଜିଡିପି ଯୋଗଦାନ, ନିଯୁକ୍ତି ସୃଷ୍ଟି ଓ ଘରୋଇ ଅର୍ଥନୀତି ମଧ୍ୟରେ ଉନ୍ନତ ମୂଲ୍ୟ ବଜାୟ ରଖିବାରେ ସହଯୋଗ କରିପାରିବ।

ଏହି ସେମିନାରରେ ଜିଏମ ୟୁନିଭର୍ସିଟି ଓ କଳାହାଣ୍ଡି ୟୁନିଭର୍ସିଟିର ଜିଓଗ୍ରାଫି ବିଭାଗର ପୂର୍ବତନ ପ୍ରଫେସର, ଡା. ଅଜୟ ମିଶ୍ର କହିଛନ୍ତି, 'ଓଡିଶାରେ ଶିଳ୍ପାୟନକୁ ପ୍ରୋତ୍ସାହିତ କରିବା ଏବଂ ସ୍ଥାୟୀ ଜୀବିକା ସୃଷ୍ଟି କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଘରୋଇ ନିବେଶଗୁଡିକ ଦ୍ୱାରା ସମର୍ଥିତ ବିଶ୍ୱର ୨ୟ ସର୍ବବୃହତ ସମୃଦ୍ଧ ବକ୍ସାଇଟ ବେସ୍‌କୁ ଉପଯୋଗ କରିବା ପାଇଁ ଏକ ସ୍ପଷ୍ଟ ସୁଯୋଗ ରହିଛି। ଯଦି ପଛୁଆ ଅଂଚଳଗୁଡିକ ପ୍ରକୃତରେ ଆଗକୁ ବଢିବା ଆବଶ୍ୟକ ତେବେ ନୀତିଗୁଡିକ ନିଶ୍ଚିତ ଭାବେ ଏହି ପରିବର୍ତ୍ତନକୁ ସ୍ୱୀକୃତି ଦେବା ଉଚିତ। 'ସେହିପରି ପ୍ରହାରର ଅଧ୍ୟକ୍ଷ ଅଭୟ ରାଜ ମିଶ୍ର କହିଛନ୍ତି, 'ଓଡିଶା ଆଂଚଳିକ ଅସମାନତାକୁ ଏକ ପାର୍ଶ୍ୱ ସମସ୍ୟା ଭାବେ ଗ୍ରହଣ କରିବା ଉଚିତ ନୁହେଁ ବରଂ ଏହାକୁ ଏକ ମୂଳ ବିକାଶ ସମସ୍ୟା ଭାବେ ଦେଖିବା ଉଚିତ।

PRAHAR
Public Response Against Helplessness & Action for Redressal

କେବଳ ଅବ୍ୟବହୃତ ବକ୍ସାଇଟ ମାଇନିଙ୍ଗର ଉନ୍ମୋଚନରେ ୧୦,୦୦୦ ଏସଏମଇକୁ ସଶକ୍ତ କରିବାର କ୍ଷମତା ରହିଛି। ଓଡିଶାର ବିକାଶ ବହୁଗୁଣିତ ହୋଇଛି। ଆଲୋଚନାର ତଥ୍ୟ ହାଇଲାଇଟ କରୁଛି ଯେ, କଳାହାଣ୍ଡି ଓ ରାୟଗଡା ଭଳି ଜିଲ୍ଲାଗୁଡିକ ଆୟ ଓ ନିଯୁକ୍ତି ସୂଚକ କ୍ଷେତ୍ରରେ ବହୁମାତ୍ରାରେ ପଛରେ ରହିବା ଜାରି ରଖିଛନ୍ତି। କଳାହାଣ୍ଡିର ମୁଣ୍ଡପିଛା ଆୟ ହାରାହାରି ୩୨୦୦୦ ଟଙ୍କା ରହିଛି ଯାହାକି ରାଜ୍ୟର ହାରାହାରି ପ୍ରାୟ ୧.୮ ଲକ୍ଷ ଟଙ୍କାର ଏକ ପଂଚମାଂଶଠାରୁ କମ୍ ଅଟେ। ସେହିପରି ଦକ୍ଷିଣ-ପଶ୍ଚିମ ଓଡିଶାରେ କର୍ମବଳର ପ୍ରାୟ ୭୦% କୃଷୀ ଉପରେ ନିର୍ଭରଶୀଳ, ଯାହା ଅଂଚଳର ଖଣିଜ ସମ୍ପଦ ସମ୍ପତ୍ତି ସତ୍ତ୍ୱେ ଏବଂ ରାଜ୍ୟରେ ବିଶ୍ୱର ଅନ୍ୟତମ ସର୍ବବୃହତ ଆଲୁମିନା ରିଫାଇନାରିର ଘର ହେବା ସତ୍ତ୍ୱେ ଅଣ-କୃଷି ନିଯୁକ୍ତି ଇନର ଅନୁପସ୍ଥିତିକୁ ପ୍ରତିଫଳନ କରୁଛି। ଏସମ୍ପର୍କରେ ଏନଜିଓ କର୍ତ୍ତବ୍ୟର ସିଇଓ ଅଶୋକ ପଟ୍ଟନାୟକ କହିଛନ୍ତି, 'ଓଡିଶାର ଆହ୍ୱାନ ସମ୍ବଳର ଉପଲବ୍ଧତା ନୁହେଁ ବରଂ ଖଣିଜ ପଦାର୍ଥ ଉତ୍ପାଦନଠାରୁ ଆରମ୍ଭ କରି ସ୍ଥାନୀୟ ଶିଳ୍ପ ଅଭିବୃଦ୍ଧି ପର୍ଯ୍ୟନ୍ତ ଏକ ସୁବ୍ୟବସ୍ଥିତ ମାର୍ଗର ଅଭାବ। ସେହିପରି ସେବା ଜଗତର ପ୍ରତିଷ୍ଠାତା ସଚିବ ସତ୍ୟନାରାୟଣ ପଟ୍ଟନାୟକ, ମା ମାଣିକେଶ୍ୱରୀ ୟୁନିଭର୍ସିଟିର ଇକୋନୋମିକ୍ସ ବିଭାଗର ଆସିଷ୍ଟାଂଟ ପ୍ରଫେସର, ସୀମାଂଚଳ ମିଶ୍ର ପ୍ରମୁଖ ଏହି ଅବସରରେ ନିଜର ମତବ୍ୟକ୍ତ କରିଛନ୍ତି। ପ୍ରହାର ଗୁରୁତ୍ୱ ଦେଉଛି ଯେ, ଓଡିଶାରେ ଦାୟିତ୍ୱପୂର୍ଣ୍ଣ ମାଇନିଂ ମାଧ୍ୟମରେ ଅବ୍ୟବହୃତ ଖଣିଜ ସମ୍ପଦ ଭଣ୍ଡାରଗୁଡିକର ଉପଯୋଗ ମଜବୁତ ପରିବେଶୀୟ ସୁରକ୍ଷା, ସମୁଦାୟ ଅଂଶଗ୍ରହଣ ଓ ଡାଉନଷ୍ଟ୍ରିମ ମାନୁଫ୍ୟାକ୍‌ଚରିଂ ସହ ଜଡିତ ରହିଛି, ଏହାକୁ ଏକ ଜରୁରୀ ଆଂଚଳିକ ବିକାଶ ଭାବେ ଦେଖାଯିବା ଉଚିତ। ଏଭଳି ଏକ ଆଭିମୁଖ୍ୟ ଆନ୍ତଃ-ରାଜ୍ୟ ଜିଡିପି ଅସନ୍ତୁଳନକୁ ଠିକ କରିପାରିବ, ରାଜ୍ୟର ରାଜସ୍ୱକୁ ସୁଦୃଢ କରିପାରିବ, ଦୀର୍ଘାବଧି କଲ୍ୟାଣ ନିର୍ଭରଶୀଳତାକୁ ହ୍ରାସ କରିପାରିବ ଏବଂ ଦକ୍ଷିଣ-ପଶ୍ଚିମ ଓଡିଶାରେ ସ୍ଥାୟୀ ଜୀବିକାକୁ ଆଗକୁ ବଢାଇପାରିବ।

# କୋଚିରେ ଆଇଡବ୍ଲ୍ୟୁଡିସି ୩.୦ ଭାରତର ଅନ୍ତର୍ଦେଶୀୟ ଜଳପଥର ପରବର୍ତ୍ତୀ ପର୍ଯ୍ୟାୟ ବିକାଶର ନକ୍ସା ପ୍ରସ୍ତୁତ କରିବ

**ଭୁବନେଶ୍ୱର:** ଅନ୍ତର୍ଦେଶୀୟ ଜଳପଥ ବିକାଶ ପରିଷଦ (ଆଇଡବ୍ଲ୍ୟୁଡିସି)ର ତୃତୀୟ ବୈଠକ ୨୦୨୬ ଜାନୁଆରି ୨୪ରେ କେରଳର କୋଚିରେ ଅନୁଷ୍ଠିତ ହୋଇଛି। ଏହାର ଉଦ୍ଦେଶ୍ୟ ହେଉଛି ଅନ୍ତର୍ଦେଶୀୟ ଜଳ ପରିବହନ (ଆଇଡବ୍ଲ୍ୟୁଟି) କ୍ଷେତ୍ରର ସଫଳତା ଉପରେ ଆଲୋକପାତ କରିବା ଏବଂ ଏହାର ଭବିଷ୍ୟତ ଦୃଷ୍ଟିକୋଣକୁ ରୂପରେଖ ପ୍ରଦାନ କରିବ।




ଏହି ଦିବସବ୍ୟାପୀ ଅଧିବେଶନକୁ କେନ୍ଦ୍ରୀୟ ବନ୍ଦର, ଜାହାଜ ଏବଂ ଜଳପଥ ମନ୍ତ୍ରୀ ଶ୍ରୀ ସର୍ବାନନ୍ଦ ସୋନୱାଲ ଅଧ୍ୟକ୍ଷତା କରିଥିଲେ ଏବଂ ଏଥିରେ ରାଜ୍ୟ ମନ୍ତ୍ରୀ (ବନ୍ଦର, ଜାହାଜ ଏବଂ ଜଳପଥ) ଶ୍ରୀ ଶାନ୍ତନୁ ଠାକୁର ସହିତ ବିଭିନ୍ନ ରାଜ୍ୟର ମନ୍ତ୍ରୀମାନେ ଯୋଗ ଦେଇଥିଲେ।

ରାଜ୍ୟରେ ଏନଡବ୍ଲ୍ୟୁ-୫ ବିକାଶ ପାଇଁ ଆଇଡବ୍ଲ୍ୟୁଏଆଇ ପକ୍ଷରୁ ଓଡ଼ିଶା ସରକାରଙ୍କ ସହ ଏକ ୧୨,୨୦୪ କୋଟି ଟଙ୍କାର ଏମଓୟୁ ସ୍ୱାକ୍ଷର କରାଯାଇଛି। ଆଇଡବ୍ଲ୍ୟୁଡିସି ୩.୦ ବୈଠକ ଏନଡବ୍ଲ୍ୟୁ-୬୪ (ମହାନଦୀ)ରେ ଫେୟାରୱେ ବିକାଶକୁ ପ୍ରାଥମିକତା ଦେବ ଯାହା ବଲ୍କ କାର୍ଗୋ (ବହୁ ପରିମାଣର ପଣ୍ୟ) ପରିବହନକୁ ସହଜ କରିବ ଏବଂ ଶିଳ୍ପ ଲଜିଷ୍ଟିକ୍ସକୁ ମଜବୁତ କରିବ। ଏହା ବ୍ୟତୀତ ନୌଚଳନା ସହାୟକ ବ୍ୟବସ୍ଥା ସ୍ଥାପନ କରାଯାଇଛି, ନଦୀ କ୍ରୁଜ୍ ସର୍କିଟ୍ ଚିହ୍ନଟ ହୋଇଛି ଏବଂ ଓଡ଼ିଶାରେ ଅବଶିଷ୍ଟ ଜାତୀୟ ଜଳପଥରେ ବିକାଶମୂଳକ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି।

ଆଇଡବ୍ଲ୍ୟୁଡିସି ୩.୦ ଏଜେଣ୍ଡାରେ ଏକ ସ୍ଥାୟୀ ସହରାଚଂଳ ଜଳ ପରିବହନ ବ୍ୟବସ୍ଥା ନିର୍ମାଣ, ପଣ୍ୟ ପରିବହନର ଦକ୍ଷତା ବୃଦ୍ଧି, ଯାତ୍ରୀ ପରିବହନ ପାଇଁ ସବୁଜ ଜାହାଜ ପ୍ରୋତ୍ସାହନ, ନଦୀ କ୍ରୁଜ୍ ପର୍ଯ୍ୟଟନକୁ ଆଗକୁ ବଢ଼ାଇବା ଏବଂ ଡିଜିଟାଲ୍ ଓ ସ୍ଥାୟୀ ଅଭ୍ୟାସ କାର୍ଯ୍ୟକାରୀ କରିବା ଉପରେ ଅଧିବେଶନ ଆୟୋଜନ କରାଯିବ। ବୈଠକ ଅନ୍ତର୍ଦେଶୀୟ ଜଳପଥ ପାଇଁ ନିୟମାବଳୀ ସମୀକ୍ଷା କରିବ ଏବଂ କାର୍ଯ୍ୟକାରୀ ହୋଇଥିବା ଓ ପ୍ରସ୍ତାବିତ ଆଇଡବ୍ଲ୍ୟୁଟି ପ୍ରକଳ୍ପ ସମ୍ବନ୍ଧରେ ରାଜ୍ୟମାନଙ୍କ ଦ୍ୱାରା ଉଠାଯାଇଥିବା ଚିନ୍ତାକୁ ସମାଧାନ କରିବ।

ଭାରତରେ ବିସ୍ତୃତ ଅନ୍ତର୍ଦେଶୀୟ ଜଳପଥ ନେଟୱାର୍କ ରହିଛି, ଯେଉଁଠାରେ ବାର୍ଷିକ ୧୪୫ ନିୟୁତ ଟନରୁ ଅଧିକ ପଣ୍ୟ ପରିବହନ ହେଉଛି ଯାହା ଇନ୍ଧନ-ଦକ୍ଷ ଏବଂ ପରିବେଶ ଅନୁକୂଳ ପରିବହନ ମାଧ୍ୟମ ପ୍ରଦାନ କରୁଛି। ଅନ୍ତର୍ଦେଶୀୟ ଜଳପଥ ରେଳ ଏବଂ ରାସ୍ତା ନେଟୱାର୍କ ଉପରେ ରହୁଥିବା ଚାପକୁ କମ କରିବ। ରୋଲ ଅନ ରୋଲ ଅଫ (ରୋ ରୋ) ଯାନ ପରିବହନ ଏବଂ ନଦୀ କ୍ରୁଜ୍ ପର୍ଯ୍ୟଟନ ଭଳି ଉଦ୍ୟୋଗକୁ ସହଜ କରୁଛି। ମୋଟ ୧୧୧ଟି ଜାତୀୟ ଜଳପଥ ମଧ୍ୟରୁ ୨୩ଟି ରାଜ୍ୟ ଏବଂ ଚାରିଟି କେନ୍ଦ୍ରଶାସିତ ଅଂଚଳରେ ରହିଛି, ଯେଉଁଥିରୁ ୩୨ଟି ବର୍ତ୍ତମାନ ପଣ୍ୟ ଏବଂ ଯାତ୍ରୀ ପରିବହନ ପାଇଁ ଚାଲୁଅଛି। ବନ୍ଦର, ଜାହାଜ ଏବଂ ଜଳପଥ ମନ୍ତ୍ରଣାଳୟ ଅଧୀନରେ ଥିବା ଇନଲ୍ୟାଣ୍ଡ ୱାଟରୱେଜ୍ ଅଥରିଟି ଅଫ୍ ଇଣ୍ଡିଆ। (ଆଇଡବ୍ଲ୍ୟୁଏଆଇ) ଏହି ଜଳପଥଗୁଡ଼ିକର ବିକାଶ, ରକ୍ଷଣାବେକ୍ଷଣ ଏବଂ ନିୟନ୍ତ୍ରଣ ପାଇଁ କାର୍ଯ୍ୟ କରୁଛି।

# ଭାରତର ପ୍ରଥମ ଗ୍ଲୋବାଲ ଗେମିଙ୍ଗ ସୁପରଷ୍ଟାର ପାଇଁ ସନ୍ଧାନ ଆରମ୍ଭ

**ଭୁବନେଶ୍ୱର, ୨୯।୧ (ନି.ପ୍ର) :** ବିଶ୍ୱର ପ୍ରଥମ ଆଜ୍-ଲାଇଭ ଗ୍ଲୋବାଲ ଗେମିଂ ରିଅଲିଟି ଶୋ' ଗୁଡ୍ ଗେମ୍ ପକ୍ଷରୁ ଭାରତର ପ୍ରଥମ ଗ୍ଲୋବାଲ ଗେମିଂ ସୁପରଷ୍ଟାରଙ୍କ ସନ୍ଧାନ କରିବା ପାଇଁ ଭାରତରେ ଏହାର ଶୁଭାରମ୍ଭ ଘୋଷଣା କରାଯାଇଛି। ଲୋକପ୍ରିୟ ଅଭିନେତ୍ରୀ, ଉଦ୍ୟୋଗୀ ଓ ୟୁଥ୍ ଆଇକନ ସାମନ୍ଥ ରୁଥ୍ ପ୍ରଭୁଙ୍କୁ ଭାରତର ଅନ୍ୟତମ ଲୋକପ୍ରିୟ କ୍ରିକେଟ ଖେଳାଳି ରିଷଭ ପନ୍ତ ଏବଂ ଭାରତର ଅନ୍ୟତମ ପ୍ରଭାବଶାଳୀ ଗେମିଂ କ୍ରିଏଟର ଉଜ୍ଜ୍ୱଳ ଚୌରସିଆ (ଟେକ୍ନୋ ଗେମରଜ)ଙ୍କ ସହିତ ଜଣେ ଗ୍ଲୋବାଲ ବ୍ରାଣ୍ଡ ଆମ୍ବାସାଡର ଭାବେ ନାମିତ କରାଯାଇଛି। ଗୁଡ୍ ଗେମ୍ ପକ୍ଷରୁ ଏକ କୋଟି ଟଙ୍କା (୧୦୦,୦୦୦ ଡଲାର)ର ପୁରସ୍କାର ରାଶି ମଧ୍ୟ ଘୋଷଣା କରାଯାଇଛି, ଯାହାକି ଭାରତରେ ଯେକୌଣସି ରିଅଲିଟି ଶୋ' ବିଜେତାଙ୍କ ପାଇଁ ସର୍ବାଧିକ ପୁରସ୍କାର ରାଶି ଅଟେ। ଏଥିସହିତ ଆନ୍ତର୍ଜାତୀୟ ସ୍ତରରେ ଭାରତର ପ୍ରତିନିଧିତ୍ୱ କରିବା ପାଇଁ ମଧ୍ୟ ଏହା ଏକ ସୁଯୋଗ ପ୍ରଦାନ କରିବ। ଗୁଡ୍ ଗେମ୍ ଏହି ଶୋ'ରେ ବାର୍ଷିକ ୧୦୦ କୋଟି ଟଙ୍କା ପର୍ଯ୍ୟ' ନିବେଶ କରିବା ପାଇଁ ଯୋଜନା ରଖିଛି ଏବଂ ବର୍ତ୍ତମାନ ଏହି ସ୍ୱତନ୍ତ୍ର ପ୍ରସ୍ତାବ ସହିତ ଜଡିତ ହେବା ପାଇଁ ବ୍ରାଣ୍ଡ ପାର୍ଟନର ଓ ସ୍ପନ୍‌ଶରମାନଙ୍କୁ ଆମନ୍ତ୍ରଣ କରୁଛି। ପ୍ରତିଯୋଗୀମାନଙ୍କୁ କେବଳ ସେମାନଙ୍କର ଗେମିଂ ଦକ୍ଷତା ଉପରେ ନୁହେଁ ବରଂ ସୃଜନଶୀଳତା, ଅନ୍-ସ୍କ୍ରିନ ଉପସ୍ଥିତି ଏବଂ ଚାପ ମଧ୍ୟରେ ପ୍ରଦର୍ଶନ କରିବାର କ୍ଷମତା ଉପରେ ପରୀକ୍ଷା କରାଯିବ। ଅଡିସନ ପାଇଁ ପଞ୍ଜୀକରଣ, ବର୍ତ୍ତମାନ https://www.goodgameshow.tv/india-audition-application.ରେ ଖୋଲା ରହିଛି। ଏହି ଶୁଭାରମ୍ଭ ଅବସରରେ ଗୁଡ୍ ଗେମର ପ୍ରତିଷ୍ଠାତା ରାଇ କକ୍‌ଫିଲ୍ଡ କହିଛନ୍ତି, 'ଗୁଡ୍ ଗେମ



ଆନ୍ତର୍ଜାତୀୟ ସ୍ୱୀକୃତି ଓ ଜୀବନକାଳ ସୁଯୋଗ ପାଇଁ ବାଟ ଫିଟାଇବା ଲାଗି ଭାରତବ୍ୟାପୀ ପ୍ରତିଭାମାନଙ୍କୁ ସଶକ୍ତ କରିବ, ଯାହା ଜୀବନ ଓ କ୍ୟାରିୟରରେ ବଡ ପରିବର୍ତ୍ତନ ଆଣିପାରିବ। ଆମେ ଏଭଳି ଏକ ସ୍ୱତନ୍ତ୍ର ସୁଯୋଗ ସହିତ ସହଭାଗୀ ହେବା ପାଇଁ ଚାହୁଁଥିବା ବ୍ରାଣ୍ଡଗୁଡିକ ଠାରୁ ଚମତ୍କାର ପ୍ରତିକ୍ରିୟା ପରିଲକ୍ଷିତ କରୁଛୁ ଯାହା ଦୀର୍ଘସ୍ଥାୟୀ କଂଟେଂଟ, ମଜବୁତ ସମୁଦାୟ ଓ ଉଚ୍ଚ କ୍ଷମତାସମ୍ପନ୍ନ ବାଣିଜ୍ୟର ଏକତ୍ରିକରଣ ପ୍ରଦାନ କରୁଛି। ମୁଁ ଏହି ଶୋ' ପାଇଁ ସେମାନଙ୍କର ସମର୍ଥନ ଓ ବିଶେଷଜ୍ଞତା ଆଣିଥିବାରୁ ଆମର ବ୍ରାଣ୍ଡ ଆମ୍ବାସାଡରମାନଙ୍କ ପ୍ରତି ଗଭୀର ଭାବେ କୃତଜ୍ଞ।' ସେହିଭଳି ନିଜର ସହଯୋଗିତା ସମ୍ପର୍କରେ ସାମନ୍ଥା ରୁଥ ପ୍ରଭୁ କହିଛନ୍ତି, 'ଏହି ପ୍ଲାଟଫର୍ମ ସମ୍ପର୍କରେ ଯାହା ମୋତେ ଉତ୍ସାହିତ କରିଛି ତାହା ହେଉଛି ଏହା ଚାପ ମଧ୍ୟରେ ପ୍ରଦର୍ଶନ କରିବା ପାଇଁ ସୃଜନଶୀଳତା, ଆତ୍ମବିଶ୍ୱାସ ଓ ସାହସକୁ ସ୍ୱୀକୃତି ପ୍ରଦାନ କରୁଛି ଏବଂ ଯୁବ ଭାରତୀୟମାନଙ୍କୁ ଆନ୍ତର୍ଜାତୀୟ ମଂଚରେ ନିଜକୁ ଉପସ୍ଥାପନ କରିବା ପାଇଁ ଏକ ସୁଯୋଗ ଦେଉଛି।

# ବ୍ରିଜଷ୍ଟୋନ୍ ଇଣ୍ଡିଆ ଓ ପାବୀ ଷ୍ଟାର ପରମିଶ ବର୍ମାଙ୍କ ମଧ୍ୟରେ ସହଭାଗିତା

**ଚଣ୍ଡିଗଡ଼,୨୯/୧ (ନି.ପ୍ର) :** ବ୍ରିଜଷ୍ଟୋନ୍ ଇଣ୍ଡିଆ ପ୍ରମୁଖ ଆଂଚଳିକ ବଜାରରେ ଗ୍ରାହକଙ୍କ ସମ୍ପର୍କକୁ ଆହୁରି ଦୃଢ କରିବା ପାଇଁ ଏହାର କେନ୍ଦ୍ରିତ ରଣନୀତିର ଅଂଶ ଭାବରେ ପ୍ରସିଦ୍ଧ ପାବୀ ଗାୟକ, ଅଭିନେତା ଏବଂ ଯୁବ ଆଇକନ୍ ପରମିଶ ବର୍ମାଙ୍କ ସହିତ ଏକ ଗତିଶୀଳ ନୂତନ ସହଭାଗୀତା ଘୋଷଣା କରିଛି। ଉତର ଭାରତରେ ଜଣେ ଶକ୍ତିଶାଳୀ ସାଂସ୍କୃତିକ ସ୍ୱର, ପରମିଶ ବର୍ମା କେବଳ ବହୁଳ ଆକର୍ଷଣ ଏବଂ ପ୍ରାମାଣିକତା ଆଣିନାହାଁନ୍ତି ବରଂ ଅଟୋମୋବାଇଲ୍ ପାଇଁ ଏକ ପ୍ରକୃତ ଆଗ୍ରହ ମଧ୍ୟ ଆଣିଛନ୍ତି। ଏହି ସହଭାଗୀତା ଉପରେ ମନ୍ତବ୍ୟ ଦେଇ, ବ୍ରିଜଷ୍ଟୋନ୍ ଇଣ୍ଡିଆର ବିକ୍ରୟ ଏବଂ ମାର୍କେଟିଂର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ରାଜୀବ ଶର୍ମା କହିଛନ୍ତି, ଉତର ଭାରତ ଆମ ପାଇଁ ଏକ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ବଜାର। ପରମିଶ ବର୍ମାଙ୍କ ବିଶ୍ୱସନୀୟତା ଏବଂ ଦର୍ଶକଙ୍କ ସହିତ ଗଭୀର ସମ୍ପର୍କ ତାଙ୍କୁ ବ୍ରିଜଷ୍ଟୋନ୍ ପ୍ରତିନିଧିତ୍ୱ କରିବା ପାଇଁ ଏକ ଆଦର୍ଶ ଅଂଶୀଦାର କରିଛି। ଏହି ସହଯୋଗ ଆମକୁ ନୂତନ, ପ୍ରେରଣାଦାୟକ ଏବଂ ସମ୍ପର୍କୀୟ ବ୍ରାଣ୍ଡ ଅଭିଜ୍ଞତା ଖୋଜୁଥିବା ଯୁବ ଗ୍ରାହକଙ୍କ ସହିତ ଅର୍ଥପୂର୍ଣ୍ଣ ଭାବରେ ଜଡିତ ହେବାକୁ ସକ୍ଷମ କରିଛି। ଏହି ସହଭାଗୀତା ସହିତ, ବ୍ରିଜଷ୍ଟୋନ୍ ଇଣ୍ଡିଆ ସାରା ଦେଶର ଗ୍ରାହକଙ୍କ ପାଇଁ ଏକ ବିଶ୍ୱସ୍ତ ଗତିଶୀଳତା ସମାଧାନ ପ୍ରଦାତା ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିବା ସହିତ ଏହାର ଆଂଚଳିକ ସମ୍ପର୍କ ରଣନୀତିକୁ ଆହୁରି ଆଗକୁ ବଢ଼ାଇଛି।



# ଆଦିତ୍ୟ ବିର୍ଲା ସନଲାଇଫ ଇନସ୍ୟୁରାନ୍ସର ଅ-ନିଶ୍ଚିତ ସୂଚୀ ୨.୦

**ଭୁବନେଶ୍ୱର,୨୯।୧ (ନି.ପ୍ର) :** ଆର୍ଥିକ ଚାପ, ସ୍ୱାସ୍ଥ୍ୟସେବା ଚିଂା, କର୍ମ-ଜୀବନ ସଂ୍ତୁଳନ ଏବଂ ବ୍ୟାପକ ସାମାଜିକ ଆହ୍ୱାନ ପ୍ରଭାବରେ ଭାରତରେ ଅନିଶ୍ଚିତତା ବୃଦ୍ଧି ପାଇଛି। ଆଦିତ୍ୟ ବିର୍ଲା ସନଲାଇଫ ଇନସ୍ୟୁରାନ୍ସ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଅ-ନିଶ୍ଚିତ ସୂଚୀ ୨.୦ରେ ଭାରତର ଉଦବେଗ ସୂଚୀ ୭୯ ରହିଛି। ଭୁବନେଶ୍ୱରରେ ସେହି ସୂଚୀ ଜାତୀୟ ହାରଠାରୁ ସାମାନ୍ୟ ଅଧିକ ୮୨ ରହିଥିବା ବେଳେ ପୂର୍ବ ଭାରତର ସୂଚୀ ୮୪ ପାଖାପାଖି ରହିଛି। ଏହି ସୂଚୀ ଭୁବନେଶ୍ୱରରେ ପରିବାର ସ୍ତରରେ ଆର୍ଥିକ ଓ ସାମାଜିକ ଉଦବେଗ ଅଧିକ ଥିବା ଦର୍ଶାଉଛି। ଅନ୍ୟ ସହରଗୁଡ଼ିକରେ ଅନିଶ୍ଚିତତାର ପ୍ରକାରଭେଦ ଭିନ୍ନ ଭିନ୍ନ ରହିଛି। କିଂ ଭୁବନେଶ୍ୱରରେ ମୁଖ୍ୟତଃ ଗୋଟିଏ କାରଣ ପାଇଁ ଉଦବେଗ ରହିଛି ଓ ତାହା ହେଉଚି ଢ଼ାଂଚାଗତ ଆର୍ଥିକ ଉତରଦାୟିତ୍ୱ।

ସାମାଜିକ-ଅର୍ଥନୈତିକ ରୂପରେଖ ଅନୁସାରେ ସେକ୍ସନ ସି ବର୍ଗରେ ଅନିଶ୍ଚିତତା ଅଧିକ ଏବଂ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ବର୍ଗରେ ଅପେକ୍ଷାକୃତ କମ ରହିଛି। ଏହାକୁ କମ କରିବାରେ ଆର୍ଥିକ ଯୋଜନା ପ୍ରସ୍ତୁତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବ୍ୟାପକ ବୀମା ଓ ନିବେଶ ଦ୍ୱାରା ତାହା କମ ହୋଇଥାଏ। ଯେଉଁ ପରିବାର ପାଖରେ ଏଭଳି ଚାରି କିମ୍ବା ଅଧିକ ବ୍ୟବସ୍ଥା ରହିଛି ସେମାନଙ୍କ ଉଦବେଗ ସ୍କୋର କମ ରହିଥାଏ।

ଜନସଂଖ୍ୟାରେ ପ୍ରାୟ ସବୁ ବର୍ଗ, ଲିଙ୍ଗ ଓ ବୟସରେ ଅନିଶ୍ଚିତତା ରହିଛି। ତେବେ ବେବି ବୁମର, ଜେନ ଏକ୍ସ, ମିଲେନିଆଲ ଓ ଜେନ ଜିଙ୍କ କ୍ଷେତ୍ରରେ ତାହା କମ ରହିଛି। ନିଯୁକ୍ତି ସହ ଉଦବେଗର ବିଶେଷ କିଛି ସମ୍ପର୍କ ନାହିଁ। କାରଣ ଉଭୟ ବ୍ୟବସାୟ ମାଲିକ ଓ ବେତନଭୋଗୀମାନେ ସମାନ ସ୍ତରର ଉଦବେଗ ପ୍ରକାଶ କରିଛନ୍ତି। ଲୋକମାନଙ୍କ ଜୀବନର ବିଭିନ୍ନ ସ୍ତରକୁ ଅନୁଶୀଳନ କରିବା ପରେ ଜଣାପଡ଼ିଛି ଯେ ବିବାହିତଙ୍କ ତୁଳନାରେ ଅବିବାହିତଙ୍କ ଉଦବେଗ କମ ରହୁଛି। ବିବାହିତଙ୍କ ମଧ୍ୟରେ ନିଃସନ୍ତାନଙ୍କ ଚାପ ଅଧିକ ଆକଳନ କରାଯାଇଛି।

ଭୁବନେଶ୍ୱରରେ ଲୋକଙ୍କ ବଡ଼ ଚିନ୍ତା ହେଉଛି ପରିବାର ଚାପ। ବୟସ୍କଙ୍କ ଯତ୍ନ ନେବା ସହରର ସବୁଠୁ ବଡ଼ ଚିନ୍ତା ଭାବେ ଉଭା ହୋଇଛି। ଏହାପରେ ଲୋକଙ୍କ ଅନ୍ୟତମ ଚିନ୍ତା ହେଉଛି ଟିକସ ନିୟମରେ ଲାଗାତାର ପରିବର୍ତ୍ତନ, ମୁଦ୍ରାସ୍ଫୀତି ପାଇଁ ସଂଚୟ ମୂଲ୍ୟ କମ ହେବା, ଘରର ଋଣ ବୋଝ ବଢ଼ିବା ଏବଂ ପ୍ରଦୂଷଣର ବର୍ଦ୍ଧିତ ସ୍ତର। ଭବିଷ୍ୟତ ପାଇଁ ପାଣ୍ଠି ଯୋଗାଡ଼ କରିବା, ନୂଆ ଭାଇରସ ବ୍ୟାପିବା, ବୟସ୍କ ପିତାମାତାଙ୍କ ଯତ୍ନ ନେବା, ଶିକ୍ଷା ଋଣ ପରିଚାଳନା ଓ ପରିବାର ଖର୍ଚ୍ଚ ଉପରେ ସରକାରୀ ଶୁଳ୍କର ପ୍ରଭାବକୁ ମଧ୍ୟ ସେମାନେ ଅନ୍ୟାନ୍ୟ ଚିନ୍ତାର ବିଷୟ କହିଛନ୍ତି।

ମୋଟ ଉପରେ ଜଣାପଡ଼ିଛି ଯେ ସହରରେ ଲୋକମାନେ ସ୍ୱଳ୍ପକାଳୀନ ନୁହେଁ, ବରଂ ଦୀର୍ଘକାଳୀନ ଆର୍ଥିକ ସ୍ଥାୟିତ୍ୱକୁ ନେଇ ଚିନ୍ତିତ ଅଛନ୍ତି। ଲୋକମାନେ ବୟସ୍କଙ୍କ ଯତ୍ନ ନେବା, ବର୍ଦ୍ଧିତ ଖର୍ଚ୍ଚ ପରିଚାଳନା ଏବଂ ଦୀର୍ଘକାଳୀନ ଯୋଜନା ମଧ୍ୟରେ ଛନ୍ଦି ହୋଇ ପଡ଼ିଛନ୍ତି ସେମାନଙ୍କ ଉଦବେଗକୁ କମ କରିବା ଏବଂ ଭବିଷ୍ୟତର ବିଶ୍ୱାସ ବଢ଼ାଇବା ପାଇଁ ଢ଼ାଂଚାଗତ ଆର୍ଥିକ ସୁରକ୍ଷା ଓ ବିବିଧ ପୋର୍ଟଫୋଲିଓ ଜରୁରୀ।

ଅ-ନିଶ୍ଚିତ ସୂଚୀ ୨.୦ ହେଉଛି ଆଦିତ୍ୟ ବିର୍ଲା ସନ ଲାଇଫ ଇନସ୍ୟୁରାନ୍ସର ଏକ ଜାତୀୟ ସର୍ବେକ୍ଷଣ ଯେଉଁଥିରେ ୩୫୮୩ ଲୋକ ଭାଗ ନେଇଥିଲେ। ସେମାନଙ୍କୁ ୨୧ଟି ଗୁଣାତ୍ମକ ପ୍ରଶ୍ନ ପଚରାଯାଇଥିଲା। ଆର୍ଥିକ ସୁରକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ଓ ମାନସିକ କଲ୍ୟାଣ, ଯତ୍ନ, ସୁରକ୍ଷା, ପରିବେଶ ଓ ସାମାଜିକ ଚିନ୍ତା ଭଳି ୧୧ଟି ମାନଦଣ୍ଡ ଉପରେ ପ୍ରଶ୍ନଗୁଡ଼ିକୁ ପର୍ଯ୍ୟବେସିତ ଥିଲା।

# ଜାୱା ଓ ୟେଜଦି ପକ୍ଷରୁ ସାଧାରଣତନ୍ତ୍ର ଦିବସରେ ବିଶାଳ ରାଇଡ୍ ଆୟୋଜିତ

**ଭୁବନେଶ୍ୱର, ୨୯।୧ (ନି.ପ୍ର):** ସାଧାରଣତନ୍ତ୍ର ଦିବସ ଅବସରରେ ଜାୱା, ୟେଜଦି ଏବଂ ବିଏସଏ ମୋଟରସାଇକେଲ୍ ଚାଳକମାନେ ସାରା ଦେଶରେ ଏକ ବିଶାଳ ରାଇଡ୍‌ର ଆୟୋଜନ କରିଥିଲେ। ଗଣତନ୍ତ୍ର ଯେପରି ବିବିଧତା ମଧ୍ୟରେ ଏକତା ବଜାୟ ରଖେ, ବାଇକ୍ ଚାଳନା ମଧ୍ୟ ସେହିଭଳି ଲୋକଙ୍କୁ ଏକାଠି ଯୋଡ଼ିଥାଏ ବୋଲି ଏହି ରାଇଡ୍ ମାଧ୍ୟମରେ ବାର୍ତ୍ତା ଦିଆଯାଇଛି। ଏହି ଉତ୍ସବରେ ସାମିଲ ହୋଇ 'କ୍ଲାସିକ୍ ଲିଜେଣ୍ଡସ୍' କମ୍ପାନୀ ନିଜ ଅଫିସିଆଲ୍ ୱେବସାଇଟରେ 'ନୋମାଡ୍ସ: ରାଇଡ୍ ଆଜ୍ ୱାନ୍, ରାଇଡ୍ ଦି ଲିଗାସି' ନାମକ ଏକ ନୂତନ କମ୍ୟୁନିଟି ପେଜ୍ ର ଶୁଭାରମ୍ଭ କରିଛି। ଏହି ନୂଆ ଡିଜିଟାଲ୍ ପ୍ଲାଟଫର୍ମ ଜରିଆରେ ବାଇକ୍ ଚାଳକମାନେ ଏବେ ମାତ୍ର ଗୋଟିଏ କ୍ଲିକ୍‌ରେ ନିଜ ଅଂଚଳର ଜାୱା-ୟେଜଦି-ବିଏସଏ ରାଇଡିଂ କ୍ଲବ୍ ସହିତ ଖୁବ୍ ସହଜରେ ଯୋଡ଼ି ହୋଇପାରିବେ।




ଏହି ଅବସରରେ କ୍ଲାସିକ୍ ଲିଜେଣ୍ଡସ୍‌ର ସହ-ପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି ଯେ, 'ବାଇକ୍ ଚଲାଇବାର ମୂଳ ଉଦ୍ଦେଶ୍ୟ ହେଉଛି ନିଜର ସ୍ୱାଧୀନତାକୁ ଅନୁଭବ କରିବା, ଏବଂ ଆମର ଗାଡ଼ିଗୁଡ଼ିକ ସେହି ଲକ୍ଷ୍ୟରେ ହିଁ ତିଆରି କରାଯାଇଛି। ତେବେ ବର୍ତ୍ତମାନର ଡିଜିଟାଲ୍ ଯୁଗରେ ଲୋକମାନେ ଯେତେବେଳେ ପରସ୍ପରଠାରୁ ଦୂରେଇ ଯାଉଛନ୍ତି, ସେତେବେଳେ ନିଜ ଲୋକଙ୍କ ସହ ମିଶିବାର ଇଚ୍ଛା ମୋଟରସାଇକେଲିଂକୁ ପିଢ଼ି ପରେ ପିଢ଼ି ବଂଚାଇ ରଖିଛି।' ସେ ଆହୁରି ମଧ୍ୟ ଯୋଡ଼ିଛନ୍ତି, 'ଅନ୍ୟ ଦିନମାନଙ୍କରେ ଆମେ ନିଜ ପାଇଁ ବାଇକ୍ ଚଲାଇଥାଉ, କିନ୍ତୁ ସାଧାରଣତନ୍ତ୍ର ଦିବସ ହେଉଛି ସମସ୍ତେ ମିଶି ଏକାଠି ବାଇକ୍ ଚଲାଇବାର ଦିନ। ଏହି ଦିନରେ ଜାୱା, ୟେଜଦି ଏବଂ ବିଏସଏର ବାର୍ଷିକ ରାଇଡ୍ ବିଭିନ୍ନ ବର୍ଗର ଚାଳକଙ୍କୁ ଗୋଟିଏ ପରିବାର ଭଳି ଏକତ୍ରିତ କରିଥାଏ।

# ଓଡ଼ିଶାର ପଛୁଆ ଅଞ୍ଚଳରେ ସ୍ଥାୟୀ ନିଯୁକ୍ତି ବୃଦ୍ଧି ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୨୯।୧ (ନି.ପ୍ର) :** କେନ୍ଦ୍ର ବଜେଟ ୨୦୨୬-୨୭ ପୂର୍ବରୁ, ଓଡ଼ିଶାର ପଛୁଆ ଅଂଚଳ, ବିଶେଷକରି ଦକ୍ଷିଣ-ପଶ୍ଚିମ ଅଂଚଳ, କଳାହାଣ୍ଡି ଏବଂ ରାୟଗଡ଼ା ଭଳି ଜିଲ୍ଲାଗୁଡ଼ିକରେ ଗତ ବର୍ଷର ଟ.୯,୧୭୬ କୋଟିର ଅତିରିକ୍ତ ପାଣ୍ଠି ସହାୟତାକୁ ବଜାୟ ରଖିବା ସହିତ ସ୍ଥାୟୀ ନିଯୁକ୍ତି ସୃଷ୍ଟିକୁ ତ୍ୱରାନ୍ୱିତ କରିବାକୁ ପ୍ରହାର ପକ୍ଷରୁ ଅର୍ଥ ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଛି । ପ୍ରହାର କହିଛି ଯେ, ଗତ କେନ୍ଦ୍ର ବଜେଟରେ ପ୍ରଦାନ କରାଯାଇଥିବା ବର୍ଦ୍ଧିତ କେନ୍ଦ୍ରୀୟ ସହାୟତାକୁ ଭୂମିରେ ବ୍ୟାପକ ଭାବରେ ସ୍ୱାଗତ କରାଯାଇଛି ଏବଂ ଏହା ଓଡ଼ିଶା ସରକାରଙ୍କ ବିକାଶମୂଳକ ପ୍ରୟାସକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିଛି । ଏହା ପ୍ରକାଶ କରିଛି ଯେ ଗତ ବର୍ଷ ଅତିରିକ୍ତ ୯,୧୭୬ କୋଟି ଟଙ୍କାର ଆବଂଟନ ଭୌତିକ ଭିତିଭୂମି ଏବଂ କଲ୍ୟାଣ ଫଳାଫଳରେ ମଧ୍ୟ ଦୃଶ୍ୟମାନ ଉନ୍ନତି ଆଣିଛି। ପ୍ରହାର-(ଅସହାୟତା ବିରୁଦ୍ଧରେ ଜନସାଧାରଣଙ୍କ ପ୍ରତିକ୍ରିୟା ଏବଂ ପ୍ରତିକାର ପାଇଁ କାର୍ଯ୍ୟାନୁଷ୍ଠାନ)ଏକ ଜାତୀୟ ଅଣସରକାରୀ ସଂଗଠନ, ଯାହା ଜୀବିକା ନିର୍ବାହ, ନିଯୁକ୍ତି ସୃଷ୍ଟି ଏବଂ ଆର୍ଥିକ ଅଂର୍ଭୁକ୍ତିକରଣ ପ୍ରସଙ୍ଗରେ ସମଗ୍ର ଭାରତରେ କାର୍ଯ୍ୟ କରୁଛି। ଏହାକୁ ବ୍ୟାଖ୍ୟା କରି, ପ୍ରହାରର ସଭାପତି ଏବଂ ଜାତୀୟ ସଂଯୋଜକ ଶ୍ରୀ ଅଭୟ ରାଜ ମିଶ୍ର କହିଛନ୍ତି, 'ଆଦିବାସୀ କଲ୍ୟାଣ ଏବଂ ଅନ୍ତର୍ଭୁକ୍ତିମୂଳକ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ସାମାଜିକ ନିବେଶ କରିବାରେ ଓଡ଼ିଶା ସରକାରଙ୍କ ପ୍ରୟାସକୁ ଆମେ ସ୍ୱୀକାର କରୁଛୁ। ତଥାପି, ବିଶେଷକରି ଦକ୍ଷିଣ ଏବଂ ପଶ୍ଚିମ ଅଂଚଳରେ, କଳାହାଣ୍ଡି ଏବଂ ରାୟଗଡ଼ା ଭଳି ଜିଲ୍ଲା ଦଶନ୍ଧି ଧରି ଅବହେଳାର ସମ୍ମୁଖୀନ ହୋଇଛି ଯାହାକୁ କେବଳ ବିକାଶମୂଳକ ପାଣ୍ଠି ପ୍ରତ୍ୟାହାର କରିପାରିବ ନାହିଁ। ବିଶେଷକରି ଓଡ଼ିଶା ଭଳି ଖଣିଜ ସମୃଦ୍ଧ ରାଜ୍ୟରେ ଆନୁଷ୍ଠାନିକ କ୍ଷେତ୍ର ନିଯୁକ୍ତି ସୃଷ୍ଟି କରିବା ପାଇଁ ନିରଂର ପ୍ରଗତି ସେତେବେଳେ ଆସିବ ଯେତେବେଳେ ବିକାଶ ଖର୍ଚ୍ଚ ଶିଳ୍ପାୟନ ଏବଂ ଉତ୍ପାଦନ ଅଭିବୃଦ୍ଧି ସହିତ ମିଶ୍ରିତ ହେବ। ଉପକୂଳ ଏବଂ ପୂର୍ବ ଜିଲ୍ଲାଗୁଡ଼ିକ ବୃହତ ଶିଳ୍ପ ନିବେଶ, ଡାଉନଷ୍ଟ୍ରିମ୍ ଇକୋସିଷ୍ଟମ୍ ଏବଂ କ୍ୟାପ୍ଟିଭ୍ ମାଇନିଂରୁ ଲାଭ ପାଇଥିଲେ ମଧ୍ୟ, ପ୍ରଚୁର ଖଣିଜ ସଂରକ୍ଷଣ ସତ୍ତ୍ୱେ ଦକ୍ଷିଣ-ପଶ୍ଚିମ ବେଲ୍ଟରେ ସମାନ ସୁଯୋଗ ସୃଷ୍ଟି ହୋଇନାହିଁ। ସ୍ୱତନ୍ତ୍ର ଶିଳ୍ପ ଯାନବାହନ, ଖଣିଜ ସମ୍ପଦର ଦାୟିତ୍ୱପୂର୍ଣ୍ଣ ବ୍ୟବହାର, ଏବଂ ଫିଡର ଏବଂ ଡାଉନଷ୍ଟ୍ରିମ୍ ଶିଳ୍ପର ବିକାଶ ଏହି ଅସନ୍ତୁଳନକୁ ସଂଶୋଧନ କରିପାରିବ ଏବଂ ପ୍ରକୃତରେ ବିକଶିତ ଓଡ଼ିଶାର ଦୃଷ୍ଟିକୋଣ ସହିତ ଦକ୍ଷିଣ ଏବଂ ପଶ୍ଚିମ ଓଡ଼ିଶାରେ ସମାନ ବିକାଶକୁ ସକ୍ଷମ କରିପାରିବ। ପୂର୍ବ ଓଡ଼ିଶାରେ ବର୍ଦ୍ଧିତ ଉତ୍ପାଦନ ସୁଯୋଗ ପ୍ରଦାନ କରାଯାଉଛି, ଇସ୍ପାତ ଏବଂ ଆନୁଷଙ୍ଗିକ ପ୍ରକଳ୍ପରୁ ୫୦,୦୦୦ ରୁ ଅଧିକ ସମ୍ଭାବ୍ୟ ନିଯୁକ୍ତି ଉପଲବ୍ଧ ହେଉଛି, ଯାହା ପ୍ରବାସକୁ ରୋକିବାରେ ସାହାଯ୍ୟ କରୁଛି। ପ୍ରହାର ଆଲୋକପାତ କରିଛି ଯେ ବୈଦ୍ୟୁତିକ ଯାନବାହନ, ନବୀକରଣୀୟ ଶକ୍ତି ଭିତିଭୂମି, ମହାକାଶ, ପ୍ରତିରକ୍ଷା ଉତ୍ପାଦନ, ବିଦ୍ୟୁତ୍ ପରିବହନ ଏବଂ ହାଲୁକା ନିର୍ମାଣ ସାମଗ୍ରୀ ଦ୍ୱାରା ପରିଚାଳିତ ବିଶ୍ୱ ଆଲୁମିନିୟମ ଚାହିଦାରେ ତୀବ୍ର ବୃଦ୍ଧିରୁ ଓଡ଼ିଶା ଲାଭାନ୍ୱିତ ହୋଇପାରିବ। ଆଲୁମିନିୟମ ଉତ୍ପାଦନ ପାଇଁ ଆବଶ୍ୟକ ବକ୍ସାଇଟର ସମୃଦ୍ଧ ଭଣ୍ଡାର ସହିତ, କଳାହାଣ୍ଡି ଏବଂ ରାୟଗଡ଼ା ଭଳି ଦକ୍ଷିଣ-ପଶ୍ଚିମ ଅଂଚଳଗୁଡ଼ିକ ଦ୍ରୁତ ବିକାଶ ଦେଖିପାରିବେ। ଏହି ଅଂଚଳଗୁଡ଼ିକରେ ଆଲୁମିନିୟମ ଉତ୍ପାଦନ ଚାରିପାଖରେ ଶିଳ୍ପ ଏବଂ ଉତ୍ପାଦନ ସମ୍ଭାବନାକୁ ଉନ୍ମୋଚନ କରିବା ଦ୍ୱାରା କେବଳ ନିଯୁକ୍ତି ସୃଷ୍ଟି ହେବ ନାହିଁ ବରଂ କଲ୍ୟାଣକାରୀ ସ୍ଥାନାନ୍ତର ଉପରେ ଦୀର୍ଘକାଳୀନ ନିର୍ଭରଶୀଳତା ହ୍ରାସ ପାଇବ, ରାଜ୍ୟ ରାଜସ୍ୱ ବୃଦ୍ଧି ହେବ, ଘରୋଇ ନିବେଶ ଏବଂ ସିଏସଆର ପ୍ରବାହ ଆକର୍ଷିତ ହେବ ଏବଂ ସ୍ଥିର ନିଯୁକ୍ତି ମାଧ୍ୟମରେ ମର୍ଯ୍ୟାଦା ପୁନରୁଦ୍ଧାର ହେବ।

# ବିଧାୟିକା ସୋଫିଆଙ୍କ ଦ୍ୱାରା ଅବସରପ୍ରାପ୍ତ ବାୟୁସେନା କର୍ମଚାରୀ ସଂଘର କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ

**କଟକ, ୨୯।୧ (ନି.ପ୍ର):** କଟକ ସିଡିଏ ସେକ୍ଟର-୭ ଅଞ୍ଚଳରେ ଅବସରପ୍ରାପ୍ତ ବାୟୁସେନା କର୍ମଚାରୀଙ୍କ ସାମାଜିକ ସୁବିଧା ପାଇଁ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି।



କଟକ ଅବସରପ୍ରାପ୍ତ ଏୟାର ଫୋର୍ସ କର୍ମଚାରୀ ସଂଘର ନବନିର୍ମିତ କମ୍ୟୁନିଟି ସେଣ୍ଟରକୁ ବାରବାଟୀ-କଟକ ବିଧାୟିକା ସୋଫିଆ। ଫିରଦୋସ ଆନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କରିଛନ୍ତି। ସଂଘର ସଦସ୍ୟମାନଙ୍କ ଦୀର୍ଘଦିନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଧାୟକ ଉନ୍ନୟନ ପାଣ୍ଠି ସହାୟତାରେ ଏହି ଗୃହଟି ନିର୍ମାଣ କରାଯାଇଛି। ଦେଶମାତୃକାର ସେବା କରି ଅବସର ଗ୍ରହଣ କରିଥିବା ବୀର ଯବାନମାନଙ୍କ ସମ୍ମାନାର୍ଥେ ଏହି ପ୍ରକଳ୍ପ ସହାୟକ ହେବ ବୋଲି ବିଧାୟିକା ଶ୍ରୀମତୀ ଫିରଦୋସ କହିଛନ୍ତି। ଏହି କେନ୍ଦ୍ରଟି ଆଗାମୀ ଦିନରେ ଅବସରପ୍ରାପ୍ତ ବାୟୁସେନା କର୍ମଚାରୀଙ୍କ ବିଭିନ୍ନ ସାଂଗଠନିକ କାର୍ଯ୍ୟକ୍ରମ, ସାମାଜିକ ସମ୍ମିଳନୀ ଏବଂ ଜନହିତକର କାର୍ଯ୍ୟ ପାଇଁ ଏକ ପ୍ରମୁଖ ମାଧ୍ୟମ ସାଜିବ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସଂଘର କର୍ମକର୍ତ୍ତାଙ୍କ ସମେତ ବହୁ ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ଓ ସ୍ଥାନୀୟ ବ୍ୟକ୍ତିବିଶେଷ ଯୋଗଦେଇ ବିଧାୟିକାଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ।



ବେଦାନ୍ତ ସେସା ଗୋଆ ପକ୍ଷରୁ ୭୭ତମ ଗଣତନ୍ତ୍ର ଦିବସ ପାଳିତ।

# ଏନସିସି ହେଉଛି ଭାରତର ଯୁବ ଶକ୍ତିକୁ ସଶକ୍ତ କରୁଥିବା ଏକ ଆନ୍ଦୋଳନ : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୯।୧ (ପିଆଇବି):: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀର କାରିଆପ୍ପା ପରେଡ୍ ଗ୍ରାଉଣ୍ଡରେ ବାର୍ଷିକ ଏନସିସି ପିଏମ୍ ରାଲିକୁ ସମ୍ବୋଧିତ କରିଛନ୍ତି। ଏନସିସି ଦିବସ ଅବସରରେ ସମାବେଶକୁ ଶୁଭେଚ୍ଛା ଜଣାଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏନ୍ସିସି, ଏନ୍ଏସ୍ଏସ୍ କ୍ୟାଡେଟ୍, ଟାବ୍ଲୋ କଳାକାର, ଜାତୀୟ ରଙ୍ଗଶାଳାର ସାଥୀ ଏବଂ ସମଗ୍ର ଦେଶର ଯୁବ ଅଂଶଗ୍ରହଣକାରୀଙ୍କ ପ୍ରୟାସ ସେମାନଙ୍କର ସମନ୍ୱିତ ପ୍ରଦର୍ଶନରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି। ଶ୍ରୀ ମୋଦୀ ଦୁଃଖର ସହିତ ଉଲ୍ଲେଖ କରିଛନ୍ତି ଯେ, ଆଜି ସକାଳେ ମହାରାଷ୍ଟ୍ରରେ ଘଟିଥିବା ଦୁଃଖଦ ବିମାନ ଦୁର୍ଘଟଣା ଯୋଗୁଁ ଏହି ଦିନଟି ବହୁତ ଦୁଃଖ ଆଣି ଦେଇଛି, ଯେଉଁଥିରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ଅଜିତ ପାୱାର ଏବଂ କିଛି ସହକର୍ମୀଙ୍କ ଜୀବନ ହାନୀ ହୋଇଛି। ଅଜିତ ଦାଦା ମହାରାଷ୍ଟ୍ର ଓ ଦେଶର ବିକାଶରେ, ବିଶେଷକରି ଗ୍ରାମୀଣ ଜୀବନକୁ ଉନ୍ନତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିଲେ। ଏଥି ସହିତ ପ୍ରଧାନମନ୍ତ୍ରୀ ଶ୍ରୀ ଅଜିତ ପାୱାରଙ୍କ ପରିବାର ପ୍ରତି ସମବେଦନା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଏହି ଯନ୍ତ୍ରଣାର ମୁହୂର୍ତ୍ତରେ, ଦେଶ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ସହିତ ଠିଆ ହୋଇଛି। ପ୍ରଧାନମନ୍ତ୍ରୀ ଏହି ଦୁଃଖ ଓ ସମବେଦନାର ମୁହୂର୍ତ୍ତରେ, ବନ୍ଧୁ ରାଷ୍ଟ୍ରର କ୍ୟାଡେଟଙ୍କ ସମେତ ଉପସ୍ଥିତ ସମସ୍ତ କ୍ୟାଡେଟମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଏବଂ ଏହି ବର୍ଷ ବାଳିକା କ୍ୟାଡେଟ୍ମାନଙ୍କ ବିପୁଳ ଅଂଶଗ୍ରହଣକୁ ସ୍ୱୀକାର କରିଛନ୍ତି।



'ଏନସିସି ହେଉଛି ଏକ ଆନ୍ଦୋଳନ ଯାହା ଭାରତର ଯୁବପିଢ଼ିଙ୍କୁ ଆତ୍ମବିଶ୍ୱାସୀ, ଶୃଙ୍ଖଳିତ, ସମ୍ବେଦନଶୀଳ ଓ ଦେଶ ପ୍ରତି ସମର୍ପିତ ନାଗରିକ ଭାବରେ ଗଢ଼ିଥାଏ," ବୋଲି ଉଲ୍ଲେଖ କରି ଶ୍ରୀ ମୋଦୀ କହିଛନ୍ତି ଯେ, ପ୍ରତିବର୍ଷ କ୍ୟାଡେଟମାନେ ସେମାନଙ୍କର ଭୂମିକାକୁ ଆହୁରି ମଜଭୁତ କରୁଛନ୍ତି। ଏଥିସହିତ ଏନସିସି କ୍ୟାଡେଟ୍ଙ୍କ ସଂଖ୍ୟା ସାମ୍ପ୍ରତିକ ବର୍ଷଗୁଡ଼ିକରେ ୧୪ ଲକ୍ଷରୁ ୨୦ ଲକ୍ଷକୁ ବୃଦ୍ଧି ପାଇଛି ଯାହା ସୀମାନ୍ତ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ଉଲ୍ଲେଖନୀୟ ଅଭିବୃଦ୍ଧି ପ୍ରଦର୍ଶିତ କରୁଛି।

ସାରା ଦେଶରେ ପ୍ରବଳ ଉତ୍ସାହର ସହିତ ୧୫୦ ବର୍ଷର 'ବନ୍ଦେ ମାତରମ୍' ପାଳନକୁ ଉଦାହରଣ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏନସିସି ହେଉଛି ଏମିତି ଏକ ପ୍ଲାଟଫର୍ମ ଯେଉଁଠାରେ ଯୁବପିଢ଼ି ତାଙ୍କର ସାଂସ୍କୃତିକ ଐତିହ୍ୟକୁ ଗର୍ବର ସହିତ ଜୀବନ୍ତ କରନ୍ତି। ସେ ପରମବୀର ସାଗର ଯାତ୍ରାକୁ ଏକ ଉତ୍କୃଷ୍ଟ ଉଦାହରଣ ଭାବରେ ସ୍ମରଣ କରାଇଛନ୍ତି, କିଛି ବର୍ଷ ପୂର୍ବେ ସରକାର ଆଣ୍ଡାମାନ ଏବଂ ନିକୋବରର ୨୧ଟି ଦ୍ୱୀପପୁଞ୍ଜକୁ ପରମବୀର ଚକ୍ର ପୁରସ୍କାରପ୍ରାପ୍ତଙ୍କ ନାମରେ ନାମିତ କରିଥିଲେ ଏବଂ କ୍ୟାଡେଟମାନେ ସେମାନଙ୍କର ନୌବାହନ ଅଭିଯାନ ମାଧ୍ୟମରେ ଜାତୀୟ ବୀରମାନଙ୍କୁ ସମ୍ମାନିତ କରିବାର ଏହି ମନୋଭାବକୁ ଆଗକୁ ବଢ଼ାଉଥିଲେ। ଶ୍ରୀ ମୋଦୀ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ଲାକ୍ଷାଦ୍ୱୀପରେ, ଦ୍ୱୀପ ମହୋତ୍ସବ ମାଧ୍ୟମରେ, କ୍ୟାଡେଟମାନେ ସମୁଦ୍ର, ସଂସ୍କୃତି ଏବଂ ପ୍ରକୃତିକୁ ଏକାଠି ପାଳନ କରିଥିଲେ। ଶ୍ରୀ ମୋଦୀ ମନ୍ତବ୍ୟ ଦେଇଛନ୍ତି ଯେ, ଏନସିସି ସ୍ମାରକୀରୁ ସଡକ ପର୍ଯ୍ୟନ୍ତ ଇତିହାସକୁ ଜୀବନ୍ତ କରିଛି, ଏହାର ସାଇକଲ୍ ରାଲି ମାଧ୍ୟମରେ ବାଜିରାଓ ପେଶ୍ୱାଙ୍କର ସାହସ, ମହାନ୍ ଯୋଦ୍ଧା ଲଚ୍ଚିତ ବୋରଫୁକାନଙ୍କର କୌଶଳ, ଏବଂ ଭଗବାନ ବୀର୍ସା ମୁଣ୍ଡାଙ୍କର ନେତୃତ୍ୱକୁ ପ୍ରଦର୍ଶିତ କରି, ଜନସାଧାରଣରେ ସଚେତନତା ସୃଷ୍ଟି କରାଇଛି। ସେ ସମସ୍ତ କ୍ୟାଡେଟଙ୍କ ପ୍ରୟାସକୁ ପ୍ରଶଂସା କରିଛନ୍ତି ଏବଂ ଆଜି ସମ୍ମାନିତ ହୋଇଥିବା ଲୋକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି ଯେ, ୟୁରୋପୀୟ ସଂଘ ସହିତ ସମ୍ପ୍ରତି ବୁଝାମଣା ହୋଇଥିବା ମୁକ୍ତ ବାଣିଜ୍ୟ ଚୁକ୍ତିନାମାକୁ 'ସମସ୍ତ ଚୁକ୍ତିର ଜନନୀ' ଭାବରେ ପ୍ରଶଂସା କରାଯାଉଛି ଏବଂ ଏକ ବିଶ୍ୱସ୍ତରୀୟ ଗେମ୍ ଚେଞ୍ଜର୍ ଭାବରେ ବର୍ଣ୍ଣନା କରାଯାଉଛି। ସେ ଗୁରୁତ୍ୱାରୋପ କରି କହିଛନ୍ତି ଯେ, ଏହି ଏଫ୍ଟିଏ ବିଶ୍ୱର ଜିଡିପିର ଏକ ଚତୁର୍ଥାଂଶ ଓ ବିଶ୍ୱ ବାଣିଜ୍ୟର ଏକ ତୃତୀୟାଂଶ ପ୍ରତିନିଧିତ୍ୱ କରେ ଏଥିସହିତ ଏହା ପ୍ରକୃତରେ ଭାରତର ଯୁବପିଢ଼ି ପାଇଁ 'ଆକାଂକ୍ଷା କରିବାର ସ୍ୱାଧୀନତା'।

# ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲାସ୍ତରୀୟ ସମ୍ମିଳନୀ



ଭବାନୀପାଟଣା, ୨୯।୧ (ନି.ପ୍ର.):ଜାତୀୟ ସ୍ୱାସ୍ଥ୍ୟ ମିଶନ ତରଫରୁ ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତି ଏବଂ ଜଣ ଆରୋଗ୍ୟ ସମିତି ସମ୍ମିଳନୀ ୨୦୨୫-୨୬ ଆଜି ସ୍ଥାନୀୟ ଟାଉନହଲ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ(ସାଧାରଣ) ତନ୍ମୟ କୁମାର ଦରୱାନ,ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ହରେ କୃଷ୍ଣ ଶତପଥି,ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ନିହାରେନ୍ଦ୍ର ପଣ୍ଡା,ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ରାକେଶ କୁମାର ସାହୁ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ଦେବୀ ପ୍ରସାଦ ମହାପାତ୍ର,ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଜାତୀୟ ସ୍ୱାସ୍ଥ୍ୟ ମିଶନ ଦିଲୀପ କୁମାର ଦୁବେ ପ୍ରମୁଖ ଯୋଗଦେଇ ଜିଲ୍ଲା ସ୍ତରୀୟ ସମ୍ମିଳନୀ ଆୟୋଜନ ର ଆଭିମୁଖ୍ୟ ସମ୍ପର୍କରେ ଉଲ୍ଲେଖ କରି ଗ୍ରାମ ସ୍ତରରେ ସ୍ୱାସ୍ଥ୍ୟ ସଚେତନତା, ସ୍ୱାସ୍ଥ୍ୟ ସେବା ସହିତ ଗାଁ ର ଉନ୍ନତି,ଓ ବିକାଶ କ୍ଷେତ୍ରରେ ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡି କର୍ମୀ ଓ ଆଶା ଦିଦି ମାନଙ୍କର ପ୍ରମୁଖ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସମ୍ମିଳନୀରେ

ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଅନ୍ତର୍ଗତ ପ୍ରମୁଖ ଲକ୍ଷ ଏବଂ ଉଦ୍ଦେଶ୍ୟ ତଥା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସଂକ୍ଷିପ୍ତ ଆଲୋଚନା କରାଯାଇଥିଲା। ଜିଲ୍ଲା ରୁ ମାତୃମୃତ୍ୟୁ ଏବଂ ଶିଶୁ ମୃତ୍ୟୁ ହାର ହ୍ରାସ କରିବା ସହିତ ବିଭିନ୍ନ ଜନସ୍ୱାସ୍ଥ୍ୟ ସେବା ଯଥା – ମହିଳା ଓ ଶିଶୁ ସ୍ୱାସ୍ଥ୍ୟ, ଟିକାକରଣ, ଜଳ ଓ ପରିମଳ, ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାଧନ, ସଂକ୍ରାମକ ଏବଂ ଅଣସଂକ୍ରାମକ ରୋଗ ସହିତ ଆଞ୍ଚଳିକ ସ୍ତରରେ ପରିଦୃଷ୍ଟ ରୋଗ ସମୂହର ପ୍ରତିରୋଧ ଓ ନିୟନ୍ତ୍ରଣ, ସମନ୍ୱିତ ପ୍ରାଥମିକ ସ୍ୱାସ୍ଥ୍ୟ ସେବାକୁ ସାର୍ବଜନୀନ କରିବା ସହିତ ଜନସଂଖ୍ୟା ସ୍ଥିରୀକରଣ, ଲିଙ୍ଗଗତ ସମାନତା ଏବଂ ଜନସଂଖ୍ୟା ଭିତ୍ତିକ ଭାରସାମ୍ୟ ରକ୍ଷା କରିବା ସହିତ ସୁସ୍ଥ ଜୀବନ ଶୈଳୀକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମକୁ ସୁଚାରୁରୂପେ ଗ୍ରାମାଞ୍ଚଳ ତଥା ଜନସାଧାରଣଙ୍କର ସୁବିଧା ପାଇଁ ଅଧିସ୍ୱୀକୃତ ସାମାଜିକ ସ୍ୱାସ୍ଥ୍ୟ ସହାୟିକା, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା , ଜନନୀ ସ୍ୱାସ୍ଥ୍ୟ ଯୋଜନା ସମନ୍ୱିତ ରୋଗ ନିରୀକ୍ଷଣ କାର୍ଯ୍ୟକ୍ରମ ଦ୍ୱାରା ବିଭିନ୍ନ ପ୍ରକାର ମହାମାରୀ କିମ୍ବା ସ୍ୱାସ୍ଥ୍ୟ ବିପର୍ଯ୍ୟୟ ପରିସ୍ଥିତିକୁ ନିୟନ୍ତ୍ରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ଯବାନଙ୍କ ବିୟୋଗରେ ଶୋକପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯।୧ (ନି.ପ୍ର.): ଯବାନଙ୍କ ବିୟୋଗରେ ଶୋକପ୍ରକାଶ କଲେ ମୁଖ୍ୟମନ୍ତ୍ରୀ । ଏନେଇ ଏକ୍ସରେ ସୂଚନା ଦେଲେ ମୁଖ୍ୟମନ୍ତ୍ରୀ । ଏନେଇ ସେ ଏକ୍ସରେ ଲେଖିଛନ୍ତି, "ଜମ୍ମୁ-କାଶ୍ମୀରରେ କାର୍ଯ୍ୟରତ ଥିବା ନୟାଗଡ଼ ଜିଲ୍ଲା ଆନନ୍ଦପଲ୍ଲୀ ଗାଁର ବୀର ଯବାନ ଜିତୁ ବେହେରାଙ୍କ ଅକାଳ ବିୟୋଗରେ ମୁଁ ଗଭୀର ଭାବେ ମର୍ମାହତ। ଦେଶର ସୁରକ୍ଷା ପାଇଁ ନିଜକୁ



ସମର୍ପିତ କରିଥିବା ଜଣେ ଓଡ଼ିଆ ପୁଅକୁ ହରାଇବା ଆମ ରାଜ୍ୟ ତଥା ଦେଶ ପାଇଁ ଏକ ଅପୂରଣୀୟ କ୍ଷତି। ଭାରତୀୟ ସେନାରେ ତାଙ୍କର ନିଷ୍ଠାପର ସେବା ଏବଂ ଅତୁଲ୍ୟ ଦେଶପ୍ରେମ ଯୁବପିଢ଼ିଙ୍କ ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ। ଏହି ଦୁଃଖଦ ମୁହୂର୍ତ୍ତରେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାର ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ।"

# ବିଜେପିର ପ୍ରଦେଶସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକ

ଭୁବନେଶ୍ୱର, ୨୯/୦୧ : ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ପାର୍ଟିର ବିଧାୟକ, ରାଜ୍ୟ ପଦାଧିକାରୀ, ଜିଲ୍ଲା ସଭାପତି, ଜିଲ୍ଲା ପ୍ରଭାରୀ, ବିଧାନସଭା ପ୍ରାର୍ଥୀଙ୍କୁ ନେଇ ଏକ ବିଶେଷ ପ୍ରଦେଶସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ପ୍ରଭାରୀ ଶ୍ରୀ ବିଜୟ ପାଲ ସିଂହ ତୋମାର, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପାର୍ଟିର ସାଂଗଠନିକ କାର୍ଯ୍ୟ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟଗୁଡିକ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ ବୋଲି ରାଜ୍ୟ ସାଧାରଣ ସଂପାଦକ ବିରଂଚି ନାରାୟଣ ତ୍ରିପାଠୀ ସୂଚନା ଦେଇଛନ୍ତି। ବୈଠକ ସଂପର୍କରେ ସୂଚନା ଦେଇ ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ବୈଠକରେ ବିଶେଷ କରି ପାର୍ଟିର ସାଂଗଠନିକ ବ୍ୟବସ୍ଥାର ସମୀକ୍ଷା,



ବୁଥ୍ ଠାରୁ ଆରମ୍ଭ କରି ଜିଲ୍ଲା କମିଟି ଗଠନ; ମଣ୍ଡଳ କମିଟି ଓ ବିଭିନ୍ନ ମୋର୍ଚ୍ଚା କମିଟି ଗଠନ ବିଷୟରେ ବିସ୍ତୃତ ଭାବରେ ଆଲୋଚନା ହୋଇ ସମସ୍ତ କାର୍ଯ୍ୟକୁ ତୁରନ୍ତ କିପରି ସମାପ୍ତ କରାଯିବ ତାର ଯୋଜନା ପ୍ରସ୍ତୁତ କରାଗଲା। ସେହିପରି ଗରିବମାନଙ୍କ କଲ୍ୟାଣ ଓ ଉତଥାନ ପାଇଁ "ଭିବି-ଜି-ରାମ୍‌ଜି" ଯୋଜନାର ତୃଣମୂଳ ସ୍ତରରେ ସଫଳ ରୂପାୟନ ଓ କାର୍ଯ୍ୟାନ୍ୱୟନ କରାଯିବାକୁ ପ୍ରାଧାନ୍ୟ ଦିଆଯାଇଥିଲା। ଭାରତୀୟ ଜନତା ପାର୍ଟି ଏକ ରାଜନୈତିକ ଦଳ ଏବଂ ସବୁବେଳେ ନିର୍ବାଚନ ପାଇଁ ପୂର୍ବ ଓ ପୂର୍ଣ୍ଣ ପ୍ରସ୍ତୁତ ଥାଏ। ସେହି ଆଧାରରେ ଆଗାମୀ ଦିନମାନଙ୍କରେ ହେବାକୁ ଥିବା ନିର୍ବାଚନ ପାଇଁ କାର୍ଯ୍ୟ ଖସଡା ପ୍ରସ୍ତୁତି ପ୍ରସଙ୍ଗରେ ଆଜିର ବୈଠକରେ ଆଲୋଚନା କରାଯାଇଛି ବୋଲି ଶ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି।

# ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କଲେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ

ଭୁବନେଶ୍ୱର, ୨୯।୧ (ନି.ପ୍ର.): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ, ଆନ୍ଧ୍ରପ୍ରଦେଶର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ରାଜ୍ୟର ପ୍ରମୁଖ ରେଳ ଭିତ୍ତିଭୂମି ଏବଂ ବିକାଶମୂଳକ ପ୍ରକଳ୍ପ ଗୁଡିକର ଅଗ୍ରଗତିର ଆକଳନ କରାଯାଇଥିଲା।



ଏହି ବୈଠକରେ ପୂର୍ବତଟ ରେଳପଥ, ଦକ୍ଷିଣ କେନ୍ଦ୍ରୀୟ ରେଳପଥ ଏବଂ ଦକ୍ଷିଣତଟ ରେଳପଥର ମହାପ୍ରବନ୍ଧକମାନଙ୍କ ସହିତ ଭାରତୀୟ ରେଳବାଇ ଏବଂ ଆନ୍ଧ୍ରପ୍ରଦେଶ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ, ଯେଉଁଥିରେ ରାଜ୍ୟ ସରକାରଙ୍କ ରାଜସ୍ୱ ଏବଂ ଜଙ୍ଗଲ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀମାନେ ମଧ୍ୟ ସାମିଲ ଥିଲେ। ଆର୍ଥିକ ଅଭିବୃଦ୍ଧି, ଯାତ୍ରୀ ସୁବିଧା ଏବଂ ପଣ୍ୟ ପରିବହନକୁ ସମର୍ଥନ କରିବା ପାଇଁ ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବା, ଲାଇନ କ୍ଷମତା ବୃଦ୍ଧି କରିବା ଏବଂ ସଂଯୋଗୀକରଣରେ ଉନ୍ନତ କରିବା ଉପରେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକ ସମୟରେ ପୂର୍ବତଟ ରେଳପଥ ସହିତ ଜଡିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ସମୀକ୍ଷା କରାଯାଇଥିଲା। ଏଥିରେ କୋଟ୍ଟାଭାଲସା-କୋରାପୁଟ ରେଳ ଲାଇନର ଦୋହରୀକରଣ, କୋଟ୍ଟାଭାଲସା ଏବଂ ବିଜୟନଗରମ ମଧ୍ୟରେ ଚତୁର୍ଥ ଲାଇନ ଏବଂ ବ୍ୟସ୍ତବହୁଳ ହାଓଡା-ଚେନ୍ନାଇ ମୁଖ୍ୟ ଲାଇନ ସହିତ ବିଜୟନଗରମ ଏବଂ ନୌପଡା ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନର ମଧ୍ୟ ସମୀକ୍ଷା କରାଯାଇଥିଲା। ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶ ମଧ୍ୟରେ ସଂଯୋଗକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ବିଜୟନଗରମ-ଟିଟିଲାଗଡ଼ ତୃତୀୟ ଲାଇନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଏହା ସହିତ, ବିଶ୍ୱସ୍ତରୀୟ ଯାତ୍ରୀ ସୁବିଧା ଏବଂ ଆଧୁନିକ ଷ୍ଟେସନ ଭିତ୍ତିଭୂମି ଯୋଗାଇବା ପାଇଁ କରାଯାଉଥିବା ବିଶାଖାପାଟଣା ରେଳ ଷ୍ଟେସନର ପ୍ରମୁଖ ଉନ୍ନତିକରଣ ଆଲୋଚନାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା। ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରକଳ୍ପଗୁଡ଼ିକୁ ଠିକ୍ ସମୟରେ ଶେଷ କରିବା ଲାଗି ରାଜ୍ୟ ସରକାର ଏବଂ ଭାରତୀୟ ରେଳବାଇ ମଧ୍ୟରେ ଘନିଷ୍ଠ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଆବଶ୍ୟକ ବୈଧାନିକ ମଞ୍ଜୁରି ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି ରାଜସ୍ୱ ଓ ଜଙ୍ଗଲ ସମେତ ସମ୍ପୃକ୍ତ ବିଭାଗ ଗୁଡ଼ିକୁ ପରାମର୍ଶ ଦେଇଥିଲେ। ସେ ଭୂମି ଅଧିଗ୍ରହଣ, ମଞ୍ଜୁରି ଏବଂ ଆନ୍ତଃବିଭାଗୀୟ ସମନ୍ୱୟ ସମ୍ବନ୍ଧୀୟ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ପୂର୍ଣ୍ଣ ସମର୍ଥନ ପାଇଁ ମଧ୍ୟ ସେ ପ୍ରତିଶ୍ରୁତି ଦେଇଥିଲେ।

# ସୋଆ ଏବଂ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମଧ୍ୟରେ ମିଳିତ ଗବେଷଣା ନିମନ୍ତେ ବୁଝାମଣା ସ୍ୱାକ୍ଷରିତ

ଭୁବନେଶ୍ୱର, ୨୯।୧ (ନି.ପ୍ର.): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ, ମଧ୍ୟରେ କୃଷି ବିଜ୍ଞାନ କ୍ଷେତ୍ରରେ ଶୈକ୍ଷିକ, ଗବେଷଣାତ୍ମକ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସହଭାଗିତାକୁ ନେଇ ଏଠାରେ ବୁଧବାର ଏକ ବୁଝାମଣା ସ୍ୱାକ୍ଷରିତ ହୋଇଯାଇଛି। ବୁଝାମଣା ଅନୁଯାୟୀ ସୋଆ ଏବଂ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୃଷି ଏବଂ ତତ୍‌ସଂଲଗ୍ନ ବିଭିନ୍ନ କ୍ଷେତ୍ରରେ ଗବେଷଣା ଏବଂ




ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ନେଇ ମିଳିତ ଭାବେ କାର୍ଯ୍ୟ କରିବେ।

ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡାଙ୍କ ମଧ୍ୟରେ ଏହି ବୁଝାମଣା ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍)ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ଏଗ୍ରିକଲ୍‌ଚରାଲ ଏକ୍‌ସ୍‌ଟେନ୍‌ସନ୍ ଆଣ୍ଡ କମ୍ୟୁନିକେସନ ବିଭାଗର ମୁଖ୍ୟ ପ୍ରଫେସର ଡକ୍ଟର ବିବୁଧ ପରାଶର, ଆସୋସିଏଟ ପ୍ରଫେସର (ଡକ୍ଟର) ଅଂଶୁମାନ ଜେନା, ଏଗ୍ରୋନୋମି ବିଭାଗର ଆସୋସିଏଟ ପ୍ରଫେସର (ଡକ୍ଟର) ଶୁଭପ୍ରଦ ଦାଶ ଓ ଆଡମିନିଷ୍ଟ୍ରେଟିଭ ଅଫିସର ପ୍ରମୋଦ କୁମାର ପଣ୍ଡା ଉପସ୍ଥିତ ଥିଲେ। ସେହିପରି ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୃଷି ବିଭାଗ ମୁଖ୍ୟ ତଥା ଆସୋସିଏଟ୍ ପ୍ରଫେସର ଡକ୍ଟର ମଞ୍ଜୁଶ୍ରୀ ସିଂହ ଏବଂ ଦୁଗ୍ଧ ବିଜ୍ଞାନ ବିଭାଗ ମୁଖ୍ୟ ତଥା ଆସୋସିଏଟ ପ୍ରଫେସର ଡକ୍ଟର ସଞ୍ଜୟ କେ. ପ୍ରଧାନ ବୁଝାମଣା ସ୍ୱାକ୍ଷର ସମୟରେ ଉପସ୍ଥିତ ଥିଲେ। ବୁଝାମଣା ଅନୁଯାୟୀ ଉଭୟ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଫ୍ୟାକଲ୍ଟି ଏବଂ ବୈଜ୍ଞାନିକଙ୍କ ମଧ୍ୟରେ ମେଥୋଡଲଜି, ଟେକ୍ନୋଲଜି, ବିଜ୍ଞାନ ଏବଂ ସୂଚନାର ଆଦାନପ୍ରଦାନ ହେବ। ଏଥି ସହିତ ଦୁଇଟି ଅନୁଷ୍ଠାନ ମଧ୍ୟରେ ଲାବୋରେଟୋରୀ ସୁବିଧା ମଧ୍ୟ ବ୍ୟବହାର କରାଯିବାର ନିଷ୍ପତି ନିଆଯାଇଛି।

## ସର୍ବଭାରତୀୟ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମାରକୀ ଫୁଟବଲ

# ଫୁଲବାଣି ସ୍ପୋର୍ଟ୍ସ ହଷ୍ଟେଲକୁ ହରାଇ କୁଚିଣ୍ଡା ବିଏଫ୍‌ସି ଫାଇନାଲରେ



## ସେମିରେ ସୋନପୁର ରାମଧୂନ କ୍ଲବ ବିଜୟୀ

ବଲାଙ୍ଗିର, ୨୯।୧ (ନି.ପ୍ର.): ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ସର୍ବଭାରତୀୟ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ପ୍ରଥମ ସେମି ଫାଇନାଲ କୁଚିଣ୍ଡା ବିଏଫ୍‌ସି ବନାମ ଫୁଲବାଣି ସ୍ପୋର୍ଟ୍ସ ହଷ୍ଟେଲ ଖେଳ ୧-୧ ଗୋଲରେ ଡ୍ର ରହିଥିଲା। ଟ୍ରାଇବ୍ରେକର ୩-୧ ଗୋଲରେ କୁଚିଣ୍ଡା ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲ କୁ ପ୍ରବେଶ କରିଛି। ବଲାଙ୍ଗିର ବିଧାୟକ ତଥା ଟୁର୍ଣ୍ଣାମେଣ୍ଟ କମିଟି ସଭାପତି କଳିକେଶ ନାରାୟଣ ସିଂଦେଓ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ ବରଗଡ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖେଳାଳି ତଥା ଦର୍ଶକମାନଙ୍କୁ ଉତ୍ସାହିତ କରିଥିଲେ । ଖେଳରେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠି, ଉପ-ଜିଲ୍ଲାପାଳ ଆଲୋକ କୁମାର ପଟେଲ, ଯୁବ ନେତା ମନ୍ମଥ ନାରାୟଣ ସିଂଦେଓ, କ୍ରିଡାବିତ୍ ତଥା ଯୁବନେତା ଅଜୟ ଦାସ, କ୍ରୀଡା ସଂସଦର ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଅତିଥି ଭାବେ ଯୋଗ ଦେଇ ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ ସିଂଦେଓ ଙ୍କ ଫୁଟବଲ ଖେଳ ଅବଦାନ ପ୍ରତି ଉଦ୍‌ବୋଧନ ଦେଇଥିଲେ । ଖେଳକୁ ସଂଜନ କୁଦେଇ, ଦୋଳ ଗୋବିନ୍ଦ ମୁଣ୍ଡା, ଦେବାଶିଷ ବାଗ, ସଂଜିବ ମହାରଣା ପରିଚାଳନା କରିଥିଲେ । ଖେଳ ରେ କୁଚିଣ୍ଡା ଦଳର ଗୋଲ କିପର ଅମିତ କୁଜୁର ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ମ୍ୟାନ୍ ଅଫ୍ ଦି ମ୍ୟାଚ ଅର୍ଜନ କରି ୨ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା । ମଂଚାସିନ ଅତିଥିମାନଙ୍କ ମଧ୍ୟରେ ଫାଓ ଓଡିଶା ତଥା ଜିଲ୍ଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ.ଶ୍ରୀକର ମିଶ୍ର, କ୍ରୀଡା ସଂସଦର ସାଧାରଣ ସଂପାଦକ ହରି ନାରାୟଣ ପୁଜାରୀ, ପ୍ରତିଯୋଗିତାର କାର୍ଯ୍ୟକାରୀ ସଭାପତି ବିଧୂଭୂଷଣ ତ୍ରିପାଠି, ଉପ-ସଭାପତି ଶମ୍ଭୁ ପ୍ରସାଦ ନାଗ, ସଂପାଦକ ସାଗର ସଂଗମ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ । କ୍ରୀଡା ସଂସଦର ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିବା ବେଳେ ଜିଲ୍ଲା କ୍ରୀଡା ସଂସଦର କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା ମଂଚ ସଂଚାଳନ କରିଥିଲେ।

ତୃତୀୟ ଦିନ ଖେଳରେ ସୋନପୁର ରାମଧୂନ କ୍ଲବ ୩-୧ ଗୋଲ ରେ ରୋଭର୍ସ ଏଫ୍‌ସି ଭିଲେଇ କୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଛି । ଟୁର୍ଣ୍ଣାମେଣ୍ଟ କମିଟି କାର୍ଯ୍ୟକାରୀ ସଭାପତି ବିଧୂ ଭୂଷଣ ତ୍ରିପାଠି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଖେଳରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ସୋନପୁର ବିଧାୟକ ନିରଞ୍ଜନ ପୁଝାରୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା, ପୂର୍ବତନ ମନ୍ତ୍ରୀ ବିଷ୍ଣୁପ୍ରୀୟା ବେହେରା, ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ସୋନପୁର ଜିଲ୍ଲାପରିଷଦ ଅଧ୍ୟକ୍ଷ ଙ୍କ ପ୍ରତିନିଧି ରଂଜନ ଠେଲା, ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ଡୁଙ୍ଗୁରିପାଲି ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ଓ କ୍ରୀଡା ସଂସଦ ଯୁଗ୍ମ ସଂପାଦକ ଶତ୍ରୁଘ୍ନ ସିଂ ଯୋଗ ଦେଇ ଖେଳାଳି ଓ ଦର୍ଶକମାନଙ୍କୁ ଉତ୍ସାହିତ କରିଥିଲେ । ଖେଳ ରେ ସୋନପୁର ଦଳର ଅଭୟ ମୁଣ୍ଡାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ଟ୍ରଫି ସହ ୨ହଜାର ଟଙ୍କା ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା । ପୂର୍ବତନ ଖେଳାଳି ଲୋକନାଥ ନେପାକ ଓ ସୁରେନ୍ଦ୍ର ନାଗ (ସୋନୁ) ଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା। କ୍ରୀଡା ସଂସଦର ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିବା ବେଳେ ଜିଲ୍ଲା କ୍ରୀଡା ସଂସଦର କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା ମଂଚ ସଂଚାଳନ କରିଥିଲେ।

# 'ଶ୍ରୀଗୁରୁ' ସମ୍ମାନରେ ସମ୍ମାନିତ

କୁକୁଡାଖଣ୍ଡି, ୨୯।୧ : ପୁରୀସ୍ଥିତ କେଶବସୁଭଦ୍ରା ପ୍ରତିଷ୍ଠାନ ନାମକ ଜାତୀୟ ସଂସ୍କୃତ ଗବେଷଣା କେନ୍ଦ୍ରର ବାର୍ଷିକ ଉତ୍ସବ ପାଳନ ଅବସରରେ ଭାରତର ବିଭିନ୍ନ ପ୍ରାନ୍ତରୁ ସଭାରେ ସମବେତ ହୋଇଥିବା ବିଶିଷ୍ଟ ତଥା ବରିଷ୍ଠ ସଂସ୍କୃତବିଦ୍ୱାନ୍ ମାନଙ୍କ ଉପସ୍ଥିତିରେ ବ୍ରହ୍ମପୁରରେ ବାସକରୁଥିବା ଅବସରପ୍ରାପ୍ତ ପଣ୍ଡିତ କବିରଶ୍ମି ବ୍ରଜକିଶୋର ତ୍ରିପାଠୀ, ଦୟାନିଧି ପୁର, ଜାମୁନୀ, ଗଞ୍ଜାମ ମହୋଦୟଙ୍କୁ ସଂସ୍କୃତ କାବ୍ୟରଚନାରେ ପାରଦର୍ଶିତା ହେତୁ 'ଶ୍ରୀଗୁରୁ' ସମ୍ମାନ ପ୍ରଦାନ କରାଯାଇଛି। ପୁରୀ ସହରରେ ଅବସ୍ଥିତ ଜିଲ୍ଲା ସଂସ୍କୃତି ଭବନରେ ଉକ୍ତ ପ୍ରତିଷ୍ଠାନର ମୁଖ୍ୟ ତଥା ସଭାପତି ପ୍ରଫେସର୍ ଡା. କେଶବଚନ୍ଦ୍ରଦାଶ କବିରଶ୍ମି ତ୍ରିପାଠୀଙ୍କୁ



ଉପଢୌକନ ଦେଇ ସ୍ୱାଗତ କରିବା ସହିତ ଦୁଇଟି ଧାତବଫଳକ ଓ ସମ୍ମାନପତ୍ର ପ୍ରଦାନ କରି ସମ୍ମାନିତ କରିଛନ୍ତି। ପ୍ରକାଶ ଥାଉକି, ପଣ୍ଡିତ ତ୍ରିପାଠୀ ଏଥିପୂର୍ବରୁ କବିରଶ୍ମି, ବ୍ୟାସକବି, ଧ୍ୟାନ ସମ୍ରାଟ୍, ଜ୍ଞାନଜ୍ୟୋତି ପ୍ରମୁଖ ବିଭିନ୍ନ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ସେ କାବ୍ୟ, ମହାକାବ୍ୟ, ଶତକ, ପୂଜାଗ୍ରନ୍ଥ ପ୍ରଭୃତି ୪୧ ଖଣ୍ଡ ସଂସ୍କୃତ ପୁସ୍ତକ ରଚନା କରିଛନ୍ତି।

# ଧୁମ୍‌ଧାମରେ ପାଳନ ହେଉଛି ଗୋପାଳପୁର ବେଳାଭୂମି ମହୋତ୍ସବ

ବ୍ରହ୍ମପୁର/ଗୋପାଳପୁର, ୨୯।୧ (ନି.ପ୍ର.): ଗୋପାଳପୁର ବେଳାଭୂମି ମହୋତ୍ସବ ତୃତୀୟ ଦିନରେ ପହଞ୍ଚିଲାଣି। ପାଖାପାଖି ୨୫୦ଟି ଷ୍ଟଲ ସହିତ ଏକ ବୃହତ୍ ପଲ୍ଲୀଶ୍ରୀ ମେଳା ଆୟୋଜିତ ହୋଇଛି। ସମଗ୍ର ଦେଶର ସ୍ୱୟଂ ସହାୟକ ଗୋଷ୍ଠୀ, ବିଭିନ୍ନ ଉଦ୍‌ଯୋଗ, ହସ୍ତଶିଳ୍ପ ଓ ହସ୍ତତନ୍ତ ୟୁନିଟ ଏବଂ ସ୍ଥାନୀୟ ବ୍ୟବସାୟୀମାନଙ୍କ ଉତ୍ପାଦ ଏହି ମେଳାରେ ପ୍ରଦର୍ଶିତ ହେଉଛି।

ପ୍ରଥମ ଦିନରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କ କରକମଳରେ ମହୋତ୍ସବ ଉଦଘାଟିତ ହୋଇଥିଲା। କେବଳ ଏକ ଆକର୍ଷଣୀୟ ବେଳାଭୂମି ଗନ୍ତବ୍ୟସ୍ଥଳ ନୁହେଁ, ଏହା ଏପରି ଏକ ସ୍ଥାନ ଯେଉଁଠାରେ ଇତିହାସ ବର୍ତ୍ତମାନ ସହିତ ମିଶିଛି ଏବଂ ପରମ୍ପରା ପ୍ରଗତି ସହିତ ହାତରେ ହାତ ମିଳାଇ ଚାଲିଛି । ଆମର ଉପକୂଳ କେବଳ ଏକ ଭୌତିକ ସୀମା ନୁହେଁ, ବରଂ ଜୀବିକା ଏବଂ ଆକାଂକ୍ଷାର ପ୍ରତୀକ। ପ୍ରାଚୀନ କଳିଙ୍ଗର ବୀର ସାଧବମାନେ ବିଶାଳ ସମୁଦ୍ର ପାର ହୋଇ ବାଣିଜ୍ୟ ସହ ଆମ ସଂସ୍କୃତି ଏବଂ ମୂଲ୍ୟବୋଧର ପ୍ରଚାରପ୍ରସାରରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ । ଓଡିଶା ସର୍ବଦା ବିଶ୍ୱଦୃଷ୍ଟି, ଆତ୍ମବିଶ୍ୱାସ ଏବଂ ଉନ୍ନତ ଚିନ୍ତାଧାରା ସହିତ ଗଭୀର ଭାବରେ ଜଡିତ ବୋଲି ରାଜ୍ୟପାଳକହିଛନ୍ତି । ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ଏବଂ ସୁକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଗଞ୍ଜାମ ଓ ଗୋପାଳପୁରର ସାମାଜିକ ଓ ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ଆଲୋକପାତ କରିଥିଲେ। ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ସୋରଡ଼ା ବିଧାୟକ ନୀଳମଣି ବିଶୋୟୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ





ଚନ୍ଦ୍ର ନାୟକ, ଗୋପାଳପୁର ଏନ ଏ ସି ଅଧ୍ୟକ୍ଷ ଏ ଜାନକୀ ରାଓ, ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଆଇ ଜି ନିତିନ କେଶର, ଜିଲ୍ଲାପାଳ ଭି କୀର୍ତ୍ତି ୱାସନ, ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ବେଳାଭୂମି ମହୋତ୍ସବର ଆଜିର ଦ୍ୱିତୀୟ ସଂଧ୍ୟାରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସାନ୍ଧ୍ୟ କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଶ୍ରୀ ପୂଜାରୀ ସାମୁଦ୍ରିକ ସୌନ୍ଦର୍ଯ୍ୟ କଡରେ ସାଂସ୍କୃତିକ ସୌନ୍ଦର୍ଯ୍ୟ ମୋତେ ଅଭିଭୂତ କରିଛି ଗୋପାଳପୁର ବେଳାଭୂମି ଅନ୍ତର୍ଜାତୀୟ ସ୍ତରରେ ନାମିତ ହେବ । ବନାରସର ସମୁଦ୍ର ଆଳତି କୁ ପ୍ରଶଂସା କରିଥିଲେ କ୍ଷ ଏହି ଉତ୍ସବ ଭକ୍ତିର ବାତାବରଣ ସାଜିଛି । ଉତ୍ସବ ଗୋଟେ ,ମହୋତ୍ସବ ଗୋଟେ କିନ୍ତୁ ଦିଗ ଅନେକ ବୋଲି କହିଥିଲେ। ଏହି ଉତ୍ସବରେ ଭାରତୀୟ ନୌବାହିନୀ ଏବଂ ତଟରକ୍ଷା ବାହିନୀ ପାରଦର୍ଶିତା ପ୍ରଦର୍ଶନୀର ପ୍ରଶଂସା କରିଥିଲେ। ପୁଣିଥରେ ଗଞ୍ଜାମ ପ୍ରତ୍ୟେକ ବର୍ଷ ଏହି ମହୋତ୍ସବ ପାଳନ କରିବାକୁ ଆହ୍ୱାନ ଦେଇଥିଲେ ।

ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗ ଦେଇ ଏହି ଜିଲ୍ଲାର କଳା ,ସଂସ୍କୃତି ଓ ପରମ୍ପରା ଝଲକ ଦେଖିବାକୁ ପାଇଥିଲେ। ବାଣିଜ୍ୟ ଓ ପରିବହନ ତଥା ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, , ମାନନୀୟା ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳେଇ, ଜିଲ୍ଲା ପରିଷଦର ଅଧ୍ୟକ୍ଷା ଅଞ୍ଜଳୀ ସ୍ୱାଇଁ,, ଗୋପାଳପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଏ. ଜାନକୀ ରାମ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସମୁଦ୍ରର ମନଲୋଭା ପବନ ଓ ଢେଉ ସନ୍ନିକଟରେ ଜାତୀୟସ୍ତରର ସୁନାମଧନ୍ୟ କଣ୍ଠଶିଳ୍ପୀ ମଇଥାଲି ଠାକୁର, ସୋହିନୀ ମିଶ୍ର, ରାହୁଲ ସିପ୍ଲିଗଞ୍ଜ ଏବଂ ଶଶାଙ୍କ ଶେଖରଙ୍କ ପରିଚିତ ସ୍ୱର, ଲୟ, ତାଳର ସଂଗୀତରେ ଦର୍ଶକ ମାନେ ବିଭୋର ହୋଇଥିଲେ। ଓଡିଶୀ, କାଲବେଲିଆ ରାଜସ୍ଥାନୀ, ମଡର୍ଣ୍ଣ ଡ୍ୟାନ୍ସ, ଆଦିବାସୀ ନୃତ୍ୟ, କାଠପଦାର ନବଦୂର୍ଗା, ମହାରାଷ୍ଟ୍ରର ଲବଣୀ, ବଲିଉଡ୍ ଫ୍ରି ଷ୍ଟାଇଲ୍, ପଶୁମୁଖା ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ମାଲଖମ୍ବ , ଆସାମର ବିହୁ, ଘୁମର ଚକ୍ରି କାଲବେଲିଆ ଓ ଅନ୍ୟାନ୍ୟ ଲୋକନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ